بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: 11-12

ବାର୍ଷିକ ଦେୟ : 600/-

www.akhbarbadr.in

12-19 ରମଜାନ୍ 1446 ହି.କ, 13-20 ଅମାନ୍ 1404 ହି.ଶ, 13-20 March 2025 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

أَيَّامًا مَّعۡدُوۡدٰتٍ ؕ فَمَنۡ كَانَ مِنۡكُمۡ مَّرِيۡضًا أَوۡ عَلٰى سَفَرٍ فَعِدَّةٌ مِّنۡ أَيَّامٍ أُخَرَ ؕ

(ଅଲ୍ ବକ୍ରାହ୍: 185)

**ଅନୁବାଦ:** ସୁତରାଂ ତୁମେମାନେ ରୋଜା ରଖ କେତେକ ନିର୍ଦ୍ଦିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ କିମ୍ବା ଯାତ୍ରା କରୁଥାଏ ତେବେ ସେପରିପ୍ରେକ୍ଷୀରେ ତାହାକୁ ଅନ୍ୟ ଦିନମାନଙ୍କରେ ସେହି ସଂଖ୍ୟା ରୋଜାକୁ ପୂର୍ଣ୍ଣ କରିବାକୁ ହେବ ।

### ଅହମଦିୟା ଖବର

ଅଲ୍‌ହମ୍‌ଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି । ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ତା- 8 ମାର୍ଚ୍ଚ 2024 ମସିହାରେ ମସ୍‌ଜିଦ୍ ମୁବାରକ (ଇସ୍‌ଲାମାବାଦ୍) ୟୁ.କେରୁ ଚକ୍ଷୁ ବର୍ଦ୍ଧକ ଖୁତ୍‌ବା ଜୁମା ପ୍ରଦାନ କଲେ। ଉକ୍ତ ଖୁତବା ଜୁମାର ସାରାଂଶ ଆଗାମୀ ସଂଖ୍ୟାମାନଙ୍କରେ ପ୍ରକାଶିତ ହେବ ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନିଜର ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଈଶ୍ୱର ମୋ ପ୍ରତି ଯେଉଁ ଅପାର କୃପା ପ୍ରଦର୍ଶନ କରିଛନ୍ତି, ଏପର୍ଯ୍ୟନ୍ତକି ଉକ୍ତ ଦୀର୍ଘ ଅବଧି ମଧ୍ୟରେ ପ୍ରତ୍ୟେକ ଦିନ ମୋ ପାଇଁ ଉନ୍ନତିର ଦିନ ଥିଲା ଏବଂ ମୋର ଧ୍ୱଂସ ତଥା କ୍ଷତି ସାଧନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଯେଉଁ ପାଦ ଆଗକୁ ବଢାଇ ପଦକ୍ଷେପ ଗ୍ରହଣ କଲା ଅଲ୍ଲାଃତାଲା ସେହି ଶତ୍ରୁକୁ ତିରସ୍କୃତ କରିଦେଲେ । ଯଦି ଉକ୍ତ ଅବଧି ଏବଂ ଉକ୍ତ ସମର୍ଥନର ତୁମ ନିକଟରେ କୌଣସି ଦୃଷ୍ଟାନ୍ତ (ପ୍ରମାଣ)ରହିଛି ତେବେ ତୁମେମାନେ ଉପସ୍ଥାପିତ କର । ଅନ୍ୟଥା ଉକ୍ତ କାରଣ ହେତୁ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ୍ وَلَوۡ تَقَوَّلَ عَلَيۡنَا ର ନିଦର୍ଶନ ମଧ୍ୟ ପ୍ରମାଣିତ ହୋଇଗଲା ଏବଂ ତୁମମାନଙ୍କୁ ଏଥି ସଂକ୍ରାନ୍ତରେ ଅବଶ୍ୟ ପଚରାଯିବ ।**

ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲାଙ୍କ ଉକ୍ତ କଥନ ରହିଛି ଯେ, وَلَوۡ تَقَوَّلَ عَلَيۡنَا بَعۡضَ الۡأَقَاوِيلِ لَأَخَذۡنَا مِنۡهُ بِالۡيَمِينِ ثُمَّ لَقَطَعۡنَا مِنۡهُ الۡوَتِينَ **(ଅଲ୍ ହାକ୍କା:44-47)** ଅନୁବାଦ୍: ଏବଂ ଯଦି ଏହି ବ୍ୟକ୍ତି ନିଜେ ମିଥ୍ୟାରଚନା କରି ଏହାକୁ ଆମ୍ଭର ବାର୍ତ୍ତା ବୋଲି କହନ୍ତେ (ତାହା ଥରେ ମାତ୍ର ହେଲେ ମଧ୍ୟ) ତେବେ ଆମ୍ଭେ ନିଶ୍ଚୟ ଦକ୍ଷିଣ ହସ୍ତ ଦ୍ୱାରା ତାହାଙ୍କୁ ଧରି ପକାନ୍ତୁ ଏବଂ ତାହାଙ୍କ ଜୀବନ ନାଟିକାକୁ କାଟି ଦେଇ ଥାଆନ୍ତୁ। ଯଦିଓ ଉପରୋକ୍ତ ଆୟତ୍ ଆଁହଦରତ ସ.ଅଙ୍କ ସଂକ୍ରାନ୍ତରେ ଅବତୀର୍ଣ୍ଣ ହୋଇଅଛି। କିନ୍ତୁ ଏହାର ଅର୍ଥ ସର୍ବସାଧାରଣଙ୍କ ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଅଟେ । ଯେପରିକି ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ବାକ୍ୟ ରହିଛି ଯେ, ପ୍ରକାଶ୍ୟ ରୂପେ ଅନେକ କରଣୀୟ ଓ ଅକରଣୀୟ ପ୍ରସଙ୍ଗ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କୁ ସମ୍ବୋଧନ କରାଯାଇଛି । କିନ୍ତୁ ସେହି ଆଦେଶାବଳୀମାନଙ୍କରେ ଅନ୍ୟ ମୁସଲମାନମାନେ ମଧ୍ୟ ସାମିଲ୍ ଅଟନ୍ତି କିମ୍ବା ସେହି ଆଦେଶାବଳୀଗୁଡ଼ିକ ଅନ୍ୟମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ । ଯେପରିକି ଉକ୍ତ ଆୟତ୍ ଅର୍ଥାତ୍ فَلَا تَقُلۡ لَّهُمَآ أُفٍّ وَلَا تَنۡهَرۡهُمَا وَقُلۡ لَّهُمَا قَوۡلًا كَرِيمًا **(ବନି ଇସ୍ରାଇଲ୍:24)** ଅର୍ଥାତ୍ ସେହି ପିତାମାତାଙ୍କ ମଧ୍ୟରୁ ଯଦି ଜଣକୁ କିମ୍ବା ଉଭୟକୁ ବାର୍ଦ୍ଧକ୍ୟ ଗ୍ରାସ କରେ ତେବେ ସେପରିପ୍ରେକ୍ଷୀରେ ତୁମେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ବ୍ୟକ୍ତ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କର ନାହିଁ ଓ ସେମାନଙ୍କ ସହ ସର୍ବଦା କୋମଳ ବଚନରେ କଥାବାର୍ତ୍ତା କର । ଉକ୍ତ ଆୟତ୍‌ରେ ଆଁହଜରତ ସ.ଅଙ୍କୁ ସମ୍ବୋଧନ କରି ଉକ୍ତ କଥା କୁହାଯାଇଛି । କିନ୍ତୁ ଏପରି ସମ୍ବୋଧନ ତାଙ୍କ ଅନୁଗାମୀମାନଙ୍କ ସକାଶେ ମଧ୍ୟ ଉଦ୍ଦିଷ୍ଟ । କାରଣ ଏଠାରେ ଉକ୍ତ ଆଦେଶଟି ପିତାମାତାଙ୍କ ସହିତ ସଂପୃକ୍ତ ଅଥଚ ହ. ମୁହମ୍ମଦ ସ.ଅଙ୍କ ପିତା ତାଙ୍କ ଜନ୍ମ ପୂର୍ବରୁ ଓ ମାତା ତାଙ୍କ ଶୈଶବାବସ୍ଥାରେ ମୃତ୍ୟୁବରଣ କରିଥିଲେ । ଉକ୍ତ ଆୟତ୍‌ରେ ଏକ ରହସ୍ୟ ମଧ୍ୟ ରହିଛି ତାହା ଏହିକ ଯେ, ଉକ୍ତ ଆୟତରୁ ଜଣେ ବୁଦ୍ଧିମାନ ବ୍ୟକ୍ତି ବୁଝି ପାରିବ ଯେ, ଆଁହଜରତ ସ.ଅଙ୍କୁ ଯେତେବେଳେ ଅଲ୍ଲାଃତାଲା ସମ୍ବୋଧନ କରୁଛନ୍ତି ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ନିଜ ଅଭିଭାବକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କର ଏବଂ ପ୍ରତ୍ୟେକ ପ୍ରକାରର କଥନରେ ସେମାନଙ୍କ (ମୁରବୀ ବ୍ୟକ୍ତିମାନଙ୍କ) ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନ କର । ଅତଏବ୍ ତହିଁରୁ ଏହା ଜ୍ଞାତ ହୁଏ ଯେ, ଅନ୍ୟମାନଙ୍କୁ ମଧ୍ୟ ନିଜର ଅଭିଭାବକଙ୍କ ପ୍ରତି କିଭଳି ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଅତଏବ୍ ଏଥିପ୍ରତି ଅନ୍ୟ ଏକ ଆୟତ୍‌ରେ ଅଲ୍ଲାଃତାଲା କୁହନ୍ତି: وَقَضٰى رَبُّكَ أَلَّا تَعۡبُدُوٓا۟ إِلَّآ إِيَّاهُ وَبِالۡوَالِدَيۡنِ إِحۡسَانًا ؕ إِمَّا يَبۡلُغَنَّ عِنۡدَكَ الۡكِبَرَ أَحَدُهُمَآ أَوۡ كِلَاهُمَا **(ବନି ଇସ୍ରାଇଲ୍:24)** ଅର୍ଥାତ୍ ହେ ମୁହମ୍ମଦ ସ.ଅ ! ତୁମ୍ଭ ପାଳନକର୍ତ୍ତା ଏ ବିଷୟରେ ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ, ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କର ନାହିଁ ଏବଂ ପିତାମାତାଙ୍କ ପ୍ରତି ତୁମ୍ଭେ ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ଉପରୋକ୍ତ ଆୟତ୍‌ରେ ମୂର୍ତ୍ତି ଉପାସକମାନଙ୍କୁ ଏହା ବୁଝାଇ ଦିଆଯାଇଛି ଯେ, ମୂର୍ତ୍ତିମାନଙ୍କର କୌଣସି ଅସ୍ତିତ୍ୱ ଓ ସ୍ଥିତାବସ୍ଥା ନାହିଁ । ଏହି ମୂର୍ତ୍ତିମାନେ ତୁମମାନଙ୍କ ଉପରେ କୌଣସି ଉପକାର କରି ନାହାନ୍ତି । ଏହି ମୂର୍ତ୍ତିମାନେ ନା ତୁମମାନଙ୍କୁ ସୃଷ୍ଟି କରିଛନ୍ତି ଓ ନାହିଁ ତୁମମାନଙ୍କର ଶୈଶବାବସ୍ଥାରେ ଏବଂ ଲାଳନ ପାଳନରେ ତୁମମାନଙ୍କ ସହିତ ଥିଲେ । ଯଦି ଈଶ୍ୱର ଏହକୁ ବୈଧ ବୋଲି ମନେ କରନ୍ତେ ଯେ, ତାହାଙ୍କ ସହିତ ଅନ୍ୟକୁ ସମକକ୍ଷ କରି ଅନ୍ୟ ଦେବାଦେବୀଙ୍କର ଉପାସନା କରାଯାଉ ତେବେ ସେପରିପ୍ରାକ୍ଷୀରେ ଏହି ଆଦେଶ ଅଲ୍ଲାଃତାଲା ଦେଇ ଥାଆନ୍ତେ ଯେ, ତୁମେମାନେ ନିଜ ପିତାମାତାଙ୍କର ଉପସାନା କରି (କରିବା ସଙ୍ଗେସଙ୍ଗେ ମୋର ଅର୍ଥାତ୍ ଅଲ୍ଲାଃତାଲାଙ୍କ ମଧ୍ୟ ଉପସାନା କର) । କାରଣ ସେମାନେ ମଧ୍ୟ ପ୍ରତୀକାତ୍ମକ ଓ ଭୌତିକ ଈଶ୍ୱର ଅଟନ୍ତି। ପ୍ରତ୍ୟେକ ବ୍ୟକ୍ତି ସ୍ୱଭାବତଃ ଏପର୍ଯ୍ୟନ୍ତକି ପଶୁପକ୍ଷୀମାନେ ତଥା ପ୍ରାଣୀମାନେ ମଧ୍ୟ ନିଜର ସନ୍ତାନମାନଙ୍କୁ ସେମାନଙ୍କର ଶୈଶବାବସ୍ଥାରେ କ୍ଷତି ଏବଂ ଅନିଷ୍ଟରୁ ରକ୍ଷା କରି ଥାଆନ୍ତି । ଅତଏବ୍ ଈଶ୍ୱରଙ୍କ ଉପାସନା କରିବା ପରେ ଯାଇ ସେମାନଙ୍କର ଅର୍ଥାତ୍ ଅଭିଭାବକମାନଙ୍କର ଏକ ଉପାସନା ଅର୍ଥାତ୍ ମାତା ପିତାଙ୍କର ସେବା ଓ ଆଜ୍ଞା ପାଳନ କରିବା ଉଚିତ୍ । ଏହି ଉତ୍ସାହପୂର୍ବକ ଉପସାନା ଈଶ୍ୱରଙ୍କ ତରଫରୁ ହିଁ ସୃଷ୍ଟି ହୋଇଥାଏ ।

ଉପରୋକ୍ତ ସମସ୍ତ ଆପତ୍ତି ପରେ ମୁଁ ପ୍ରକୃତ ପ୍ରସଙ୍ଗ ଆଡ଼କୁ ପ୍ରତ୍ୟାବର୍ତ୍ତନ କରୁଛି ଯେ, ଆଁହଜରତ ସ.ଅଙ୍କ ସଂକ୍ରାନ୍ତରେ ଏହା କୁହାଯାଇଛି ଯେ, "ଯଦି ସେ (ମୁହମ୍ମଦ୍ ସ.ଅ) ଆମ୍ଭ (ଅଲ୍ଲାଃତାଲାଙ୍କ) ଉପରେ ମିଥ୍ୟା ରଚନା କରି ଥାଆନ୍ତା ତେବେ ଆମ୍ଭେ ତାହାକୁ ଅବଶ୍ୟ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଥାଆନ୍ତୁ । ଉକ୍ତ ବାକ୍ୟର ଏହି ଅର୍ଥ ନୁହେଁ ଯେ, ଈଶ୍ୱର ଯଦି ଆଁହଜରତ ସ.ଅଙ୍କ ପ୍ରତି ଏହା ପ୍ରକାଶ କରନ୍ତି ଯେ, ଆପଣ ଯଦି ମିଥ୍ୟାବାଦୀ ହୋଇ ଥାଆନ୍ତେ ତେବେ ସେ ଆପଣ ସ.ଅଙ୍କୁ ଅବଶ୍ୟ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରି ଥାଆନ୍ତେ । କିନ୍ତୁ ଅନ୍ୟ ଲୋକମାନଙ୍କ ପ୍ରତି ପ୍ରଭୁଙ୍କ ମନରେ ଏହି ସ୍ୱାଭିମାନ ନାହିଁ । ଅନ୍ୟ ଲୋକମାନେ ପ୍ରଭୁଙ୍କ ଉପରେ ଯେମିତି ବି ମିଥ୍ୟା ରଚନା କରନ୍ତୁ ପଛେ ଏବଂ ମିଥ୍ୟା ଈଶ୍ୱରବାଣୀ ଗଢି ଈଶ୍ୱରଙ୍କ ଆଡ଼କୁ ଇଙ୍ଗିତ କରି ଦିଅନ୍ତୁ ପଛେ ସେମାନଙ୍କ ପ୍ରତି ଈଶ୍ୱରଙ୍କ ମନରେ କୌଣସି ସ୍ୱାଭିମାନ ସୃଷ୍ଟି ହେଉ ନାହିଁ । ଅତଏବ୍ ଯେପରି ଉକ୍ତ ଚିନ୍ତାଧାରାଟି ଅନୌଚିତ୍ୟ ଠିକ୍ ସେହପରି ଈଶ୍ୱରଙ୍କ ସମସ୍ତ ପୁସ୍ତକ ବିରୁଦ୍ଧୀୟ ମଧ୍ୟ ଅଟେ । ତୌରାତ୍‌ରେ ଏପର୍ଯ୍ୟନ୍ତ ଉକ୍ତ ବାକ୍ୟ ବିଦ୍ୟମାନ ରହିଛି ଯେ, ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଉପରେ ମିଥ୍ୟା ରଚନା କରେ ଓ ମିଥ୍ୟା ଅବତାରତ୍ୱର ଦାବି କରେ ସେହି ବ୍ୟକ୍ତି ଅବଶ୍ୟ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେବ। ଏତଦ୍‌ଭିନ୍ନ ବହୁ ପୁରାତନ କାଳରୁ ଇସ୍‌ଲାମ୍ ଧର୍ମର ବିଦ୍ୱାନ୍‌ମାନେ وَلَوۡ تَقَوَّلَ عَلَيۡنَا ଆୟତ୍‌କୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ସମ୍ମୁଖରେ ଏବଂ ଇହୁଦୀମାନଙ୍କ ସମ୍ମୁଖରେ ଇସ୍‌ଲାମ୍ ଧର୍ମର ସତ୍ୟତା ରୂପେ ପ୍ରମାଣ ସ୍ୱରୂପ ଉପସ୍ଥାପିତ କରି ଆସୁଛନ୍ତି । ଏହା ପ୍ରକାଶ୍ୟ ଯେ, ଯେପର୍ଯ୍ୟନ୍ତ କୌଣସି ପ୍ରସଙ୍ଗରେ ସାମୂହିକତା ନଥାଏ ସେପର୍ଯ୍ୟନ୍ତ କୌଣସି ପ୍ରମାଣ କାମ ଦେଇ **(ଅବଶିଷ୍ଟାଂଶ....ପୃ-17ରେ)**

ତକରିର୍ ଜଲସା ସାଲାନା କାଦିଆନ୍

# ଆଁହଜରତ ସ.ଅଙ୍କ ପ୍ରତି ଥିବା ଅସୀମ ପ୍ରେମର ପ୍ରକାଶରେ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ।

(ସମ୍ମାନନୀୟ ହାଫିଜ୍ ମଖଦୁମ୍ ଶରୀଫ୍ ସାହେବ, ଅତିରିକ୍ତ ନାଜିରେ ଆଲା ଜୁନୁବୀ ହିନ୍ଦ୍)


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ତଫସିର୍ ହ. ମସିହ୍ ମଉଦ୍ ଅ.ସ | ୧, ୧୭ ୧୮ |
| ୨ | ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମର ପ୍ରକାଶରେ | ୨-୨୦ |
| ୩. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୩-୧୦ |
| ୪. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୧୧-୧୭ |


أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔

قُلْ اِنْ كُنْتُمْ تُحِبُّوْنَ اللهَ فَاتَّبِعُوْنِيْ يُحْبِبْكُمُ اللهُ وَيَغْفِرْ لَكُمْ ذُنُوْبَكُمْ ۚ وَاللهُ غَفُوْرٌ رَّحِيْمٌ **(ଆଲେ ଇମ୍ରାନ୍: 32)** ଅର୍ଥାତ୍ ତୁମ୍ଭେ କୁହ ଯେ, ହେ ଲୋକମାନେ ! ଯଦି ତୁମେମାନେ ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ ଅନୁସରଣ କର । ତାହାହେଲେ ଅଲ୍ଲାଃତାଲା ତୁମ୍ଭମାନଙ୍କୁ ପ୍ରେମ କରିବେ ଏବଂ ତୁମ୍ଭମାନଙ୍କର ଦୋଷକୁ କ୍ଷମା କରିଦେବେ । ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

ସମ୍ମାନନୀୟ ସଭାପତି ମହୋଦୟ ଏବଂ ସମ୍ମାନିତ ଶ୍ରୋତାମଣ୍ଡଳୀ ! ଯେପରିକି ଆପଣମାନେ ଶୁଣି ସାରିଛନ୍ତି ଯେ, ବିନୀତର ଭାଷଣର ଶୀର୍ଷକ ବା ବିଷୟବସ୍ତୁ ହେଲା "ଆଁହଜରତ ସ.ଅଙ୍କ ପ୍ରତି ଥିବା ଅସୀମ ପ୍ରେମର ପ୍ରକାଶରେ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ" ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ସୟେଦିନା ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "ମୁଁ ହେଉଛି ସେହି ଦର୍ପଣ ଯେଉଁ ଦର୍ପଣରେ ମୁହମ୍ମଦ ସ.ଅଙ୍କ ମୁଖ ଏବଂ ମୁହମ୍ମଦ ସ.ଅଙ୍କ ଅବତାରତ୍ୱର ପୂର୍ଣ୍ଣ ପ୍ରତିଛବି ପ୍ରତିବିମ୍ବିତ ହେଉଛି ।"**(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଏନ୍, ଭାଗ-18, ପୃ-381, 382, 383ର ବି.ଦ୍ର)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ବାସ୍ତବରେ ସାଂପ୍ରତିକ ଯୁଗରେ ପୁଣ୍ୟଶ୍ଲୋକ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ଚମତ୍କାର, ପୂର୍ଣ୍ଣତ୍ୱତା ଏବଂ ଜୀବନ୍ତ ନିଦର୍ଶନ ଯଦି ଅବଲୋକନ କରିବାକୁ ଚାହୁଁଛନ୍ତି ତେବେ କେବଳ ଓ କେବଳ ହ. ମସିହ୍ ମଉଦ୍ ଅ.ସଙ୍କ ଦର୍ପଣରେ (ଜୀବନୀ ଓ ବ୍ୟକ୍ତିତ୍ୱରେ) ଆମେମାନେ ଅବଲୋକନ କରି ପାରିବା। କାରଣ ଖାତମୁନ୍ ନବୀୟିନ୍‌ର ଅସୀମ କୃପା ପ୍ରାପ୍ତ କରିବାକୁ ହେଲେ ହ. ମସିହ୍ ମଉଦ୍ ଅ.ସଙ୍କ ଦର୍ପଣ ବ୍ୟତୀତ ଅନ୍ୟ କୌଣସି ଦର୍ପଣ ଆଉ ନାହିଁ । ଅଲ୍ଲାଃତାଲା ପବିତ୍ରାବତାର ହ. ମୁହମ୍ମଦ ସ.ଅଙ୍କ ମର୍ଯ୍ୟାଦା ତଥା ତାହାଙ୍କ ପ୍ରତିଷ୍ଠା, ଗାରିମା ଓ ପବିତ୍ରତାକୁ ସମଗ୍ର ସଂସାରରରେ ସ୍ଥାପିତ କରିବା ନିମନ୍ତେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅବତୀର୍ଣ୍ଣ କରିଛନ୍ତି । ଉକ୍ତ ମିଶନକୁ ସଂପୂର୍ଣ୍ଣ ଓ ଚରିତାର୍ଥ କରିବା ନିମନ୍ତେ ଅଲ୍ଲାଃତାଲା ଆପଣ ଅ.ସଙ୍କ ମଧ୍ୟରେ ପୁଣ୍ୟଶ୍ଲୋକ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ପ୍ରେମ ଏବଂ ଉତ୍ସର୍ଗୀକୃତତାର ଆବେଗକୁ ଏପରି ଭାବରେ ଭର୍ତ୍ତି କରିଦେଲେ ଯେ, ମୁହମ୍ମଦ ସ.ଅଙ୍କ ପ୍ରେମ ଆପଣ ଅ.ସଙ୍କ (ହ. ମସିହ୍ ମଉଦ୍ ଅ.ସଙ୍କ) ଆତ୍ମାର ଆହାର ହୋଇଗଲା । ଏହି ପ୍ରେମ ଆପଣ ଅ.ସଙ୍କ ନିମନ୍ତେ ପ୍ରାଣ ପ୍ରଦାନକାରୀ ଜଳ ହୋଇଗଲା । ଅତଏବ୍ ଆପଣ ଅ.ସ ନିଜର ଆରବୀ କବିତାରେ କୁହନ୍ତି:

وَذِكْرُ الْمُصْطَفٰى رُوْحٌ لِقَلْبِيْ ... ⋆ ... وَصَارَ لِمُهْجَتِيْ مِثْلَ الطَّعَامِ
يَاحِبِّ اِنَّكَ قَدْ دَخَلْتَ مَحَبَّةً ... ⋆ ... فِيْ مُهْجَتِيْ وَمَدَارِكِيْ وَجَنَانِيْ
مِنْ ذِكْرِ وَجْهِكَ يَا حَدِيْقَةَ بَهْجَتِيْ ... ⋆ ... لَمْ اَخْلُ فِيْ لَحْظٍ وَّلَا فِيْ اٰنِ

ଅର୍ଥାତ୍ ମୁହମ୍ମଦ ମୁସ୍ତଫା ସ.ଅଙ୍କ ସ୍ମୃତି ମୋ ହୃଦୟର ଆତ୍ମା ଅଟେ । ଆପଣ ସ.ଅଙ୍କ ନାମର ଚର୍ଚ୍ଚା କରିବା ବ୍ୟତୀତ ମୁଁ ଜୀବିତ ରହି ପାରିବି ନାହିଁ ! ହେ ମୋର ପ୍ରିୟତମ ! ହେ ମୋର ପ୍ରିୟ ! ପ୍ରେମ ଦୃଷ୍ଟିରୁ ତୁମ୍ଭେ ମୋର ଶରୀରରେ ପ୍ରବିଷ୍ଟ କରି ସାରିଲଣି । ମୋର ପ୍ରାଣରେ ଏବଂ ମୋର ମନ ମସ୍ତିଷ୍କରେ କେବଳ ତୁମ୍ଭେ ଓ ତୁମ୍ଭେ ହିଁ ବିଦ୍ୟମାନ ରହିଛ । ହେ ମୋ ପ୍ରସନ୍ନତା ଏବଂ ହର୍ଷର ଉଦ୍ୟାନ ! ମୁଁ ତୁମ୍ଭକୁ ଏବଂ ତୁମ୍ଭର ସ୍ମୃତିକୁ ମନେ ପକାଇବାରେ ମୁହୂର୍ତ୍ତକ ପାଇଁ ମଧ୍ୟ ନିରୋଳା ବସିଲି ନାହିଁ । ଅର୍ଥାତ୍ ଅବହେଳା ପ୍ରଦର୍ଶନ କରି ନାହିଁ ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ହ. ସୟେଦା ନୱାବ୍ ମୁବାରକା ବେଗମ୍ ସାହେବା ର.ଅ ବର୍ଣ୍ଣନା କରନ୍ତି ଯେ, "ରାତ୍ରରେ ଅନେକ ସମୟରେ ମୋର ଚକ୍ଷୁ ଉନ୍ମୁକ୍ତ (ଖୋଲୁଥିଲା) ହେଉଥିଲା ଏବଂ ମୁଁ ଦେଖୁଥିଲି ଯେ, ହୁଜୁର ଅ.ସଙ୍କ ଚକ୍ଷୁ ପ୍ରକାଶ୍ୟ ରୂପେ ତ' ବନ୍ଦ୍ ହୋଇଥିଲା କିନ୍ତୁ ତୁଣ୍ଡରେ ଦୁରୁଦ୍ ଶରୀଫ୍ ଏବଂ ଈଶ୍ୱର ଚର୍ଚ୍ଚା ଜାରି ରହୁଥିଲା ।"**(ଦୈନିକ୍ ଅଲ୍ ଫଜଲ୍, ରବୱା, 17 ଅକ୍ଟୋବର 1996 ମସିହା)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଏ (ହ. ମସିହ୍ ମଉଦ୍ ଅ.ସ) ହେଉଛନ୍ତି ଆଁହଜରତ ସ.ଅଙ୍କର ସେହି ସତ୍ୟବାଦୀ ପ୍ରେମିକ ଯିଏ ଶୋଇବା ସମୟରେ ମଧ୍ୟ ନିଜ ପ୍ରିୟତମଙ୍କୁ ସ୍ମରଣ କରି ଦୁରୁଦ୍ ଶରୀଫ୍ ଜପ କରୁଥିଲେ । ଏହି ପ୍ରେମର କଲ୍ୟାଣ ଯୋଗୁଁ ପ୍ରିୟତମ ହ. ମୁହମ୍ମଦ୍ ମୁସ୍ତଫା ସ.ଅ ସ୍ୱପ୍ନରେ ଏପର୍ଯ୍ୟନ୍ତକି ଚେତନା (ଚେଇଁଥିବା) ଅବସ୍ଥାରେ ନିଜର ସତ୍ୟବାଦୀ ପ୍ରେମିକ ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ ଅ.ସଙ୍କୁ ଦର୍ଶନ ଦେଇଥିଲେ ଓ ଆପଣ ଅ.ସଙ୍କ ସହିତ ହ. ମୁହମ୍ମଦ୍ ସ.ଅ ସାକ୍ଷାତ୍ କରିଥିଲେ । ଆଁହଜରତ ସ.ଅ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତାମୂଳକ ବ୍ୟବହାର ମଧ୍ୟ ପ୍ରଦର୍ଶନ କରିଥିଲେ ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଏହି ସ୍ୱପ୍ନ ଏବଂ ଦର୍ଶନ ଆଁହଜରତ ସ.ଅଙ୍କ ପ୍ରତି ଥିବା ଅସୀମ ପ୍ରେମର ଏପରି ବିଶ୍ୱାସବର୍ଦ୍ଧକ ଗଳ୍ପ ଅଟନ୍ତି ଯାହା ପ୍ରତ୍ୟେକ ଶୁଣୁଥିବା ବ୍ୟକ୍ତି ମଧ୍ୟରେ ମୁହମ୍ମଦ ସ.ଅଙ୍କ ପ୍ରତି ଥିବା ପ୍ରେମକୁ ଆନ୍ଦୋଳିତ କରିଥାଏ ଓଏହା ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱସା ଏବଂ ପୂର୍ଣ୍ଣ ପ୍ରେମ ସୃଷ୍ଟି କରିଥାଏ । ସ୍ୱପ୍ନ ଦର୍ଶନର ଘଟଣାବଳୀ ତ' ଅନେକ ରହିଛି । କିନ୍ତୁ ସମୟକୁ ଦୃଷ୍ଟିରେ ରଖି କେବଳ ଗୋଟିଏ ସ୍ୱପ୍ନର ଚର୍ଚ୍ଚା ମୁଁ ଏଠାରେ ବର୍ଣ୍ଣନା କରିଦେଉଛି ।

ହ. ମସିହ୍ ମଉଦ୍ ଅ.ସ ନିଜର ପ୍ରାରମ୍ଭିକ ଯୁବାବସ୍ଥାର ଏକ ସ୍ୱପ୍ନ ସଂପର୍କରେ ନିଜ ଭାଷାରେ ଏହିପରି ବର୍ଣ୍ଣନା କରନ୍ତି: "ପ୍ରାରମ୍ଭିକ ଯୁବାବସ୍ଥାରେ ଦିନେ ରାତ୍ର ସମୟରେ ମୁଁ ଏକ ସ୍ୱପ୍ନରେ ଦେଖିଲି ଯେ, ମୁଁ ଏକ ଭବ୍ୟ ବାସ ଭବନରେ ଅଛି । ସେହି ବାସ ଭବନଟି ଅତ୍ୟନ୍ତ ପବିତ୍ର ଏବଂ ପରିଷ୍କାର ଅଟେ । (ତହିଁରେ ଆଁହଜରତ ସ.ଅଙ୍କ ଚର୍ଚ୍ଚା ହେଉଛି) । ମୁଁ ଲୋକମାନଙ୍କୁ ପଚାରିଲି ଯେ, ହେ ଲୋକମାନେ ! ହୁଜୁର ସ.ଅ କେଉଁଠି ବିରାଜମାନ ଅଛନ୍ତି ? ଲୋକମାନେ ଏକ କୋଠରୀ ଆଡ଼କୁ ଇଙ୍ଗିତ କଲେ। ସୁତରାଂ ମୁଁ ଅନ୍ୟ ଲୋକମାନଙ୍କ ସହିତ ମିଳି ସେହି କୋଠରୀ ମଧ୍ୟକୁ ଚାଲିଗଲି। ମୁଁ ଯେତେବେଳେ ହୁଜୁର ସ.ଅଙ୍କ ସେବାରେ ପହଞ୍ଚିଲି ସେତେବେଳେ ହୁଜୁର ସ.ଅ ଅତି ସୁନ୍ଦର ଢଙ୍ଗରେ ମୋ ସଲାମ୍ (ନମସ୍କାର)ର ଉତ୍ତର ଦେଲେ । ଆପଣ ସ.ଅଙ୍କ ସୌନ୍ଦର୍ଯ୍ୟତା ଏବଂ ରୂପ ବିଭବ, ଆପଣ ସ.ଅଙ୍କ ଦୟାର୍ଦ୍ର ତଥା ପ୍ରେମପୂର୍ଣ୍ଣ ଦୃଷ୍ଟି ମୋତେ ବର୍ତ୍ତମାନ ସୁଦ୍ଧା ମନେଅଛି ଏବଂ ସେହି ଦୃଷ୍ଟିକୁ ମୁଁ କେବି ବି ଭୁଲି ପାରିବି ନାହିଁ । ଆପଣ ସ.ଅଙ୍କ ପ୍ରେମ ମୋତେ ପାଗଳ କରି ପକାଇଲା । ଆପଣ ସ.ଅଙ୍କ ସୁନ୍ଦର ମୁଖମଣ୍ଡଳ ମୋତେ ସଂପୂର୍ଣ୍ଣ ରୂପେ ଆସକ୍ତ, ବିମୋହିତ ଓ ବିମୁଗ୍ଧ କରିଦେଲା। ସେତେବେଳେ ଆପଣ ସ.ଅ ମୋତେ କହିଲେ, ହେ ଅହମଦ୍! ତୁମ ଦକ୍ଷିଣ ହସ୍ତରେ କେଉଁ ବସ୍ତୁ ରହିଛି ?........... ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏଇଟା ମୋ ଦ୍ୱାରା ରଚିତ ଏକ ପୁସ୍ତକ ଅଟେ । ଆପଣ ସ.ଅ ପ୍ରଶ୍ନ କଲେ ଯେ, ହେ ଅହେମଦ ! ଉକ୍ତ ପୁସ୍ତକର ନାମ କ'ଣ ?.............ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ପୁସ୍ତକର ନାମ କତବି ଅଟେ । ଆପଣ ସ.ଅ କହିଲେ, ହେ ଅହମଦ ! ମୋତେ ଟିକେ ଉକ୍ତ ପୁସ୍ତକ ଦେଖାଇଲ ! ଯେତେବେଳେ ହୁଜୁର ସ.ଅ ଉକ୍ତ ପୁସ୍ତକକୁ ନିଜ ହାତରେ ନେଲେ ବା ଧରିଲେ ସେତେବେଳେ ସେହି ପୁସ୍ତକ ହୁଜୁର ସ.ଅଙ୍କ ହସ୍ତ (ହାତ) ସ୍ପର୍ଶ ହେବା ଦ୍ୱାରା ଏକ ପବିତ୍ର ଫଳରେ ରୂପାନ୍ତରିତ ହୋଇଗଲା । ଉକ୍ତ ଫଳଟି ସମସ୍ତଙ୍କୁ ଭଲ ଲାଗୁଥିଲା ଏବଂ ସମସ୍ତଙ୍କର ପ୍ରିୟ ଫଳ ଥିଲା । ଯେତେବେଳେ ହୁଜୁର ସ.ଅ ସେହି ଫଳକୁ ଦୁଇଫାଳ କଲେ ସେତେବେଳେ ସେହି ଫଳରୁ ପରିଷ୍କାର ଓ ସ୍ୱଚ୍ଛଳ ଜଳ ନିର୍ଗତ ହେଲା । ଯାହା ମଧୁ ପରି ସତେଜ ଥିଲା । ମୁଁ ଆଁହଜରତ ସ.ଅଙ୍କ ଦକ୍ଷିଣ ହସ୍ତକୁ ଯେତେବେଳେ ଦେଖିଲି ସେତେବେଳେ ଆପଣ ସ.ଅଙ୍କ ଦକ୍ଷିଣ ହସ୍ତରୁ ଆଙ୍ଗୁଠି ପର୍ଯ୍ୟନ୍ତ ମଧୁ ହାତରୁ ଟପ୍ ଟପ୍ ହୋଇ ତଳେ ପଡୁଥିଲା । ଆଁହଜରତ ସ.ଅ ସେହି ମଧୁ (ମହୁ)କୁ ଏଇଥି ପାଇଁ ସେବନ କରୁଥିଲେ ଯେ, ଆପଣ ମୋତେ ଦ୍ୱନ୍ଦ୍ୱରେ ପକାଇବେ । ଏତଦ୍‌ପରେ ମୋ ହୃଦୟରେ ଏହା ଜାତ ହେଲା କି କବାଟର ଏରୁଣ୍ଡି ବନ୍ଧ ପାଖରେ ଏକ ମୃତ ବ୍ୟକ୍ତିର ଶରୀର ପଡ଼ି ରିହଛି ସେହି ମୃତ ବ୍ୟକ୍ତିର ଶରୀର ଅଲ୍ଲାଃତାଲା ଉକ୍ତ ଫଳ ମାଧ୍ୟମରେ ନିୟତିକୃତ କରିଦେଇଛନ୍ତି । ଅତଏବ୍ ଏହା ହିଁ ନିୟତ ହୋଇଥିଲା ଯେ, ନବୀ କରୀମ୍ ସ.ଅ ସେହି ମୃତ ବ୍ୟକ୍ତିକୁ ଜୀବନ ନ୍ୟାସ ବା ଜୀବନ ପ୍ରଦାନ କରିବେ । ମୁଁ ଏହି ଚିନ୍ତାରେ ଥିଲି ଅର୍ଥାତ୍ ମୁଁ ଏହା ଚିନ୍ତା କରୁଥିଲି କି ସହସା ସେହି ମୃତ ବ୍ୟକ୍ତି ଜୀବିତ ହୋଇ ଉଠିଲା ଏବଂ ଜୀବିତ ହୋଇ ସେ ମୋ ପାଖକୁ ଦଉଡ଼ି ଆସିଲା ଏବଂ ମୋ ପଛରେ ଛିଡ଼ା ହୋଇଗଲା । କିନ୍ତୁ ସେହି ବ୍ୟକ୍ତି ମଧ୍ୟରେ କିଛି ଦୁର୍ବଳତା ରହିଥିଲା । ସେ ଏପରି ପ୍ରତିତ ହେଉଥିଲା ଯେପରିକି ସେ ଭୋକିଲା ଅଛି । ସେତେବେଳେ ନବୀ କରୀମ୍ ସ.ଅ ସ୍ମିତହାସ୍ୟ ପ୍ରକାଶ କରି ମୋ ଆଡ଼କୁ ଚାହିଁଲେ ଏବଂ ଉକ୍ତ ଫଳକୁ ଦୁଇ ଫାଳ କଲେ ଏବଂ ଫାଳେ ଆଁହଜରତ ସ.ଅ ସ୍ୱୟଂ (ନିଜେ) ସେବନ କଲେ (ଅର୍ଥାତ୍ ଖାଇଲେ) ଓ ଅନ୍ୟ ଫାଳ ମୋତେ ଦେଇ ଦେଲେ । ସେହି ସମସ୍ତ ଫାଳରୁ ମଧୁ ଝରୁଥିଲା । ଆପଣ ସ.ଅ କହିଲେ, ହେ ଅହମଦ୍ ! ଏହି ମୃତ ବ୍ୟକ୍ତିକୁ ଖଣ୍ଡିଏ ଫଳ ଦିଅ । କାରଣ ସେ ଉକ୍ତ ଫଳକୁ ଖାଇ (ସେବନ କରି) ଶକ୍ତି ପ୍ରାପ୍ତ କରିବ । ସୁତରାଂ ମୁଁ ସେହି ବ୍ୟକ୍ତିକୁ ଖଣ୍ଡେ ଫଳ ଯେତେବେଳେ ଦେଲି ସେ ଲୋଭୀ ବା ଲୋଲୁପ ବ୍ୟକ୍ତିଙ୍କ ପରି ଫଳକୁ ସେହି ସ୍ଥାନରେ ହିଁ ଖାଇବାକୁ ଲାଗିଲା । ଏତଦ୍‌ପରେ ମୁଁ ଦେଖିଲି ଯେ, ଆଁହଜରତ ସ.ଅଙ୍କ ସିଂହାସନ ଉଚ୍ଚ **(ଅବଶିଷ୍ଟାଂଶ.........ପୃ-18ରେ)**

## (ଖୁତ୍‌ବା ଜୁମା)

**କୁଫ୍ଫାର୍ (ଅବିଶ୍ୱାସକାରୀ)ଙ୍କ ପକ୍ଷରୁ ସର୍ବ ପ୍ରଥମେ ଅତ୍ୟାଚାର ପ୍ରାରମ୍ଭ ହୋଇଥିଲା । ସେହି ଅବିଶ୍ୱାସକାରୀମାନେ ବିନା କୌଣସି ଉଚିତ୍ କାରଣରେ କେବଳ ଇସ୍‌ଲାମ୍ ଧର୍ମ ସହିତ ଶତ୍ରୁତା ହେତୁ ନିରୀହ ମୁସଲମାନମାନଙ୍କ ପ୍ରତି ଅତ୍ୟାଚାରମୂଳକ ଏବଂ ନୃଶଂସ ବ୍ୟବହାର ପ୍ରଦର୍ଶନ କରିଥିଲେ ।**
**(ସିରତ୍ ଖାତମୁନ୍ ନବୀୟିନ୍)**

— — — — — — — — — — — — — — — — — — —

**عَزِّیۡن‌ର ଉକ୍ତ ଘଟଣାଟି ପବିତ୍ର କୁରଆନ୍ କରୀମ୍‌ରେ ବୈଧ ଓ ଅବୈଧ ସୀମାକ୍ଷାମୂଳକ ଆଦେଶାବଳୀ ଅବତୀର୍ଣ୍ଣ ହେବା ପୂର୍ବରୁ ଦୃଶ୍ୟମାନ ହୋଇଥିଲା ।**

— — — — — — — — — — — — — — — — — — —

**ଯଦି ସମସ୍ତ ଘଟଣାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ବିଚାର କରାଯାଏ ତେବେ ଏଥି ସଂକ୍ରାନ୍ତରେ ଇସ୍‌ଲାମ୍ ଧର୍ମ ସଂପୂର୍ଣ୍ଣ ରୂପେ ପବିତ୍ର ବୋଲି ଦୃଶ୍ୟମାନ ହୁଏ। କାରଣ ପ୍ରକୃତରେ ଉକ୍ତ ନିଷ୍ପତ୍ତି ଇସଲାମ୍ ଧର୍ମର ନଥିଲା ବରଂ ହ. ମୁସା ଅ.ସଙ୍କର ଥିଲା । ସେହି ମୁସା ଅ.ସଙ୍କ ଧର୍ମବିଧାନକୁ ହ. ଇସା ଅ.ସ (ଯୀଶୁ ଖ୍ରୀଷ୍ଟ) ସମାପ୍ତ କରି ନଥିଲେ । ବରଂ ଇସା ଅ.ସ ହ. ମୁସା ଅ.ସଙ୍କ ଧର୍ମବିଧାନକୁ ବଳବତ୍ତର ଓ ଅବ୍ୟାହତ ରଖିଥିଲେ । (ସିରତ୍ ଖାତମୁନ୍ ନବୀୟିନ୍)**

— — — — — — — — — — — — — — — — — — —

**ସରିୟା କୁର୍ଜ ବିନ୍ ଜାବିର୍ ଓ ଗଜ୍‌ୱା ଜି କର୍ଦର ପୃଷ୍ଠଭୂମିରେ ସିରତ୍ ନବୱୀ ସ.ଅଙ୍କ ବର୍ଣ୍ଣନା ।**

— — — — — — — — — — — — — — — — — — —

**24 JANUARY 2025 ମସିହା ଅନୁଯାୟୀ ୨୪ ସୁଲହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶ କରାଯାଉଛି ।

أَشْهَدُ أَنْ لَّآ إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ ସ.ଅଙ୍କ କାଳର ସରିୟାମାନଙ୍କର ଚର୍ଚ୍ଚା ଜାରି ରହିଛି । ସେହି କ୍ରମେରେ ଆଜି ସର୍ବ ପ୍ରଥମେ ସରିୟା ବିନ୍ ଜାବିର୍‌ର ଚର୍ଚ୍ଚା କରିବି । ଉକ୍ତ ସରିୟା ଶୱାଲ୍ 6 ହିଜ୍ରୀରେ ଉରନିୟିନ୍ ଅଭିମୁଖେ ହୋଇଥିଲା । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-71, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

କେତେକଙ୍କ ମତରେ ଉକ୍ତ ସରିୟା ସଇଦ୍ ବିନ୍ ଜୈଦ୍‌ଙ୍କର ଥିଲା । କିନ୍ତୁ ଅଧିକାଂଶ ଇତିହାସବିତ୍ ଏବଂ ବର୍ଣ୍ଣନାକାରୀଙ୍କ ଏହି ମତ ରହିଛି ଯେ, ଉକ୍ତ ସରିୟା ଜୈଦ୍ ବିନ୍ ଜାବିର୍ ର.ଅଙ୍କର ଥିଲା । ସେହିପରି ଏକ କଥନ ଏହା ମଧ୍ୟ ରହିଛି ଯେ, ଉକ୍ତ ସରିୟା ଜରିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କର ଥିଲା । କିନ୍ତୁ ଉକ୍ତ କଥନକୁ ଖଣ୍ଡନ ମଧ୍ୟ କରିଦିଆଯାଇଛି । ଜରିର୍ ବିନ୍ ଅବ୍‌ଦୁଲ୍ଲାଃ ଉକ୍ତ ସରିୟାର ଚାରି ବର୍ଷ ପରେ ମୁସଲମାନ ହୋଇଥିଲେ । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-260, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉକ୍ତ ସରିୟାର କାରଣ ଏହା ଥିଲା କି ରସୁଲୁଲ୍ଲାଃ ସ.ଅଙ୍କ୍ ନିକଟକୁ କିଛି ଲୋକମାନେ ଆସିଲେ । ବୁଖାରୀ କିତାବୁଲ୍ ଜିହାଦ୍ ଏବଂ କିତାବୁତ୍ ଦିୟାତ୍‌ରେ ହ. ଅନସ୍ ର.ଅଙ୍କ ଠାରୁ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣିତ ହୋଇଛି ଯେ, ସେହି ଲୋକମାନେ ଯେଉଁମାନେ ଆଁହଜରତ ସ.ଅଙ୍କ ନିକଟକୁ ଆସିଥିଲେ ସେମାନଙ୍କର ସଂଖ୍ୟା ୮ ଥିଲା। ଅର୍ଥାତ୍ ୮ ଜଣ ଲୋକମାନେ ଥିଲେ । ସେହି ୮ ଜଣ ଲୋକ ଉକଲ୍ ଏବଂ ଉରୈନା ସଂପ୍ରଦାୟ ମଧ୍ୟରୁ ଥିଲେ । ଇବ୍‌ନେ ଜରିର୍ ଏବଂ ଅବୁ ଅୱାନାଙ୍କ ନିକଟରେ 4 ଜଣ ଉରୈନା ସଂପ୍ରଦାୟ ମଧ୍ୟରୁ ଥିଲେ ଏବଂ 3 ଜଣ ଉକଲ୍ ସଂପ୍ରଦାୟ ମଧ୍ୟରୁ ଥିଲେ । କିନ୍ତୁ ଅଷ୍ଟମ ବ୍ୟକ୍ତି ଜଣକ ଉଭୟ ସଂପ୍ରଦାୟ ମଧ୍ୟରୁ ନଥିଲା । ତା'ର ଗୋତ୍ର ଜଣା ନଥିଲା । ସୁତରାଂ ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ ଏବଂ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କଥାବାର୍ତ୍ତା ହେଲେ । ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେମାନେ ଇସ୍‌ଲାମ୍ ଧର୍ମ ଉପରେ ବୈଅତ୍ କରିନେଲେ ଏବଂ ସେମାନେ ଅସୁସ୍ଥ ଥିଲେ । ଅବୁ ଅୱାନା ବର୍ଣ୍ଣନା କରିଛନ୍ତି ଯେ, ସେହି ଲୋକମାନେ ଅତ୍ୟନ୍ତ ଦୁର୍ବଳ ଥିଲେ ଏବଂ ସେମାନଙ୍କର ବର୍ଣ୍ଣ (ରଙ୍ଗ) ଅତ୍ୟଧିକ ପୀତ (ହଳଦିଆ) ଥିଲା ଏବଂ ସେମାନଙ୍କ ପେଟ ବାହାରୁକ ବାହାରିଥିଲା । ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଆମମାନଙ୍କୁ ଆଶ୍ରୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କୁ ଆହାର ଦିଅନ୍ତୁ । ସେମାନେ ମସ୍‌ଜିଦେ ନବ୍‌ୱୀର ଚତୁର୍ଭୁଜ ଆକୃତିର ପିଣ୍ଡି ଉପରେ ଅବସ୍ଥାନ କରିଥିଲେ । ଅତଏବ୍ ସେମାନେ ଯେତେବେଳେ ସୁସ୍ଥ ହୋଇଗଲେ ସେତେବେଳେ ସେମାନଙ୍କ ଶରୀର ମଦିନାର ପାଣିପାଗ ସୁହାଇଲା ନାହିଁ । ଅର୍ଥାତ୍ ଭୋକ ଯୋଗୁଁ ଯେଉଁ ରୋଗ ରହିଥିଲା ଏବଂ ଯେଉଁ ଦୁର୍ବଳତା ରହିଥିଲା ତାହା କ୍ରମଶଃ ଦୁରୀଭୂତ ହୋଇଗଲା । କିନ୍ତୁ ସାମଗ୍ରିକ ଦୃଷ୍ଟିରୁ ସେମାନଙ୍କ ଶରୀର ଉପଯୋଗୀ ମଦିନା ସହରର ଜଳବାୟୁ ଅନୁକୂଳ ନଥିଲା ଏବଂ ସେମାନଙ୍କୁ ଜଳବାୟୁ ସୁହାଇଲା ନାହିଁ । ଇବ୍‌ନେ ଇସ୍‌ହାକ୍‌ଙ୍କ ମତାନୁଯାୟୀ ସେହି ଲୋକମାନେ ଜଳବାୟୁକୁ ନିଜ ନିମନ୍ତେ ପ୍ରତିକୂଳ ବୋଲି ପାଇଲେ ଏବଂ ସେମାନେ ଦୁର୍ବଳ ହୋଇଗଲେ । ଅର୍ଥାତ୍ ଭୋକ ଯୋଗୁଁ ଯେଉଁ ଦୁର୍ବଳତା ରହିଥିଲା ତାହା କ୍ରମଶଃ ଦୁରୀଭୂତ ହୋଇଗଲା ସେମାନେ ସୁସ୍ଥ ଅବଶ୍ୟ ହୋଇଗଲେ । କିନ୍ତୁ ସେମାନେ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇଗଲେ। ସେ ଯାହା ହେଉ ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ମଦିନାରେ ସେହି ଦିନମାନଙ୍କରେ ଏକ ରୋଗ ସୃଷ୍ଟି ହେଲା ଯାହାକୁ ବିର୍ସାମ୍ ରୋଗ କୁହନ୍ତି । ବିର୍ସାମ୍ ଏକ ପ୍ରକାରର ରୋଗ ଅଟେ । ଏହି ରୋଗ ମୁଖ୍ୟତଃ ମସ୍ତିଷ୍କକୁ ପ୍ରଭାବିତ କରିଥାଏ ଏବଂ ମସ୍ତିଷ୍କକୁ ଆକ୍ରମଣ କରିଥାଏ । ଲକ୍ଷଣ ସ୍ୱରୂପ ମୁଣ୍ଡ ଫୁଲିଯିବା ଏବଂ ଛାତିରେ ଆବୁ ଆକୃତିର ବଥ ବାହାରିଯିବା ଇତ୍ୟାଦି ଲକ୍ଷଣ ଦେଖା ଯାଇଥାଏ । ସେହି ଲୋକମାନେ କହିବାକୁ ଲାଗିଲେ ଯେ, ଉକ୍ତ ରୋଗଟି ଏଠାରେ ଆସିଯାଇଛି ଏବଂ ମଦିନାର ଜଳବାୟୁ ଆମମାନଙ୍କ ନିମନ୍ତେ ଆଦୌ ଅନୁକୂଳ ନୁହେଁ । ଆମେମାନେ ଧନ ଏବଂ ପଶୁ ପାଳନ କରୁ, ଆମେମାନେ ବିଲ ବାଡ଼ି କମା କଲାବାଲା ଲୋକ ନାହୁଁ । ଦୟାକରି ଆପଣ ସ.ଅ ଆମମାନଙ୍କୁ ନିମନ୍ତେ ଟିକିଏ କ୍ଷୀରର ବ୍ୟବସ୍ଥା କରି ଦିଅନ୍ତୁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ମୋ ନିକଟରେ ଖାଇବା ପିଇବା ପାଇଁ ଆଉ କିଛି ନାହିଁ । କିନ୍ତୁ ତୁମେମାନେ କ୍ଷୀର ଦେଉଥିବା ଓଟମାନଙ୍କ ନିକଟକୁ ଚାଲିଯାଅ । ଅତଏବ୍ ଆପଣ ସ.ଅ ସେହି ଲୋକମାନଙ୍କୁ ଚାରଣଭୂମି ଆଡ଼କୁ ପ୍ରେରଣ କରିଦେଲେ । ସେହିପରି ଆଉ ଏକ ବର୍ଣ୍ଣନା ରହିଛି ଯେ, ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଫୈଫାଉଲ୍ ଖବାର୍‌ର ଚାରଣଭୂମି ଆଡ଼କୁ ଯିବା ନିମନ୍ତେ ଆଦେଶ ଦେଲେ । ଫୈଫାଉଲ୍ ଖବାର୍ ମଦିନା ନିକଟବର୍ତ୍ତୀ ଏକ ପଡ଼ିଆ ତଥା ନିର୍ଜନ ଚାରଣ ଭୂମିଥିଲା ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ବର୍ଣ୍ଣନାରୁ ଏହା ଜଣାପଡ଼େ ଯେ, ସେହି ଲୋକମାନେ ମଦିନାରେ ବେଶୀ ଦିନ ରହି ନଥିଲେ । ବରଂ ଶୀଘ୍ର ମଦିନାରୁ ବାହାରକୁ ଚାଲି ଯାଇଥିଲେ ଏବଂ ଓଟମାନଙ୍କର କ୍ଷୀର ପାନ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିଲା ।

ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ସେହି ଲୋକମାନଙ୍କୁ ସଦକା (ଦାନରେ ପ୍ରାପ୍ତ)ର ଓଟମାନଙ୍କ ଆଡ଼କୁ ଯିବା ନିମନ୍ତେ ଅନୁମତି ପ୍ରଦାନ କଲେ । କାରଣ ସେମାନେ ସେହି ଓଟମାନଙ୍କର କ୍ଷୀର ପାନ କରନ୍ତୁ। ସୁତରାଂ ସେହି ଲୋକମାନେ ସେହି ଓଟମାନଙ୍କ ପାଖକୁ ଯାଇ ସେମାନଙ୍କର କ୍ଷୀର ପାନ କଲେ । ଅତଏବ୍ ସେମାନେ ଯେତେବେଳେ ସୁସ୍ଥ ହୋଇଗଲେ ଏବଂ ସେମାନେ ନିଜର ପୂର୍ବାବସ୍ଥାକୁ ଫେରି ଆସିଲେ ସେତେବେଳେ ସେମାନଙ୍କର ଉଦର (ପେଟ) ଛୋଟ ହୋଇଗଲା । ସୁତରାଂ ସେମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ଅବିଶ୍ୱାସକାରୀ ହୋଇ ଦୁଧିଆଳୀ ଓଟମାନଙ୍କୁ ଘଉଡ଼ାଇ ନେଇ ଚାଲିଗଲେ ।

ଅତଏବ୍ ଏକ ପକ୍ଷରେ ତ' ଆଁହଜରତ ସ.ଅଙ୍କ ଅସୀମ କୃପା ଏବଂ ଅନ୍ୟ ପଟରେ ସେମାନଙ୍କର ଏପରି ଆଚରଣ ଯେ, ସେମାନେ ଆଁହଜରତ ସ.ଅଙ୍କୁ ଧୋକା ଦେଲେ। ଏହା ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ଏହି ଲୋକମାନେ ଅବିଶ୍ୱାସକାରୀ ହୋଇ ଓଟମାନଙ୍କୁ ନିଜ ସହିତ ଘଉଡ଼ାଇ ନେଇ ଚାଲିଗଲେ ସେତେବେଳେ ସେମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ୟସାର୍ ଏବଂ ତାଙ୍କର କେତେକ ସାଥିମାନେ ଧରି ପକାଇଲେ । ସେ ଯାହା ହେଉ ସେହି ଲୋକମାନଙ୍କୁ ମୁସଲମାନମାନେ ଚ୍ୟାଲେଞ୍ଜ ଦେଲେ, ମୁସଲମାନମାନେ ଯେତେବେଳେ ସେମାନଙ୍କୁ ଧରିଲେ ସେତେବେଳେ ସେମାନେ ମୁସଲମାନମାନଙ୍କ ସହିତ ମୁହାଁମୁହିଁ ହୋଇ ଯୁଦ୍ଧ କଲେ । ଏହି ୮ ଜଣ ଲୋକମାନେ ମଦିନା ଆସି ଡକାୟତି କରି ଓଟମାନଙ୍କୁ ଲୁଣ୍ଠନ କରି ନେଇ ଯାଇଥିଲେ । ଯେଉଁ ମୁସଲମାନମାନେ ଓଟମାନଙ୍କର ଦେଖାଶୁଣା କରୁଥିଲେ ସେମାନଙ୍କ ସହିତ ଏମାନେ ଯୁଦ୍ଧ କରି ମୁସଲମାନମାନଙ୍କୁ

ଶହୀଦ୍ କରିଦେଲେ। ଏତଦ୍‌ପରେ ସେହି ଲୋକମାନେ ଓଟ ଚରାଳୀମାନଙ୍କ ଆଡ଼କୁ ମୁହାଁଇଲେ (ଅଗ୍ରସର) ହେଲେ ଏବଂ ଏମାନେ ସର୍ବ ପ୍ରଥମେ ୟସାରକୁ ଶହୀଦ୍ କଲେ। ଏହି ଡକାୟତ ଅବିଶ୍ୱାସକାରୀ ମାନେ ୟସାରଙ୍କ ହାତ ଗୋଡ଼ କାଟିଦେଇ ତୁଣ୍ଡ (ଜିଭ) ଓ ଚକ୍ଷୁ (ଆଖି)ରେ କଣ୍ଟା ଫୋଡ଼ିଦେଲେ । ଏପର୍ଯ୍ୟନ୍ତ କି ୟସାର୍ ମୃତ୍ୟୁବରଣ କଲେ । ପୁନଶ୍ଚ ଏମାନେ ଅନ୍ୟ ଓଟ ଚରାଳୀମାନଙ୍କୁ ମଧ ହତ୍ୟା କରିଦେଲେ । ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଲୋକମାନେ ମୋର ସାଥିମାନଙ୍କୁ ମଧ ହତ୍ୟା କରି ଦେଇଛନ୍ତି । କିନ୍ତୁ ମୁଁ କୌଣସି ମତେ ବର୍ତ୍ତି ଆପଣ ସ.ଅଙ୍କ ନିକଟକୁ ପଳାଇ ଆସିଛି । ଏତଦ୍‌ପରେ ସେହି ବ୍ୟକ୍ତି (ଓଟ ଚରାଳୀ) ଆଁହଜରତ ସ.ଅଙ୍କୁ ସୂଚନା ପ୍ରଦାନ କଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଅବିଶ୍ୱାସକାରୀ ଲୋକମାନେ ଓଟମାନଙ୍କୁ ଧରି ପଳାଇ ଯାଇଛନ୍ତି ।

ମୁହମ୍ମଦ ବିନ୍ ଉମରଙ୍କ ବର୍ଣ୍ଣନା ରହିଛି ଯେ, ବନୁ ଅମ୍ର ବିନ୍ ଔଫ୍‌ର ଜନୈକା ମହିଳା ନିଜର ଗଧ ଉପରେ ଆରୋହଣ ହୋଇ ଏପଟକୁ (ମଦିନା ଆଡ଼କୁ) ଆସୁଥିଲା ଏବଂ ସେ ୟସାର୍ ନିକଟ ଦେଇ ଅତିକ୍ରମ କଲା । ୟସାର୍ ଏକ ବୃକ୍ଷ ତଳେ ମୁମୂର୍ଷ ଅବସ୍ଥାରେ ପଡ଼ିଥିଲେ । ଯେତେବେଳେ ସେହି ମହିଳା ୟସାରଙ୍କ ପାଖ ଦେଇ ଅତିକ୍ରମ କଲା ସେତେବେଳକୁ ୟସାରଙ୍କ ମୃତ୍ୟୁ ଘଟି ସାରିଥିଲା । ସେହି ମହିଳା ନିଜର ସଂପ୍ରଦାୟ ଆଡ଼କୁ ଫେରିଲା ଏବଂ ଉକ୍ତ ଘଟଣା ସଂପର୍କରେ ଲୋକମାନଙ୍କୁ ସୂଚନା ପ୍ରଦାନ କଲା । ଅତଏବ୍ ସେହି ଲୋକମାନେ ମଧ ବାହାରିଲେ ଏପର୍ଯ୍ୟନ୍ତକି ୟସାରଙ୍କୁ ମୃତାବସ୍ଥାରେ ଅର୍ଥାତ୍ ୟସାରଙ୍କ ପାର୍ଥିବ ଶରୀରକୁ ଟେକି କୁବା ଆଡ଼କୁ ନେଇ ଆସିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ସହି ମୁସଲିମ୍‌ର ବର୍ଣ୍ଣନା ରହିଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ 20 ଜଣ ଯୁବକ ଉପସ୍ଥିତ ଥିଲେ । ଆପଣ ସ.ଅ ସେମାନଙ୍କୁ ପ୍ରେରଣ କଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ସେହି ଲୋକମାନଙ୍କର ପାଦ ଚିହ୍ନକୁ ଦେଖି 20 ଜଣ ଅଶ୍ୱାରୋହୀଙ୍କୁ ପ୍ରେରଣ କଲେ । ଅର୍ଥାତ୍ ଯେତେବେଳେ ସେହି ଲୋକମାନେ ଚାଲିଗଲେ ଏବଂ ଆପଣ ସ.ଅଙ୍କୁ ଯେତେବେଳେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ସେହି ଲୋକମାନଙ୍କ ପଛରେ ଏବଂ ସେମାନଙ୍କୁ ଧରିବା ନିମନ୍ତେ 20 ଜଣ ଅଶ୍ୱାରୋହୀ ଯୁବକମାନଙ୍କୁ ପ୍ରେରଣ କଲେ । ସେହି 20 ଜଣ ଯୁବକଙ୍କ ମଧ୍ୟରୁ କେତେକ ଯୁବକଙ୍କର ନାମ ସଂପର୍କରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି । ତନ୍ମଧ୍ୟରେ ସଲ୍‌ମା ବିନ୍ ଅକ୍‌ୱା, ଅବୁ ରୁହମ୍, ଅବୁ ଜର୍ ଗଫ୍ଫାରୀ, ବୁରିଦାହ୍ ବିନ୍ ହୁସୈବ୍, ରାଫେ ବିନ୍ ମକିସ୍ ଏବଂ ତାଙ୍କର ଭ୍ରାତା (ଭାଇ) ଜୁନ୍ଦୁବ୍, ବିଲାଲ୍ ବିନ୍ ହାରିସ୍, ଅବ୍‌ଦୁଲ୍ଲାଃ ବିନ୍ ଅମ୍ର ବିନ୍ ଔଫ୍, ମଜନୀ, ଜୁଆଲ୍ ବିନ୍ ସୁରାକା ସାଆଲବି, ସୁୱୈଦ୍ ବିନ୍ ସଖର୍ ଜୁହନୀ ଇତ୍ୟାଦି ସମସ୍ତ ପ୍ରବାସକାରୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଏହି ଯୁବକ ଅଶ୍ୱାରୋହୀଙ୍କ ଉପରେ ଫିହ୍‌ରୀଙ୍କୁ ଅମୀର୍ (ସେନାପତି) ନିଯୁକ୍ତ କିରଥିଲେ। ଏମାନଙ୍କୁ ଆଁହଜରତ ସ.ଅ ଶତ୍ରୁମାନଙ୍କର ପିଛା କରିବା ନିମନ୍ତେ ପ୍ରେରଣ କରିଥିଲେ। ଏମାନଙ୍କ ସହିତ ଜଣେ ସନ୍ଧାନକାରୀ ବ୍ୟକ୍ତିକୁ ମଧ ପ୍ରେରଣ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ଶତ୍ରୁମାନଙ୍କ ପାଦ ଚିହ୍ନ ଦେଖି ଶତ୍ରୁଙ୍କର ସନ୍ଧାନ ଲଗାଉଥିଲା । ଆପଣ ସ.ଅ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ ଏବଂ ସେହି ଶତ୍ରୁମାନଙ୍କ ଉପରେ ଅଭିଶାପ ପକାଇଲେ ଏବଂ କହିଲେ, ହେ ଅଲ୍ଲାଃ ! ଏମାନଙ୍କୁ ମାର୍ଗରୁ ଅନ୍ଧ କରିଦିଅ ଅର୍ଥାତ୍ ଏମାନେ ମାର୍ଗଚ୍ୟୁତ ହୋଇଯାଆନ୍ତୁ ଏବଂ ଉକ୍ତ ମାର୍ଗକୁ ସେମାନଙ୍କ ନିମନ୍ତେ ଓଟର ଚର୍ମକୁ ମଧ ସଂକୁଚିତ କରିଦିଅ । ଅର୍ଥାତ୍ ଶତ୍ରୁ ଯାତ୍ରା କରିବାକୁ ସକ୍ଷମ ହୋଇ ପାରିବ ନାହିଁ । ସୁତରାଂ ଅଲ୍ଲାଃତାଲା ସେମାନଙ୍କୁ ମାର୍ଗରୁ ଅନ୍ଧ କରିଦେଲେ। ସେହି ଶତ୍ରୁ ସେହି ଦିନ ହିଁ ଧରାପଡ଼ିଲା । ଯେତେବେଳେ ଦିନ ବୃଦ୍ଧି ହେବାକୁ ଲାଗିଲା ସେତେବେଳେ ସେମାନଙ୍କୁ ଆଁହଜରତ ସ.ଅଙ୍କ ପାଖକୁ ଅଣାଗଲା । ଏହି 24 ଜଣ ଅଶ୍ୱାରୋହୀମାନେ ଅବିଶ୍ୱାସକାରୀମାନଙ୍କୁ ଧରିବା ନିମନ୍ତେ ଯାଇଥିଲେ ଅଶ୍ୱାରୋହୀମାନେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, କର୍ଜ ବିନ୍ ଯାବିର୍ ଓ ତା'ଙ୍କର ସାଥିମାନେ ସେହି ଅବିଶ୍ୱାସକାରୀମାନଙ୍କୁ ଧରିବା ନିମନ୍ତେ ଯାଇଥିଲେ । ଏପର୍ଯ୍ୟନ୍ତକି ରାତି ହୋଇଗଲା । ସୁତରାଂ ସେମାନେ ହୁର୍‌ରାହ୍ ଠାରେ ରାତି ବିତାଇଥିଲେ । ପୁନଶ୍ଚ ସେମାନେ ସକାଳ କଲେ ଏବଂ ସେମାନେ ଏହା ଜାଣି ନଥିଲେ ଏହି ଅବିଶ୍ୱାସକାରୀମାନେ କେଉଁ ଆଡ଼କୁ ଚାଲି ଯାଇଛନ୍ତି ? ଏହି 20 ଜଣ ଯୁବ ଅଶ୍ୱାରୋହୀମାନେ ସହସା ଜନୈକା ମହିଳାକୁ ଦେଖିଲେ । ସେହି ମହିଳା ଜଣକ ଓଟର କାନ୍ଧକୁ ଟେକି ଧରିଥିଲା । ସୁତରାଂ ସେମାନେ ଉକ୍ତ ମହିଳାକୁ ଧରି ପଚାରିଲେ ଯେ, ହେ ମହିଳା ! ଏଇଟା କ'ଣ କି ? ମହିଳା ଜଣକ କହିବାକୁ ଲାଗିଲା ଯେ, ମୁଁ ଏକ ସଂପ୍ରଦାୟ ପାଖ ଦେଇ ଅତିକ୍ରମ କରୁଥିଲି, ସେମାନେ ଓଟ ଜେବହ୍ କରିଥିଲେ ଓ ସେମାନେ ମୋତେ ଓଟର ଫାଳେ କାନ୍ଧ ଦେଇଛନ୍ତି (ସେହି ମହିଳାକୁ ଓଟର ଫାଳେ ଲେଗ୍ ପିସ୍‌ର ଉପର ଭାଗର ଗୋଟିଏ ଅଂଶ ଦେଇଥିଲେ)। ସେହି ଲୋକମାନେ ବର୍ତ୍ତମାନ ଏକ ଜଙ୍ଗଲରେ ଅଛନ୍ତି । ସେହି ମହିଳା ଜଣକ ମୁସଲମାନମାନଙ୍କୁ କହିବାକୁ ଲାଗିଲା ଯେ, ହେ ଅଶ୍ୱାରୋହୀମାନେ ! ତୁମେମାନେ ଯେତେବେଳେ ସେହି ଜଙ୍ଗଲକୁ ଯିବ ସେତେବେଳେ ସେଠାରେ ନିଆଁ ଜଳୁଥିବାର ଦେଖିବ ଏବଂ ଧୂଆଁ ଉପରକୁ ଉଠୁଥିବାର ଅବଲୋକନ କରିବ ।

ଅତଏବ୍ ସାହାବାମାନେ ସେହି ଦିଗ ଓ ସେହି ଜଙ୍ଗଲ ଆଡ଼କୁ ବାହାରି ପଡ଼ିଲେ। ଏପର୍ଯ୍ୟନ୍ତକି ସାହାବାମାନେ ଯେତେବେଳେ ସେହି ଅବିଶ୍ୱାସକାରୀଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ସେମାନେ ଖିଆପିଆ କରି ସାରିଥିଲେ । ସାହାବାମାନେ ସେହି ଅବିଶ୍ୱାସକାରୀମାନଙ୍କୁ ଆତ୍ମସମର୍ପଣ କରିଦେବା ନିମନ୍ତେ ଯେତେବେଳେ କହିଲେ, ସେତେବେଳେ ସମସ୍ତେ ଆତ୍ମ ସମର୍ପଣ କରି ବନ୍ଦୀ ହୋଇଗଲେ । ସେମାନଙ୍କ ମଧ୍ୟରୁ ଜଣେ ହେଲେ ବ୍ୟକ୍ତି ବାକି ଲହିଲା ନାହିଁ । ଅତଏବ୍ ସାହାବାମାନେ ସେମାନଙ୍କୁ ବାନ୍ଧି ନେଲେ ଏବଂ ସେମାନଙ୍କୁ ନିଜ ପଛରେ ଅଶ୍ୱ ଉପରେ ଆରୋହଣ କରାଇ ମଦିନା ନେଇ ଆସିଲେ । ରସୁଲୁଲ୍ଲାଃ ସ.ଅ ରିଗାବ୍ ନାମକ ସ୍ଥାନରେ ବିରାଜମାନ ଥିଲେ । ରିଗାବା ଜୁରୁଫ୍ ସହିତ ସଂଲଗ୍ନ ଏକ ସ୍ଥାନର ନାମ ଅଟେ ଏବଂ ଜୁରୁଫ୍ ମଦିନା ଠାରୁ ତିନି ମାଇ ବ୍ୟବଧାନରେ ଅବସ୍ଥିତ ଥିଲା । ସେ ଯାହା ହେଉ ସେହି ଅବିଶ୍ୱାସକାରୀଙ୍କୁ ଧରି ଆଁହଜରତ ସ.ଅଙ୍କ ପାଖକୁ ନେଇ ଆସିଲେ। ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେମାନଙ୍କ ପଛରେ କିଛି ଯୁବକଙ୍କ ସହିତ ବାହାରିଲି ଏପର୍ଯ୍ୟନ୍ତକି ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ରିଗାବା ଉପତ୍ୟକା ଠାରେ ଜଳ ପ୍ରବାହ ଠାରେ ଏକତ୍ରିତ ହେଉଥିବା ସ୍ଥାନରେ ଭେଟ ହେଲେ । ସୁତରାଂ ରସୁଲୁଲ୍ଲାଃ ସ.ଅ ଚେଙ୍କଆଣିବା ନିମନ୍ତେ ଆଦେଶ ଦେଲେ । ଚେଙ୍କଅଣାଗଲା ଏବଂ ସେକକୁ ଯେତେବେଳେ ଗରମ କରାଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ସେହି ସେକଗୁଡ଼ିକୁ ସେମାନଙ୍କ ଚକ୍ଷୁରେ ସ୍ପର୍ଶ କରାଇଲେ । କାରଣ ସେମାନେ ଓଟ ଚରାଳୀମାନଙ୍କ ଚକ୍ଷୁରେ ଚେଙ୍କସ୍ପର୍ଶ କରି ସେମାନଙ୍କ ଆଖି ଫୋଡ଼ି ଦେଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନା ରହିଛି ଯେ, ସେମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଯେତେବେଳେ ଅଣାଗଲା ସେତେବେଳେ ଆପଣ ସ.ଅ ସେମାନଙ୍କର ଗୋଟିଏ ପକ୍ଷର ହସ୍ତ-ପାଦ (ହାତ, ଗୋଡ଼) କର୍ତ୍ତନ (କାଟି) କଲେ । ଆପଣ ସ.ଅ ସେମାନଙ୍କ ଚକ୍ଷୁରେ ଉତ୍ତପ୍ତ ଚେଙ୍କସ୍ପର୍ଶ କରାଇଦେଲେ । ଏପର୍ଯ୍ୟନ୍ତକି ସେମାନେ ମୃତ୍ୟୁବରଣ କଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେହି ଅବିଶ୍ୱାସକାରୀଙ୍କ ଚକ୍ଷୁକୁ ସିଲେଇ କରି ଏବଂ ଚେଙ୍କଦେଇ ସେମାନଙ୍କୁ ଖରାରେ ପକାଇ ଦିଆଗଲା । ସେମାନେ ସାହାବାମାନଙ୍କୁ ପାଣି ମାଗୁଥିଲେ କିନ୍ତୁ ସେମାନଙ୍କୁ ପାଣି ଦିଆଯାଉ ନଥିଲା । ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ଡକାୟତ୍ ଅବିଶ୍ୱାସକାରୀଙ୍କ ମଧ୍ୟରୁ ଜଣେ ଅବିଶ୍ୱାସକାରୀକୁ ଦେଖିଲି ଯେ, ସେ ଶୋଷ ଯୋଗୁଁ ନିଜର ତୁଣ୍ଡକୁ ଚାଟୁଥିଲା । କାରଣ ତା'କୁ ଯେଉଁ ଗ୍ରୀଷ୍ମ ଅନୁଭୂତ ହେଉଥିଲା ଏବଂ ତା'ର ପାଟି ଶୁଷ୍କ ହୋଇଯାଉଥିଲା ତା'କୁ ଶୀତଳତା ପ୍ରାପ୍ତ ହେଉ। ପରିଶେଷରେ ସେହି ଅବିଶ୍ୱାସକାରୀମାନେ ଛଟପଟ ହୋଇ ମୃତ୍ୟୁବରଣ କଲେ ଏବଂ ସେମାନଙ୍କର ରକ୍ତକୁ ଅଟକାଇବା ନିମନ୍ତେ ସେମାନଙ୍କୁ ଚେଙ୍କ ଦିଆଗଲା ନାହିଁ, ସେମାନଙ୍କର ଚିକିତ୍ସା କରାଗଲା ନାହିଁ । ଅବୁ କିଲାବ୍ ବର୍ଣ୍ଣନା କରନ୍ତି ଯେ, ଏହି ଲୋକମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ଓଟ ଚରାଳୀମାନଙ୍କୁ ହତ୍ୟା କରିଥିଲେ ଏବଂ ଏହିମାନେ ହିଁ ମୁସଲମାନମାନଙ୍କର ଓଟ ଚୋରି କରିଥିଲେ। ଏମାନେ ପ୍ରଥମେ ଇସଲାମ୍ ଧର୍ମ ସ୍ୱୀକାର କଲେ ଏବଂ ପରେ ଆଁହଜରତ ସ.ଅଙ୍କ ପ୍ରତି ବିଶ୍ୱାସଘାତକତା ପ୍ରଦର୍ଶନ କରି ପୁନଃ ଅବିଶ୍ୱାସକାରୀ ହୋଇଗଲେ । ଏତଦ୍‌ପରେ ଏମାନେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ସହିତ ଯୁଦ୍ଧ ମଧ କଲେ ।

ଇବ୍‌ନେ ସିରିନ୍ ବର୍ଣ୍ଣନା କରନ୍ତି ଯେ, ଉରନିୟିନ୍‌ର ଘଟଣା ଏବଂ ଅଲ୍ଲାଃତାଲାଙ୍କର

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଆଦେଶ ଅବତୀର୍ଣ୍ଣ ହେବା ପୂର୍ବରୁ ଘଟିଥିଲା । ସେ ଯାହା ହେଉ ଏହି ସମସ୍ତ ଘଟଣା ଘଟିଥିଲା । ପ୍ରକାଶ୍ୟ ରୂପେ ଏହା ପ୍ରତିତ ହେଉଛି ଯେ, ମୁସଲମାନମାନେ ଏହି ଅବିଶ୍ୱାସକାରୀଙ୍କ ପ୍ରତି ଅତ୍ୟନ୍ତ ବର୍ବରତା ଏବଂ ଅତ୍ୟାଚାର ପ୍ରଦର୍ଶନ କରିଛନ୍ତି । କିନ୍ତୁ ଯେଉଁ ଇସଲାମୀୟ ଶିକ୍ଷା ରହିଥିଲା ତାହା ପରବର୍ତ୍ତୀ ସମୟରେ ଅବତୀର୍ଣ୍ଣ ହୋଇଥିଲା । ଅଲ୍ଲାଃତାଲା ଯେଉଁ ଇସଲାମୀୟ ଶିକ୍ଷା ଏବଂ ଆୟତ୍ ଅବତୀର୍ଣ୍ଣ କରିଛନ୍ତି ତାହା ନିମ୍ନରେ ପ୍ରଦାନ କରାଗଲା: إِنَّمَا جَزَٰٓؤُا الَّذِينَ يُحَارِبُونَ اللّٰهَ وَرَسُولَهُ وَيَسْعَوْنَ فِي الْأَرْضِ فَسَادًا أَنْ يُقَتَّلُوٓا أَوْ يُصَلَّبُوٓا أَوْ تُقَطَّعَ أَيْدِيهِمْ وَأَرْجُلُهُمْ مِنْ خِلَافٍ أَوْ يُنْفَوْا مِنَ الْأَرْضِ ذٰلِكَ لَهُمْ خِزْيٌ فِي الدُّنْيَا وَلَهُمْ فِي الْآخِرَةِ عَذَابٌ عَظِيمٌ **(ଅଲ୍ ମାଏଦା: 34)** ଅର୍ଥାତ୍ ଯେଉଁମାନେ ଅଲ୍ଲାଃତାଲା ଏବଂ ତାହାଙ୍କେ ରସୁଲଙ୍କ ବିରୁଦ୍ଧରେ ଯୁଦ୍ଧ କରନ୍ତି ଓ ଦେଶ ଭିତରେ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରନ୍ତି ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ହତ୍ୟା କରିବା, ଶୂଳି ଦେବା ବା ଶତ୍ରୁତା ଯୋଗୁଁ ସେମାନଙ୍କର ହାତ ଓ ଗୋଡ଼କୁ ବୀପରୀତ ପାର୍ଶ୍ୱରୁ କାଟି ଦେବା, ସେମାନଙ୍କୁ ଦେଶରୁ ବିତାଡ଼ିତ ତଥା ନିର୍ବାସିତ କରିଦେବା ଇତ୍ୟାଦି ସେମାନଙ୍କ ନିମନ୍ତେ ଏକ ଉପଯୁକ୍ତ ତଥା ଯଥୋଚିତ ଶାସ୍ତି ଅଟେ । ଇହ କାଳରେ ଏହା ସେମାନଙ୍କ ନିମନ୍ତେ ଏକ ଲାଞ୍ଛନା ଅଟେ ଓ ପରକାଳରେ ସେମାନଙ୍କ ନିମନ୍ତେ ଭୀଷଣ ଶାସ୍ତି ନିୟତ ରହିଛି ।

ଅତଏବ୍ ରସୁଲୁଲ୍ଲାଃ ସ.ଅ ଏତଦ୍‌ପରେ କୌଣସି ଅବିଶ୍ୱାସକାରୀ ବ୍ୟକ୍ତିର ଚକ୍ଷୁରେ ଚେଙ୍କ(ଚେଁକ) ଦେଇ ସିଲେଇ କଲେ ନାହିଁ କି କୌଣସି ଅବିଶ୍ୱାସକାରୀ ବ୍ୟକ୍ତିର ତୁଣ୍ଡକୁ କାଟିଲେ ନାହିଁ । ଆପଣ ସ.ଅ କୌଣସି ଅବିଶ୍ୱସାକାରୀ ବ୍ୟକ୍ତିର ହାତ ଗୋଡ଼ କାଟିବା ବ୍ୟତୀତ ଅନ୍ୟ କୌଣସି ଶାସ୍ତି ଦେଲେ ନାହିଁ । ଏତଦ୍‌ପରେ ଆପଣ ସ.ଅ ଯେଉଁ ସୈନ୍ୟବାହିନୀକୁ ବି ପ୍ରେରଣ କଲେ ସେହି ସୈନ୍ୟବାହିନୀକୁ ଆପଣ ସ.ଅ ମୁସ୍‌ଲା ଅର୍ଥାତ୍ ବିପରୀତ ଦିଗରୁ ଅଙ୍ଗ ପ୍ରତ୍ୟଙ୍ଗ କାଟିବାକୁ ଅର୍ଥାତ୍ ବିକୃତ କରିବାରୁ ବାରଣ କଲେ । ଏତଦ୍‌ପରେ ଆପଣ ସ.ଅ ସଦ୍‌କା (ଦାନ) ଦେବା ନିମନ୍ତେ ଆହ୍ୱାନ ଦେଉଥିଲେ ଏବଂ ମୁସ୍‌ଲା ଅର୍ଥାତ୍ ଅଙ୍ଗକୁ ବିକୃତ କରିବାକୁ ସାହାବାମାନଙ୍କୁ ଅଟକାଉଥିଲେ । ମୁହମ୍ମଦ୍ ବିନ୍ ଉମର୍ ୱାକିଦି ଏବଂ ଇବ୍‌ନେ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ଅବିଶ୍ୱାସକାରୀମାନେ 15ଟି ଓଟମାନଙ୍କୁ ଚାରଣଭୂମିରୁ ଅପରହଣ କରି ପଳାୟନ କରିଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ମାଦ୍, ଭାଗ-6, ପୃ-102, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ସହି ମୁସ୍‌ଲିମ୍ କିତାବୁଲ୍ କିସାମା ୱଲ୍ ମୁହାରିବିନା ବାବ୍-ହୁକ୍‌ମୁଲ୍ ମୁହାରିବିନା ୱଲ୍ ମୁର୍ତଦ୍ଦିନା, ହଦିସ୍-3150, ଭାଗ-9, ପୃ-13, ନୁର୍ ଫାଉଣ୍ଡେସନ୍) (ମୁଅଜିମୁଲ୍ ବଲ୍‌ଦାନ୍, ଲେଖକ-ଡାକ୍ତର ଗୁଲାମ୍ ଜିଲାନୀ ବର୍କ ସାହେବ, ପୃ-263) (ଜୀବନୀ ଶବ୍ଦକୋଷ ପୃ-87, ଜୱାର୍ ଏକାଡ଼େମୀ, କରାଚୀ)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ଶତ୍ରୁମାନେ ମୁସଲନମାନଙ୍କ ସହିତ କ'ଣ (କେଉଁ ବ୍ୟବହାର ପ୍ରଦର୍ଶନ କରିଥିଲେ) କରିଥିଲେ ? ଏମାନେ ମୁସଲମାନମାନଙ୍କ ସହିତ ଯେଭଳି ବ୍ୟବହାର ପ୍ରଦର୍ଶନ କରିଥିଲେ ଏମାନଙ୍କ ଠାରୁ ସେହିପରି ପ୍ରତିଶୋଧ ନିଆଯାଇଥିଲା । ଏମାନେ ମୁସଲମାନମାନଙ୍କୁ ଯେଉଁ ଶାସ୍ତି ପ୍ରଦାନ କରିଥିଲେ । ଠିକ୍ ସେହିପରି ଶାସ୍ତି ମୁସଲମାନମାନେ ମଧ୍ୟ ଏମାନଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଇସ୍‌ଲାମୀୟ ଶିକ୍ଷାନୁଯାୟୀ ଶତ୍ରୁ ପ୍ରତି ଏପରି ବ୍ୟବହାର ଆଉ ପ୍ରଦର୍ଶନ କରାଗଲା ନାହିଁ । ଅର୍ଥାତ୍ ଏହା ଉକ୍ତ ପ୍ରଶ୍ନ ଏବଂ ଆପତ୍ତିର ଉତ୍ତର ଅଟେ । କିନ୍ତୁ ଏହାର କେତେକ ବିସ୍ତୃତ ବୀବରଣୀ ଏବଂ କେତେକ ଲୋକମାନେ ଯେଉଁମାନେ ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରିଥାଆନ୍ତି ଯେ, ଇସ୍‌ଲାମ୍ ଧର୍ମ କାହିଁକି ଶତ୍ରୁମାନଙ୍କ ପ୍ରତି ଏଭଳି ବର୍ବରତା ଏବଂ ଅତ୍ୟାଚାରମୂଳକ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ଉକ୍ତ ପ୍ରଶ୍ନର ଉତ୍ତର ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ପ୍ରଦାନ କରିଛନ୍ତି ।

ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ମୁସଲମାନମାନଙ୍କ ନିମନ୍ତେ ଏହି ଦିନ ଅତ୍ୟନ୍ତ ଭୟଙ୍କର ଥିଲା । କାରଣ କୁରୈଶ ଓ ଇହୁଦୀମାନଙ୍କ ଉପଦ୍ରବରୁ ସମଗ୍ର ଦେଶ ସେମାନଙ୍କ ଶତ୍ରୁ ହୋଇଯାଇଥିଲା ଏବଂ ଶତ୍ରୁତାର ଅଗ୍ନି ପ୍ରଜ୍ୱଳିତ ହେଉଥିଲା ଏବଂ ନିଜର ଆଧୁନିକ ନୀତି ଅନୁଯାୟୀ ସେମାନେ ଏହି ନିଷ୍ପତ୍ତି ମଧ୍ୟ ନେଇଥିଲେ ଯେ, ମଦିନା ଉପରେ ନିୟମିତ ଆକ୍ରମଣ କରିବା ପରିବର୍ତ୍ତେ ଅହରହ ଉପାୟ ଏବଂ କୌଶଳ ଦ୍ୱାରା କ୍ଷତି ସାଧନ କରାଯାଉ । ପ୍ରତାରଣା ଏବଂ ବିଶ୍ୱାସଘାତକତା ଆରବ୍ୟ ନୃଶଂସ ସଂପ୍ରଦାୟରେ ଚରିତ୍ରର ଏକ ଅଭିନ୍ନ ଅଙ୍ଗ ଥିଲା । ତେଣୁ ସେମାନେ ପ୍ରତ୍ୟେକ ପ୍ରକାରର ଉଚିତ୍ ଏବଂ ଅନୁଚିତ ପନ୍ଥା ଦ୍ୱାରା ମୁସଲମାନମାନଙ୍କର କ୍ଷତି ସାଧାନ କରିବା ନିମନ୍ତେ ତତ୍ପର ଥିଲେ । ସୁତରାଂ ଯେଉଁ ଘଟଣାର ବର୍ତ୍ତମାନ ମୁଁ ଚର୍ଚ୍ଚା କରିବାକୁ ଯାଉଛି ସେହି ଘଟଣାକୁ ବର୍ଣ୍ଣନା କରାଯାଇଛି । ତାହା ସେହି ଅପବିତ୍ର ସଂପ୍ରଦାୟର ଏକ ଖିଅ ଥିଲା ଯାହାକି ଅତି ଭୟଙ୍କର ରୂପରେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା । ଆପଣ ର.ଅ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିକି ଯେ, ଶୱାଲ୍ ମାସ 6 ହିଜ୍ରୀ ବର୍ଷରେ ଉକଲ୍ ସଂପ୍ରଦାୟ ଏବଂ ଉରୈନା ସଂପ୍ରଦାୟର ୮ଜଣ ସଂଖ୍ୟକ କେତେକ ବ୍ୟକ୍ତିମାନେ ମଦିନା ଆସିଲେ ଏବଂ ଇସ୍‌ଲାମ୍ ଧର୍ମ ସହିତ ପ୍ରେମ ଓ ଆନ୍ତରୀକତା ପ୍ରଦର୍ଶନ କରି ମୁସଲମାନ ହୋଇ ଯାଇଥିଲେ । କିନ୍ତୁ କିଛି କାଳ ମଦିନାରେ ଅବସ୍ଥାନ କରିବା ପରେ ସେମାନଙ୍କୁ ମଦିନାର ଜଳବାୟୁ ସୁହାଇଲା ନାହିଁ । ମଦିନାର ପାଣି ପବନ ଯୋଗୁଁ ପାକସ୍ଥଳୀ ଏବଂ ପ୍ଲୀହା ଆଦିର ସମସ୍ୟା ସୃଷ୍ଟି ହୋଇ ଯାଇଥିଲା । ସେମାନେ ଏହି ସମସ୍ୟାକୁ ନେଇ ଆଁହଜରତ ସ.ଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ନିଜର ଦୁଃଖ କଷ୍ଟ ବର୍ଣ୍ଣନା କରି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଜଙ୍ଗଲୀ, ଆଦିବାସୀ ଲୋକ ଅଟୁ ଏବଂ ଜୀବ ଏବଂ ପଶୁମାନଙ୍କ ସହିତ ରହି ଆମମେମାନେ ନିଜର ଜୀବନ ଅତିବାହିତ କରି ଦେଇଛୁ । ଆମେମାନେ ସହରୀ ଜୀବନ ଯାପନ କରିବାରେ ଅଭ୍ୟସ୍ତ ନାହୁଁ । ତେଣୁ ଆମେମାନେ ଅସୁସ୍ଥ ହୋଇଯାଇଛୁ । ଆଁହଜରତ ସ.ଅ କହିଲେ, ତୁମମାନଙ୍କୁ ଯଦି ମଦିନାରେ କୌଣସି ସମସ୍ୟା ରହିଛି ତେବେ ତୁମେମାନେ ମଦିନା ବାହାରକୁ ଚାଲିଯାଅ ଯେଉଁଠି ଆମମାନଙ୍କର ଗୃହ ପାଳିତ ପ୍ରାଣୀମାନେ ରୁହନ୍ତି । ଆଁହଜରତ ସ.ଅ ଅତିଥି ସତ୍କାରର କର୍ତ୍ତବ୍ୟ ସମ୍ପାଦନ କଲେ, ସେହି ଡକାୟତ୍ ଅବିଶ୍ୱାସକାରୀମାନଙ୍କ ପ୍ରତି କୃପାବତ୍ସଳମୂଳକ ଆଚରଣ ପ୍ରଦର୍ଶନ କଲେ । ତତ୍‌ସହିତ ଆପଣ ସ.ଅ ସେମାନଙ୍କୁ କହିଲେ, ତୁମେମାନେ ଓଟ କ୍ଷୀର ପାନ କରୁଥାଅ । ସୁସ୍ଥ ହୋଇଯିବ ।

ସେହିପରି ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସେମାନେ ସ୍ୱୟଂ କହିଲେ କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ସ.ଅ ଆମମାନଙ୍କୁ ଅନୁମତି ପ୍ରଦାନ କରନ୍ତି ତେବେ ଆମେମାନେ ମଦିନା ବାହାରେ ଯାଇ ଆପଣ ସ.ଅଙ୍କ ପାଳିତ ଜୀବମାନଙ୍କ ସହିତ ଯାଇ ରହିବୁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ସେମାନଙ୍କୁ ଅନୁମତି ପ୍ରଦାନ କରିଦେଲେ । ସେ ଯାହା ହେଉ ଆଁହଜରତ ସ.ଅଙ୍କ ଠାରୁ ଅନୁମତି ନେବା ପରେ ସେମାନେ ମଦିନା ବାହାରେ ସେହି ଚାରଣଭୂମି ଠାକୁ ଚାଲିଗଲେ ଯେଉଁଠି ମୁସଲମାନମାନଙ୍କର ଓଟମାନେ ରହୁଥିଲେ ।

ଯେତେବେଳେ ଏହି ହତଭାଗ୍ୟମାନେ ଏଠାରେ ନିଜର ଆଡ୍ଡା ଜମେଇ ନେଲେ ଏବଂ ଆଗ ପଛ ଦେଖି ସମସ୍ତ ପରିସ୍ଥିତିର ଅନୁଧ୍ୟାନ କରି, ମୁକ୍ତ ବାୟୁରେ ରହି ଓଟମାନଙ୍କର କ୍ଷୀର ପାନ କରି ହୃଷ୍ଟ ପୁଷ୍ଟ ହୋଇଗଲେ ସେତେବେଳେ ଦିନେ ସେମାନେ ଓଟ ଜଗୁଆଳୀ ତଥା ଦୁହାଳୀମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ହତ୍ୟା କରିଦେଲେ । ସେମାନେ ଏହି ଓଟ ଜଗୁଆଳୀମାନଙ୍କୁ ଏଭଳି ନିର୍ମମ ଏବଂ ନୃଶଂସନୀୟ ଭାବରେ ଜୀବମାନଙ୍କ ପରି ଜେବହ୍ କଲେ ଓ ପୁନଶ୍ଚ ଯେତେବେଳେ ସେହି ଓଟ ଜଗୁଆଳୀମାନଙ୍କ ଶରୀରରେ କିଛି ପ୍ରାଣ ବାକି ରହିଥିଲା ସେତେବେଳେ ଏହି ହତଭାଗ୍ୟ ଅବିଶ୍ୱାସକାରୀମାନେ ସେହି ଓଟ ଜଗୁଆଳୀମାନଙ୍କ ତୁଣ୍ଡରେ ମରୁଭୂମିର ଅତ୍ୟନ୍ତ ତୀକ୍ଷ୍ଣ କଣ୍ଟା ଫୋଡ଼ିଦେଲେ । କାରଣ ସେମାନେ ଅର୍ଥାତ୍ ଓଟ ଜୁଆଳୀମାନେ ନିଜ ପାଟିରୁ ଶବ୍ଦ ବାହାର କରିବେ କିମ୍ବା ସେମାନଙ୍କୁ ଯେତେବେଳେ ଶୋଷ ଲାଗିବ ସେତେବେଳେ ସେମାନେ ଶୋଷ ଯୋଗୁଁ ଛଟପଟ ହେବ ଏବଂ ସେମାନଙ୍କର ଯନ୍ତ୍ରଣା ଆହୁରି ବୃଦ୍ଧି ପାଇବ । ପୁନଶ୍ଚ ସେହି ଅତ୍ୟାଚାରୀମାନେ କେବଳ ଏତିକିରେ ଅଟକିଗଲେ ନାହିଁ । ବରଂ ଉତ୍ତପ୍ତ ଚେଙ୍କ ନେଇଁ ସେହି ମୂର୍ଖ ମୁସଲମାନମାନଙ୍କ ଚକ୍ଷୁରେ ସ୍ପର୍ଶ କରାଇଦେଲେ । ଅର୍ଥାତ୍ ଚେଁଙ୍କ ଦେଇ ଦେଲେ। ଏହିପରି ଭାବରେ ସେହି ନିରୀହ ଏବଂ ନିର୍ଦ୍ଦୋଷ ମୁସଲମାନମାନେ ଖୋଲା ପଡ଼ିଆ ଅର୍ଥାତ୍ ଚାରଣଭୂମିରେ ଛଟପଟ ହୋଇ ମୃତ୍ୟୁବରଣ କଲେ । ସେହି ଓଟ ଜଗୁଆଳୀଙ୍କ ମଧ୍ୟରେ ଆଁହଜରତ ସ.ଅଙ୍କ ୟସାର୍ ନମାକ ଜନୈକ ବ୍ୟକ୍ତିଗତ ସେବକ ଥିଲା । ୟସାର୍ ଆଁହଜରତ ସ.ଅଙ୍କ ଓଟମାନଙ୍କୁ ଚରାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲା ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଯେତେବେଳେ ଏହି ନୃଶଂସ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କର କାମ ତମାମ କରିଦେଲେ ସେତେବେଳେ ସେମାନେ ଓଟମାନଙ୍କୁ ଏକତ୍ରିତ କରି ସେମାନଙ୍କୁ ଘଉଡ଼ାଇ ନେଇ ପଳାୟନ କଲେ । ଆଁହଜରତ ସ.ଅଙ୍କୁ ଉକ୍ତ ଘଟଣା ସଂକ୍ରାନ୍ତରେ ଖବର ଜଣେ ଜଗୁଆଳୀ ପହଞ୍ଚାଇଥିଲା । ସେହି ଜଗୁଆଳୀ ଜଣକ ଦୈବାତ୍ ଅବିଶ୍ୱାସକାରୀଙ୍କ ଠାରୁ ବର୍ତ୍ତି ଯାଇଥିଲା । ଉକ୍ତ ଘଟଣା ସଂପର୍କରେ ଶୁଣି ସାରିବା ପରେ ଆପଣ ସ.ଅ ତୁରନ୍ତ 20 ଜଣ ସାହାବାମାନଙ୍କର ଏକ ସୈନ୍ୟ ଦସ୍ତା ପ୍ରସ୍ତୁତ କରି ସେହି ଅବିଶ୍ୱାସକାରୀମାନଙ୍କ ପଛରେ ପ୍ରେରଣ କରିଦେଲେ । ଏହି ଅବିଶ୍ୱାସକାରୀମାନେ ଯଦିଓ କିଛି ଦୂର ଅତିକ୍ରମ କରି ସାରିଥିଲେ । କିନ୍ତୁ ବିଧିର ବିଧାନ ଏହା ହେଲା କି ଅଲ୍ଲାଃତାଲାଙ୍କ କୃପାରୁ ଏହି ଡକାୟତ ଅବିଶ୍ୱାସକାରୀମାନଙ୍କୁ ମୁସଲମାନମାନେ ଏଭଳି ସ୍ଫୂର୍ତ୍ତିତାର ସହିତ ପିଛା କରି ସେମାନଙ୍କୁ ଧରି ପକାଇଲେ ଏବଂ ଏମାନଙ୍କୁ ଦଉଡ଼ି ସାହାଯ୍ୟରେ ବାନ୍ଧି ଆଣିଲେ । ଆଁହଜରତ ସ.ଅଙ୍କ ଉପରେ ସେତେବେଳେ ଏହି ଆଦେଶ ଅବତୀର୍ଣ୍ଣ ହୋଇ ନଥିଲା ଯେ, ଯଦି କୌଣସି ବ୍ୟକ୍ତି ଏହି ପ୍ରକାରର ଜଘଣ୍ୟ ଅପରାଧ ଅର୍ଥାତ୍ ଚକ୍ଷୁରେ ଉତ୍ତପ୍ତ ଚେଙ୍କ ଦେଇ ଏବଂ ଜିଭରେ କଣ୍ଟା ଫୋଡ଼ି ଅତି ନିର୍ମମ ଭାବରେ ହତ୍ୟା କରେ ତେବେ ସେହି ବ୍ୟକ୍ତିକୁ ସେହିପରି ଦଣ୍ଡ ମିଳିବା ଉଚିତ୍ । ସେହି ବ୍ୟକ୍ତି ସହିତ ଏହିଭଳି ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ସୁତରାଂ ଆପଣ ସ.ଅ ନିଜର ପୁରାତନ ସିଦ୍ଧାନ୍ତ ଅନୁଯାୟୀ ଯେପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମରେ କୌଣସି ନୂତନ ଆଦେଶ ଅବତୀର୍ଣ୍ଣ ହେଉ ନାହିଁ ସେପର୍ଯ୍ୟନ୍ତ ଇହୁଦୀ ଧର୍ମ ବିଧାନ ଅନୁଯାୟୀ ପରିଚାଳିତ ହେବା ଉଚିତ୍ । ଅତଏବ୍ ଆଁହଜରତ ଏହିପରି କାର୍ଯ୍ୟକାରୀ କରୁଥିଲେ । ସୁତରାଂ ଆଁହଜରତ ସ.ଅ ଇହୁଦୀ ଧର୍ମାନୁଯାୟୀ ଆଦେଶ ଦେଲେ ଯେ, ଏହି ଅତ୍ୟାଚାରୀମାନେ ଯେଭଳି ଭାବରେ ମୁସଲମାନ ଓଟ ଚରାଳୀ ତଥା ଜଗୁଆଳୀମାନଙ୍କ ସହିତ ବ୍ୟବହାର ପ୍ରଦର୍ଶନ କରିଛନ୍ତି ଠିକ୍ ସେହିପରି ସେମାନଙ୍କ ଠାରୁ ପ୍ରତିଶୋଧ ନିଆଯାଉ ଓ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏମାନଙ୍କ ସହିତ ମଧ୍ୟ ସମାନ ବ୍ୟବହାର ପ୍ରଦର୍ଶନ କରାଯାଉ । ଏହା ହ. ମୁସା ଅ.ସଙ୍କ ଶିକ୍ଷା ଥିଲା । ଉକ୍ତ ଧର୍ମ ବିଧାନ ଉପରେ କାର୍ଯ୍ୟାନୁସରଣ କରାଯାଉଥିଲା । ଅର୍ଥାତ୍ ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ତରଫରୁ କୌଣସି ଧର୍ମାଦେଶ ଅବତୀର୍ଣ୍ଣ ହେଉ ନଥିଲା ସେପର୍ଯ୍ୟନ୍ତ ଇହୁଦୀ ଧର୍ମ ବିଧାନ ଉପରେ କାର୍ଯ୍ୟାନୁସରଣ କରାଯାଉଥିଲା । କାରଣ ଉକ୍ତ ଶାସ୍ତି ଅନ୍ୟମାନଙ୍କ ନିମନ୍ତେ ଦୃଷ୍ଟାନ୍ତମୂଳକ ସାବ୍ୟସ୍ତ ହେଉ । ସୁତରାଂ ସାମାନ୍ୟ ପରିବର୍ତ୍ତନ ସହିତ ସେହିପରି ଢଙ୍ଗରେ ମଦିନା ବାହାରେ ଖୋଲା ଆକାଶ ତଳେ ଏବଂ ଖୋଲା ପଡ଼ିଆରେ ସେହି ଲୋକମାନଙ୍କୁ ମୃତ୍ୟୁ ଦଣ୍ଡ ଦିଆଗଲା । କିନ୍ତୁ ଇସ୍‌ଲାମ୍ ଧର୍ମ ନିମନ୍ତେ ଅଲ୍ଲାଃତାଲା ଅନ୍ୟ ଶିକ୍ଷା ନିୟତ କରିଥିଲେ । ସୁତରାଂ ଭବିଷ୍ୟତରେ ମଧ୍ୟ ପ୍ରତ୍ୟୁତ୍ତରମୂଳକ କାର୍ଯ୍ୟାନୁଷ୍ଠାନ ସ୍ଥିତିରେ ମୁସ୍‌ଲା (ଶରୀର ଏବଂ ଅଙ୍ଗ ପ୍ରତ୍ୟଙ୍ଗକୁ ବିକୃତ)ର ଶାସ୍ତି ଦେବାକୁ ମଧ୍ୟ ମୁସଲମାନମାନଙ୍କୁ ବାରଣ କରି ଦିଆଗଲା । ଅର୍ଥାତ୍ ଉକ୍ତ କଥାକୁ ଅବୈଧ ବୋଲି ବିବେଚିତ କରାଯାଇଛି ଯେ, ଯେକୌଣସି ସ୍ଥିତିରେ ନିହତ ବ୍ୟକ୍ତି ଓ ଶତ୍ରୁର ଶରୀରକୁ ବିକୃତ କରାଯିବା ଅନୁଚିତ୍ କିମ୍ବା ପ୍ରତିଶୋଧ ପାରାୟଣ ହୋଇ ଶରୀର ଅଙ୍ଗ ପ୍ରତ୍ୟଙ୍ଗକୁ ବିପରୀତ ପାର୍ଶ୍ୱରୁ ଖଣ୍ଡ ବିଖଣ୍ଡିତ କରିବା ଅନୁଚିତ ।

ଉକ୍ତ ଘଟଣା ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଅଧିକ କିଛି ଲେଖିବାର ଆଉ ଆବଶ୍ୟକତା ନାହିଁ । କାରଣ ଉକ୍ତ ପ୍ରସଙ୍ଗରେ ଅତ୍ୟାଚାରର ପ୍ରାରମ୍ଭ ଅବିଶ୍ୱାସକାରୀଙ୍କ ପକ୍ଷରୁ ହୋଇଥିଲା । ଏହି ଅବିଶ୍ୱାସକାରୀମାନେ କୌଣସି କାରଣ ନଥାଇ କେବଳ ଶତ୍ରୁତାରେ ଅନ୍ଧ ହୋଇଯାଇ ନିରାପରାଧ ମୁସଲମାନମାନଙ୍କ ପ୍ରତି ଅତ୍ୟାଚାରମୂଳକ ଓ ବର୍ବରତାମୂଳକ ଆଚରଣ ପ୍ରଦର୍ଶନ କରିଥିଲେ । ତେଣୁ ସେହି ଅବିଶ୍ୱାସକାରୀ ଅଭିଯୁକ୍ତମାନଙ୍କ ପ୍ରତି ଯେଉଁ ଆଚରଣ ପ୍ରଦର୍ଶନ କରାଗଲା ତାହା କାର୍ଯ୍ୟାନୁଷ୍ଠାନମୂଳକ ଏବଂ ପ୍ରତିଶୋଧମୂଳକ ପନ୍ଥା ଥିଲା । ଅର୍ଥାତ୍ ଶତ୍ରୁମାନଙ୍କୁ ଯେଉଁ ଦଣ୍ଡ ଦିଆଗଲା ତାହା ପ୍ରତିଶୋଧ ସ୍ୱରୂପ ଦଣ୍ଡ ଥିଲା । ସେହି ଦଣ୍ଡ ପୁଣି ଏଭଳି ପରିସ୍ଥିତିରେ ଦିଆଗଲା ଯେତେବେଳେ ସମଗ୍ର ଦେଶ ଇସ୍‌ଲାମ୍ ଧର୍ମର ଶତ୍ରୁତାର ଅଗ୍ନି (ନିଆଁ) ପ୍ରଜ୍ୱଳିତ କରିଥିଲା । ପୁନଶ୍ଚ ଉକ୍ତ ନିଷ୍ପତ୍ତି ମଧ୍ୟ ହ. ମୁସା ଅ.ସଙ୍କ ଧର୍ମବିଧାନ ଅନୁଯାୟୀ କରାଯାଇଥିଲା । କିନ୍ତୁ ତଥାପି ଇସଲାମ୍ ଧର୍ମ ଏହାକୁ ଅର୍ଥାତ୍ ଇହୁଦୀ ଧର୍ମର ଧର୍ମ ବିଧାନକୁ ଅକ୍ଷୁର୍ଣ୍ଣ ରଖିଲା ନାହିଁ ଓ ଭବିଷ୍ୟତରେ ଏହିପରି ପନ୍ଥା ଅବଲମ୍ବନ କରିବାକୁ ବାରଣ କରିଦେଲା । ସେହି ପରିସ୍ଥିତିରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା ଉପରେ ଆପତ୍ତି କରିପାରିବ ନାହିଁ । ଇତ୍ୟବସରର ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ଏହି ଲୋକମାନେ ପ୍ରାରମ୍ଭରୁ ହିଁ ମନ୍ଦ ଉଦ୍ଦେଶ୍ୟ ନେଇ ମଦିନା ଆସିଥିଲେ । ସମ୍ଭବତଃ ନିଜର ସଂପ୍ରଦାୟ ଦ୍ୱାରା ଏମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ଯେ, ଏମାନେ ମୁସଲମାନମାନଙ୍କ ଗହଣରେ ରହି ମୁସଲମାନମାନଙ୍କର କ୍ଷତି ସାଧାନ କରନ୍ତୁ । ସମ୍ଭବତଃ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ମଧ୍ୟ ଏହି ବିଶ୍ୱାସକାରୀମାନଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ହୋଇଥାଇ ପାରେ । କିନ୍ତୁ ଯେତେବେଳେ ମଦିନାରେ ରହି ଏମାନଙ୍କୁ କୌଣସି ସୁଯୋଗ ପ୍ରାପ୍ତ ହେଲା ନାହିଁ ସେତେବେଳେ ସେମାନେ ଏହି ପ୍ରସ୍ତାବ ଦେଲେ ଓ ନିଷ୍ପତ୍ତି ନେଲେ ଯେ, ସେମାନେ ମଦିନା ବାହାରେ ଯାଇ ମୁସଲମାନମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ସେମାନଙ୍କର ଏହି ମନ୍ଦ ଉଦ୍ଦେଶ୍ୟ ତହିଁରୁ ମଧ୍ୟ ଜଣା ପଡ଼େ ଯେ, ସେମାନେ ମୁସଲମାନମାନଙ୍କ ଓଟ ଚରାଳୀମାନଙ୍କ ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ କଲେ ତାହା କ'ଣ ଚୋରି ଏବଂ ଲୁଟ୍ ତରାଜମୂଳକ ଆଚରଣ ନଥିଲା ? ହିଁ ଥିଲା । କେବଳ ସେତିକି ନୁହେଁ ବରଂ ଏହା ସଂପୂର୍ଣ୍ଣ ରୂପେ ପ୍ରତିଶୋଧାତ୍ମକ ଥିଲା । ସେମାନେ ଯଦି ପ୍ରାରମ୍ଭରେ ମୁସଲମାନ ହୋଇଥିଲେ ଏବଂ ପରେ ଓଟ ଦେଖି ସେମାନଙ୍କର ଉଦ୍ଦେଶ୍ୟ ପରିବର୍ତ୍ତନ ହୋଇଗଲା ତେବେ ସେ ସ୍ଥଳେ ଏହା ହେବା ଉଚିତ୍ ଥିଲା କି ସେମାନେ ଓଟ ନେଇ ପଳାଇ ଯାଇଥାଆନ୍ତେ ଏବଂ ଯଦି କୌଣସି ଓଟ ଜଗୁଆଳୀ ବ୍ୟକ୍ତି ବାଧକ ସାଜି ଥାଆନ୍ତେ ତେବେ ସେପରିପ୍ରେକ୍ଷୀରେ ସେମାନେ ସେହି ଓଟ ଜଗୁଆଳୀକୁ ହତ୍ୟା କରି ପଳିଇ ଯାଇଥାଆନ୍ତି । କିନ୍ତୁ ଯେଉଁ ଢଙ୍ଗରେ ସେମାନେ ମୁସଲମାନ ଓଟ ଚରାଳୀମାନଙ୍କୁ ଅତି ବୀଭତ୍ସ, ନିର୍ମମ ଭାବରେ ହତ୍ୟା କଲେ ଏବଂ ନିଜକୁ ନିଜେ ବିପତ୍ତିରେ ପକାଇ ନିର୍ଦ୍ଦୟତା ଏବଂ ରକ୍ତପାତ କୃତ୍ୟକୁ ଦୀର୍ଘ କଲେ, ସେହି ଅବିଶ୍ୱାସକାରୀ ହତ୍ୟାକାରୀମାନେ ସେଠାରେ କିଛି ସମୟ ପର୍ଯ୍ୟନ୍ତ ରହିଲେ ଏବଂ ମୁସଲମାନ ଓଟ ଚରାଳୀମାନଙ୍କୁ ତିଳ ତିଳ (ତଡ଼ପେଇ) କରି ହତ୍ୟା କଲେ। ତହିଁରୁ ଏହା ସ୍ପଷ୍ଟ ପ୍ରକାଶ ହୁଏ ଯେ, ସେମାନଙ୍କର ଉକ୍ତ କୃତ୍ୟ ଦୈବାତ୍ ଲୋଭର ପରିଣାମ ନଥିଲା । ବରଂ ସଂପୂର୍ଣ୍ଣ ରୂପେ ଶତ୍ରୁତାର ଏକ ପକ୍ଷ ତହିଁରେ ନିହିତ ଥିଲା। ସେମାନଙ୍କ ମନରେ ଥିବା ବିଦ୍ୱେଷ ଅତି ପୁରୁଣା ଦ୍ୱେଷାଭାବର ପରିଣାମ ଥିଲା । ସେମାନଙ୍କର ଉକ୍ତ ଅତ୍ୟାଚାରମୂଳକ କୃତ୍ୟ ଉତ୍ତରରେ ଆଁହଜରତ ସ.ଅ ଯାହା କିଛି କଲେ ତାହା କେବଳ ପ୍ରତିଶାଧାତ୍ମକ ଏବଂ ପ୍ରତ୍ୟୁତ୍ତରମୂଳକ କାର୍ଯ୍ୟାନୁଷ୍ଠାନ ଥିଲା । ଉକ୍ତ କୃତ୍ୟ ଇସ୍‌ଲାମୀୟ ଆଦେଶାବଳୀର ଅବତୀର୍ଣ୍ଣ ହେବା ପୂର୍ବରୁ ହ. ମୁସା ଅ.ସଙ୍କ ଧର୍ମବିଧାନ ଅନୁଯାୟୀ କରାଗଲା । କିନ୍ତୁ ଏତଦ୍‌ପରେ ଶୀଘ୍ର ଶୀଘ୍ର ଇସ୍‌ଲାମୀୟ ଆଦେଶାବଳୀ ଅବତୀର୍ଣ୍ଣ ହୋଇଗଲା ଏବଂ ଏହି ପ୍ରକାରର ଶାସ୍ତି ପ୍ରତିଶୋଧାତ୍ମକ ସ୍ଥିତିରେ ମଧ୍ୟ ଅବୈଧ ବୋଲି ବିବେଚିତ କରିଦିଆଯାଇଛି ।

ସୁତରାଂ ବୁଖାରୀର ଉକ୍ତ କଥନ ରହିଛି ଯେ, اَنَّ النَّبِيَّ صَلَّى اللّٰهُ عَلَيْهِ وَسَلَّمَ بَعْدَ ذٰلِكَ كَانَ يَحُثُّ عَلَى الصَّدَقَةِ وَيَنْهٰى عَنِ الْمُثْلَةِ ଅର୍ଥାତ୍ ଉକ୍ତ ଘଟଣା ପରେ ଆଁହଜରତ ସ.ଅଙ୍କ ଅସୀମ କୃପା ଏବଂ ଉତ୍ତମ ବ୍ୟବହାର ପ୍ରଦର୍ଶନ ନିମନ୍ତେ ତାଗିଦ୍ କରୁଥିଲେ। ପ୍ରତ୍ୟେକ ପରିସ୍ଥିତିରେ ଶତ୍ରୁମାନଙ୍କ ଶରୀରକୁ ବିକୃତ କରିବାରୁ ଆପଣ ସ.ଅ ସାହାବାମାନଙ୍କୁ ବାରଣ କରୁଥିଲେ । କେତେକ ଆଫ୍ରିକୀୟ ଗବେଷକ ଯହିଁରେ ସାର୍ ୱିଲିୟମ୍ ମିଓର୍ ସାହେବ ମଧ୍ୟ ସାମିଲ୍ ଅଟନ୍ତି, ସେ ଉକ୍ତ ଘଟଣାର ଚର୍ଚ୍ଚା କରି ଅଭ୍ୟାସଗତ ଭାବରେ ଆପତ୍ତି ପ୍ରକାଶ କରିଛନ୍ତି ଯେ, ଯେଭଳି ଭାବରେ ସେହି ହତ୍ୟାକାରୀ ଡାକୁମାନଙ୍କୁ ହତ୍ୟା କରାଗଲା ତାହା ଅତ୍ୟନ୍ତ ଅତ୍ୟାଚାରମୂଳକ ଏବଂ ନୃଶଂସନୀୟ ଥିଲା । କିନ୍ତୁ ଯଦି ସମସ୍ତ ପରିସ୍ଥିତିକୁ ଦୃଷ୍ଟି ସମ୍ମୁଖରେ ରଖି ବିଚାର କରାଯାଏ ତେବେ ଉକ୍ତ ପ୍ରସଙ୍ଗରେ ଇସ୍‌ଲାମ୍ ଧର୍ମ ସଂପୂର୍ଣ୍ଣ ରୂପେ ପବିତ୍ର ବୋଲି ଦୃଶ୍ୟମାନ ହୋଇଥାଏ । କାରଣ ବାସ୍ତବରେ ଉକ୍ତ ନିଷ୍ପତ୍ତି ଇସ୍‌ଲାମ୍ ଧର୍ମର ନଥିଲା ବରଂ ହ. ମୁସା ଅ.ସଙ୍କର ଥିଲା। ସେହି ହ. ମୁସା ଅ.ସଙ୍କ ଧର୍ମ ବିଧାନକୁ ଯୀଶୁ ଖ୍ରୀଷ୍ଟ ରଦ୍ଦ କଲେ ନାହିଁ । ବରଂ ହ. ମୁସା ଅ.ସଙ୍କ ଶିକ୍ଷା ଏବଂ ଧର୍ମ ବିଧାନକୁ ହ. ଇସା ଅ.ସ ଅକ୍ଷୁର୍ଣ୍ଣ ଏବଂ ବଳବତ୍ତର ରଖିଲେ । ହଁ ଯଦି ଆମମାନଙ୍କର ଆପତ୍ତିକାରୀମାନଙ୍କ ଦୃଷ୍ଟିରେ ହ. ମସିହ୍ ଅ.ସଙ୍କ ଉକ୍ତ କଥନ ରହିଛି ଯେ, ଯଦି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଗାଲରେ ଗୋଟିଏ ଚାପୁଡ଼ା ମାରେ ତେବେ ସେପରିପ୍ରେକ୍ଷୀରେ ତୁମେ ସେହି ଚାପୁଡ଼ି ମାରିଥିବା ବ୍ୟକ୍ତିକୁ ଆର ଗାଲ ଦେଖାଇ ଦିଅ । ଯଦି କୌଣସି ବ୍ୟକ୍ତି ତୁମର ବସ୍ତ୍ର ନେବାକୁ ଇଚ୍ଛା ପ୍ରକାଶ କରେ ତେବେ ସେପରିପ୍ରେକ୍ଷୀରେ ତୁମେ ସେହି ବ୍ୟକ୍ତିକୁ ନିଜର ଆଲଖାଲା (ପରିହିତ ବା ପିନ୍ଧିଥିବା) ବସ୍ତ୍ର ମଧ୍ୟ ଦେଇ ଦିଅ । ଯଦି କୌଣସି ବ୍ୟକ୍ତି ତୁମକୁ ତୁମର ଅନିଚ୍ଛା ସତ୍ତ୍ୱେ ଗୋଟିଏ କ୍ରୋଶ ନେଇ ଯିବାକୁ ଚାହେଁ ତେବେ

**ହଦିସେ ନବଵୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family, Jamat Ahmadiya
Kerang, Darul Fazal (Odisha)

ତୁମେ ସେହି ବ୍ୟକ୍ତି ସହିତ ଦଶ କ୍ରୋଶ ଚାଲିଯାଅ । ନିଃସନ୍ଦେହ ଆମମାନଙ୍କର ଆପତ୍ତିକର୍ତ୍ତାମାନଙ୍କୁ ଆପତ୍ତି କରିବାର ଅଧିକାର ପ୍ରାପ୍ତ ହୋଇଛି । କିନ୍ତୁ ପ୍ରଶ୍ନ ଯଦି ଏହା କି କ'ଣ ଉକ୍ତ ଶିକ୍ଷା କୌଣସି ବିବେକୀ ବ୍ୟକ୍ତି ନିକଟରେ କାର୍ଯ୍ୟାନୁସରଣ ଯୋଗ୍ୟ ଅଟେ କି ? କ'ଣ ଆଜି ପର୍ଯ୍ୟନ୍ତ ଉକ୍ତ ଘଟଣାକୁ 1950 ବର୍ଷରୁ ଅଧିକ କାଳ ଅତିକ୍ରାନ୍ତ ହୋଇ ସାରି ନାହିଁ ? କୌଣସି ଖ୍ରୀଷ୍ଟ ଧର୍ମାବଲମ୍ବୀ ପୁରୁଷ ହେଉ କି ମହିଳା ହେଉ ଅବା ଖ୍ରୀଷ୍ଟ ଧର୍ମର କୌଣସି ସଂଗଠନ କିମ୍ବା କୌଣସି ରାଷ୍ଟ୍ର ଉକ୍ତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିଛି କି ? ମଞ୍ଚ ଉପରେ ଚଢି ଉପଦେଶ ଦେବା ନିମନ୍ତେ ନିଃସନ୍ଦେହ ରୂପେ ଏକ ଉତ୍ତମ ଶିକ୍ଷା ଅଟେ । କିନ୍ତୁ ବ୍ୟବହାରିକ ସଂସାରରେ ସେହି ଶିକ୍ଷାକୁ କେବେ ବି କୌଣସି ମର୍ଯ୍ୟାଦା ପ୍ରାପ୍ତ ହୋଇ ନାହିଁ ଓ ନା ହିଁ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତୁତ ହୋଇ ପାରିବ । ଅର୍ଥାତ୍ ଆଗ୍ରହ ପ୍ରକାଶ କରିବ । ଏହି ପରିପ୍ରେକ୍ଷୀରେ ସେହି ପ୍ରକାରର ଆବେଗିକ ଖେଳଣା ସମ୍ମୁଖରେ ରଖି ମୁସଲମାନମାନଙ୍କୁ ଆପତ୍ତିର ଶରବ୍ୟ କରିବା ସ୍ୱୟଂ ଅବୋଧତା ଏବଂ ନିରକ୍ଷରତାର ପ୍ରମାଣ ଦେବା ସହିତ ସମକକ୍ଷ ଅଟେ । ହଁ ହ. ମୁସା ଅ.ସଙ୍କ ଶିକ୍ଷାକୁ ଦୃଷ୍ଟି ସମ୍ମୁଖରେ ରଖ ଯାହା ହ. ଇସା ଅ.ସଙ୍କ ବିପରୀତ ଅଟେ । ତେଣୁ ହ. ମୁସା ଅ.ସ ଜଣେ ଓକିଲ (ନିୟମ ସୃଷ୍ଟିକାରୀ ଅବତାର) ଥିଲେ । ହ. ମୁସା ଅ.ସ ଆଇନର ବାସ୍ତବତାକୁ ଭଲ ଭାବରେ ବୁଝୁଥିଲେ ଅବା ଖ୍ରୀଷ୍ଟିଆନମାନଙ୍କର କଥାକୁ ନୁହଁ । ବରଂ ସେମାନଙ୍କର ବ୍ୟବହାରିକ କୃତ୍ୟ ପ୍ରକାଶରେ ପରିସ୍ଥିତିକୁ ଯେତେବେଳେ ପରୀକ୍ଷା କର ସେତେବେଳେ ବାସ୍ତବତା ସ୍ୱଷ୍ଟ ହୋଇଯିବ ଯେ, ବ୍ୟବହାରିକ କର୍ମଭୂମିରେ କୌଣସି ଧର୍ମ ଇସ୍‌ଲାମ୍ ଧର୍ମର ମୁକାବିଲା କରି ପାରିବ ନାହିଁ । କାରଣ ଇସ୍‌ଲାମ୍ ଧର୍ମ ଯାହା କହେ ତାହା କରି ଦେଖାଇ ଦେଇଥାଏ । ଇସ୍‌ଲାମ୍ ଧର୍ମର ଖାଇବା ଦାନ୍ତ ଏବଂ ଦେଖାଇବା ଦାନ୍ତ ଭିନ୍ନ ଭିନ୍ନ ନୁହେଁ । ଇସ୍‌ଲାମ୍ ଧର୍ମର କଥନ ଏବଂ କରଣ (ଆଚରଣ ଓ ଉଚ୍ଚାରଣ) ଉଭୟ ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଅଟନ୍ତି । କାରଣ କୌଣସି ବୁଦ୍ଧିମାନ ବ୍ୟକ୍ତି, ଅଣ ବିଦ୍ୱେଷକାରୀ ବ୍ୟକ୍ତି ଇସ୍‌ଲାମ୍ ଧର୍ମ ଏବଂ ଇସଲାମ୍ ଧର୍ମର ଶିକ୍ଷା ଉପରେ ଆପତ୍ତି କରି ପାରିବ ନାହିଁ । ବରଂ ହୃଦୟରୁ ସେହି ଶିକ୍ଷାର ପ୍ରଶଂସା ବାହାରିଥାଏ । ଇସ୍‌ଲାମ୍ ଧର୍ମ ହ. ମୁସା ଅ.ସଙ୍କ ଧର୍ମ ବିଧାନ ପରି ଏହା କହେ ନାହିଁ ଯେ, ପ୍ରତ୍ୟେକ ପରିସ୍ଥିତିରେ ପ୍ରତିଶୋଧ ନିଅ ଏବଂ ବିନା କୌଣସି ବାଛ ବିଚାରରେ ପ୍ରତିଶୋଧ ସମୟରେ ବର୍ଚ୍ଛା ପ୍ରୟୋଗ କରି ଚାଲ । ସେହିପରି ଇସ୍‌ଲାମ୍ ଧର୍ମ ଖ୍ରୀଷ୍ଟ ଧର୍ମ ପରି ଏହା ନିର୍ଦ୍ଦେଶ ଦିଏ ଯେ, କୌଣସି ପରିସ୍ଥିତିରେ ମଧ୍ୟ ଶାସ୍ତି ଦିଅ ନାହିଁ । ବରଂ ଯଦି କୌଣସି ଅପରାଧୀ କୌଣସି ଅପରାଧ କରେ ତେବେ ସେହି ଅପରାଧର ଉଦ୍ଦେଶ୍ୟକୁ ନିଜ ତରଫରୁ ସାହାଯ୍ୟ ପ୍ରଦାନ କରି ଆହୁରି ଦୃଢୀଭୂତ କରିଦିଅ । ଅର୍ଥାତ୍ ଅପରାଧୀକୁ ଶାସ୍ତି ନଦେଇ ଛାଡ଼ିଦିଅ ନାହିଁ । ବରଂ ଇସ୍‌ଲାମ୍ ଧର୍ମ ନ୍ୟୁନତା ଏବଂ ଆଧିକ୍ୟତା ମାର୍ଗ ପରିହାର ବା ପରିତ୍ୟାଗ କରି ମଧ୍ୟବର୍ତ୍ତୀ ମାର୍ଗ ଏବଂ ମଧ୍ୟବର୍ତ୍ତୀ ଶିକ୍ଷାକୁ ଅଲମ୍ବନ କରିବା ନିମନ୍ତେ ଶିକ୍ଷା ପ୍ରଦନ୍ କରିଥାଏ । ଏହି ମଧ୍ୟବର୍ତ୍ତୀ ଶିକ୍ଷା ସଂସାରରେ ଶାନ୍ତିର ମୁଳଦୂଆ ଅଟେ ଏବଂ ତାହା ଏହିକି ଯେ, وَجَزٰٓؤُا سَیِّئَۃٍ سَیِّئَۃٌ مِّثۡلُہَا ۚ فَمَنۡ عَفَا وَ اَصۡلَحَ فَاَجۡرُہٗ عَلَی اللّٰہِ **(ଅଶ୍ ଶୁରା: 41)** ଅର୍ଥାତ୍ ଯେ ଅନିଷ୍ଟର ପ୍ରତିଶୋଧ ତଦନୁରୂପ ଅନିଷ୍ଟ ଅଟେ ଏବଂ ଯେ କ୍ଷମା ପ୍ରଦାନ କରେ ଓ ସଂସାରକୁ ଦୃଷ୍ଟିରେ ରଖେ ତାହାର ପୁରସ୍କାର ଅଲ୍ଲାଃଙ୍କ ଠାରେ ରହିଅଛି । ସେ (ଅଲ୍ଲାଃ) ଅତ୍ୟାଚାରୀମାନଙ୍କୁ ପସନ୍ଦ କରନ୍ତି ନାହିଁ ।

ଏହା ହେଉଛି ସେହି ଶିକ୍ଷା ଯେଉଁ ଶିକ୍ଷା ଇସ୍‌ଲାମ୍ ଧର୍ମ ପ୍ରଦାନ କରିଛି ଏବଂ କୌଣସି ବୁଦ୍ଧିମାନ ବ୍ୟକ୍ତି ଉକ୍ତ କଥାକୁ ଅସ୍ୱୀକାର କରିପାରିବ ନାହିଁ ଯେ, ଉକ୍ତ ଶିକ୍ଷା ସର୍ବୋତ୍କୃଷ୍ଟ ନୁହେଁ । କାରଣ ଇସ୍‌ଲାମ୍ ଧର୍ମ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ମାନବିକ ଆବଶ୍ୟକତାର ସମସ୍ତ ପକ୍ଷକୁ ଦୃଷ୍ଟି ରଖିଛି ଏବଂ ଶାସ୍ତି ସ୍ୱରୂପ ମଧ୍ୟ ଇସ୍‌ଲାମ୍ ଧର୍ମ ଏହି କଟକଣା ଲଗାଇ ଦେଇଛି ଯେ, ଶାସ୍ତି ଦେବାରେ ଔଚିତ୍ୟ ସୀମ ଠାରୁ ଲଂଘିବା ଉଚିତ ନୁହଁ ଓ ମୁସ୍‌ଲା ଅର୍ଥାତ୍ ଅଙ୍ଗ ପ୍ରତ୍ୟଙ୍ଗକୁ ବିକୃତ କରିବା, ନୃଶଂସନୀୟ କୃତ୍ୟକୁ ବାରଣ କରି ପବିତ୍ର କୁରଆନ୍ କରୀମ ଅତ୍ୟନ୍ତ ମାର୍ମିକ ଭାବରେ ଇସ୍‌ଲାମୀୟ ଶିକ୍ଷାର ଚରିତ୍ର ଚିତ୍ରଣ କରିଛି । କିନ୍ତୁ ଏହାର ବିପରୀତ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯୀଶୁ ଖ୍ରୀଷ୍ଟଙ୍କ ଏହି ପ୍ରଦର୍ଶିତ ଶିକ୍ଷା ଯେଉଁ ଶିକ୍ଷାକୁ ସେମାନେ ବ୍ୟବହାରିକ ରୂପେ ଶତ୍ରୁମାନଙ୍କ ସହିତ ପ୍ରଦର୍ଶନ କରିଥାଆନ୍ତି ଏବଂ ଯୁଦ୍ଧରେ ଯେଉଁ କୃତ୍ୟକୁ ସେମାନେ ସମ୍ପାଦନ କରି ଥାଆନ୍ତି ଏବଂ ଯୁଦ୍ଧରେ ଏହିଭଳି କୃତ୍ୟ ଅର୍ଥାତ୍ ଅଙ୍ଗକୁ ବିପରୀତ ପାର୍ଶ୍ୱରୁ ଛେଦନ କରି ବିକୃତ କରିଦେବା ଇତ୍ୟାଦି କୃତ୍ୟ କରୁଛନ୍ତି ତାହା ବିଶ୍ୱ ଇତିହାସର ଏକ ଖୋଲା ପୃଷ୍ଠା ଅଟେ । ସେହି ଘଟଣା ଏବଂ ସେହି ଖୋଲା ପୃଷ୍ଠା ତଥା ଶିକ୍ଷାର ଏଠାରେ ପୁନରାବୃତ୍ତି କରିବାର ଆଉ ଆବଶ୍ୟକତା ନାହିଁ। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-744-747)**

ଏହି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ କ'ଣ କରୁ ନାହାନ୍ତି ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଏକ ଯୁଦ୍ଧର ଚର୍ଚ୍ଚା କରିବି । ଉକ୍ତ ଯୁଦ୍ଧକୁ ଜି କର୍ଦ୍ ଯୁଦ୍ଧ ବୋଲି କୁହାଯାଏ । ଏଥି ସଂକ୍ରାନ୍ତରେ ବିଭିନ୍ନ ଜିବନୀ ଲେଖାଳୀମାନେ ଏବଂ ବିଦ୍ୱାନ୍ ପଣ୍ଡିତ ବର୍ଗଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି ଯେ, ଏହି ଯୁଦ୍ଧ କେବେ ହୋଇଥିଲା ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଦ୍ୱାନ୍‌ମାନେ ଉକ୍ତ ଯୁଦ୍ଧକୁ ସୁଲାହ୍ ହୁଦୈବିୟାହ୍ ପରବର୍ତ୍ତୀ ଏବଂ ଖୈବର୍ ଯୁଦ୍ଧ ପୂର୍ବର ଯୁଦ୍ଧ ବୋଲି ମତ ପ୍ରକାଶ କରନ୍ତି । ବିଦ୍ୱାନ୍‌ମାନେ କୁହନ୍ତି ଯେ, ଉକ୍ତ ଯୁଦ୍ଧ ଜୁଲ୍ କାଆଦା 6 ହିଜ୍ରୀ ଏବଂ ମୁହର୍‌ରମ୍ 7 ହିଜ୍ରୀର ମଧ୍ୟବର୍ତ୍ତୀ ଯୁଦ୍ଧ ବୋଲି ବିବେଚିତ କରନ୍ତି ଓ ଜିବନୀକାର ବା ଜୀବନୀ ଲେଖାଳୀମାନେ ଉକ୍ତ ଯୁଦ୍ଧକୁ ବନୁ ଲହୟାନ୍ ଯୁଦ୍ଧ ପରବର୍ତ୍ତୀ ଅର୍ଥାତ୍ ଜୁମାଦିଉଲ୍ ଉଲା 6 ହିଜ୍ରୀର ଯୁଦ୍ଧ ବୋଲି ବିବେଚିତ କରନ୍ତି । ଇମାମ୍ ବୁଖାରୀ ଓ ଇମାମ୍ ମୁସ୍‌ଲିମ୍ ଆଦି ବର୍ଣ୍ଣନାକାରୀଙ୍କ ଅନୁଯାୟୀ ଜିକର୍ଦ୍ ଯୁଦ୍ଧ ଖୈବର୍ ଯୁଦ୍ଧ ଠାରୁ ତିନି ବର୍ଷ ପୂର୍ବେ ହୋଇଥିଲା । ଅତଏବ୍ ଉପରୋକ୍ତ ଇମାମ୍ ଦ୍ୱୟ ଏହାର ଚର୍ଚ୍ଚା ସୁଲାହ୍ ହୁଦୈବିୟା ପରେ ଏବଂ ଖୈବର୍ ଯୁଦ୍ଧ ପୂର୍ବରୁ ଚର୍ଚ୍ଚା କରିଛନ୍ତି । ଅଲ୍ଲାମା ଇବ୍‌ନେ ହିଜର୍ ଉଲ୍ଲେଖ କରନ୍ତି ଯେ, ଇମାମ୍ ଅହମଦ ଓ ଇମାମ୍ ମୁସ୍‌ଲିମ୍ ଇୟାସ୍ ବିନ୍ ସଲ୍‌ମାଙ୍କ ଠାରୁ ଯେଉଁ ବର୍ଣ୍ଣନା ବର୍ଣ୍ଣନା କରିଛନ୍ତି ତାହା ଉକ୍ତ କଥାର ସମର୍ଥନ କରେ ଯେ, ଉକ୍ତ ଯୁଦ୍ଧ ଅର୍ଥାତ୍ ଜିକର୍ଦ୍ ଯୁଦ୍ଧ ଖୈବର୍ ଯୁଦ୍ଧ ଠାରୁ ତିନି ଦିନ ପୂର୍ବେ ହୋଇଥିଲା । ଉକ୍ତ ବର୍ଣ୍ଣନାରେ ହ. ସଲ୍‌ମା ବିନ୍ ଅକ୍‌ୱା ପ୍ରଥମେ ସୁଲାହ୍ ହୁଦୈବିୟା ଓ ପୁନଶ୍ଚ ଜିକର୍ଦ୍‌ର ଚର୍ଚ୍ଚା କରିଛନ୍ତି । ଏତଦ୍‌ପରେ ଆପଣ ଶେଷରେ କହିଲେ, ଉକ୍ତ ଯୁଦ୍ଧ ପରେ ଆମେମାନେ ମଦିନା ଫେରି ଆସିଲୁ ଓ ବର୍ତ୍ତମାନ ତିନି ଦିନ ମଦିନାରେ ଅବସ୍ଥାନ କରି ନଥିଲୁ କି ଆମେମାନେ ଖୈବର୍ ଯୁଦ୍ଧ ଅଭିମୁଖେ ପ୍ରସ୍ଥାନ କଲୁ । ଏହାର ବିପରୀତ ଜୀବନୀ ଲେଖାଳୀମାନେ ଅଲ୍ଲାମା ଇବନେ ଇସ୍‌ହାକ୍ ଓ ଇବ୍‌ନେ ସାଆଦ୍ ପ୍ରଭୃତି ଜୀବନୀ ଲେଖାଳୀମାନେ କୁହନ୍ତି ଯେ, ଜିକର୍ଦ୍ 6 ହିଜ୍ରୀରେ ସୁଲାହ୍ ହୁଦୈବିୟାହ୍ ପୂର୍ବେ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ପୃ-6, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)(ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନି କସିର୍, ପୃ-365-375, ପ୍ରକାଶନ ସ୍ଥାନ-ଦାରୁଲ୍ ମାଆର୍ଫା, ବୈରୁତ) (ଶର୍‌ହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧର ସମୀକ୍ଷା ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ସଂପୂର୍ଣ୍ଣ ରୂପେ ଯଦିଓ କରି ନାହାନ୍ତି କିନ୍ତୁ ଏହିପରି ସମୀକ୍ଷା ଏବଂ ବିଶ୍ଳେଷଣ କରିଛନ୍ତି ଯେ, ଆପଣ ନିଜ ପୁସ୍ତକର ଅବିଶିଷ୍ଟାଂଶ ନିମନ୍ତେ ଯେଉଁ ଶୀର୍ଷକ ବିଷୟବସ୍ତୁ ଉଲ୍ଲେଖ କରିଛନ୍ତି ତହିଁରେ ଆପଣ ର.ଅ ଗଜ୍‌ୱା ଜିକର୍ଦ୍ ଯୁଦ୍ଧକୁ ଖୈବର୍ ଯୁଦ୍ଧ ପୂର୍ବେ ମୁହର୍‌ରମ୍ 7 ହିଜ୍ରୀର ଯୁଦ୍ଧ ବୋଲି ବିବେଚିତ କରିଛନ୍ତି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-837ରୁ ଉଦ୍ଧୃତ)**

ଜିକର୍ଦ ଯୁଦ୍ଧକୁ ଗାବା ଯୁଦ୍ଧ ମଧ୍ୟ କୁହାଯାଏ । କାରଣ ଆଁହଜରତ ସ.ଅଙ୍କ ଓଟ ଏଠାରୁ ଚୋରି ହୋଇଯାଇଥିଲା । ଗାବା ମଦିନା ଠାରୁ ସିରୀୟା ଅଭିମୁଖେ 4 ମାଇଲ୍ ଦୂରତାରେ ଅବସ୍ଥିତ ପର୍ବତର ପଶ୍ଚାତ ଭାଗରେ ଏକ ସମତଳ ଭୂମି ଥିଲା । ଗାବାକୁ ଜିକର୍ଦ୍ ଏଇଥି ପାଇଁ କୁହାଯାଏ ଯେ, ଉୱୈନାହ୍ ବିନ୍ ହିସନ୍ ଯିଏ ଆକ୍ରମଣ କରି ଆଁହଜରତ ସ.ଅଙ୍କ ଓଟମାନଙ୍କୁ ଘଉଡ଼ାଇ ନେଇଯାଇଥିଲା ଏବଂ ଆଁହଜରତ ସ.ଅ ଜିକର୍ଦ୍ ପର୍ଯ୍ୟନ୍ତ ଉୱୈନାହ୍ ବିନ୍ ହିସନ୍‌ର ପିଛା କରିଥିଲେ । ଜିକର୍ଦ ଠାରୁ ପ୍ରାୟ 12 ମାଇଲ୍ ଦୂରତାରେ ଏକ ଝରଣା ରହିଛି । **(ଶର୍‌ହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-56 ଓ 217, ଜୱାର୍ ଏକାଡ଼େମୀ କରାଚୀ)**

ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ରସୁଲୁଲ୍ଲାଃ ସ.ଅଙ୍କ 20ଟି ଦୁଧିଆଳୀ ଓଟ ବ୍ୟତୀତ ଆଉ କେତେକ ଓଟମାନେ ମଧ୍ୟ ରହିଥିଲେ । ଏହି ଓଟମାନେ ଖୈବର୍ ଠାରୁ ବୈଜାର ଚାରଣଭୂମି ଏବଂ ବୈଜା ଠାରୁ ପର୍ବତର ଢାଲୁ ବା ଗଡ଼ାଣିଆ ଅଞ୍ଚଳରେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଚରୁଥିଲେ । ସେଠାରେ ଯେତେବେଳେ ଦୁର୍ଭିକ୍ଷି (ମରୁଡ଼ି) ପଡ଼ିଲା ସେତେବେଳେ ସେହି ଓଟମାନଙ୍କୁ ଗାବା ଆଡ଼କୁ ଅଣାଗଲା । ଜଣେ ଚରାଳୀ ସନ୍ଧ୍ୟା ସମୟରେ ଓଟର କ୍ଷୀର ଦୁହି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରୁଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5 ପୃ-95, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)(ଜୀବନୀ ଶବ୍ଦକୋଷ, ଭାଗ-7, ପୃ-463, ଦାରୁସ୍ ସଲାମ୍ ରିୟାଜ୍)**

ଉୱୈନାହ୍ ବିନ୍ ହିସନ୍ ଫଜାରି ବନୁ ଗତ୍‌ଫାନ୍‌ର 40 ଜଣ ଅଶ୍ୱାରୋହୀଙ୍କ ସମେତ ଏହି ଓଟ ଜଗୁଆଳୀମାନଙ୍କ ଉପରେ ଆକ୍ରମଣ କରି ଓଟମାନଙ୍କୁ ନିଜ ସାଙ୍ଗରେ ନେଇଗଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ବନୁ ଗତ୍‌ଫାନ୍‌ର ଅଧିପତି ଉୱୈନାହ୍‌ର ପୁତ୍ର ଅବ୍‌ଦୁର୍ ରହମାନ ଥିଲା । ଉୱୈନାହ୍ ଏମାନଙ୍କୁ (ଅର୍ଥାତ୍ ପୁତ୍ର ଓ ଅଶ୍ୱାରୋହୀମାନଙ୍କୁ) ସାହାଯ୍ୟ କରିବା ନିମନ୍ତେ ପଛରେ ଏକ ସ୍ଥାନରେ ଉପସ୍ଥିତ ଥିଲା । ଆକ୍ରମଣ ସମୟରେ ସେହି ଶତ୍ରୁମାନେ ହ. ଅବୁ ଜର୍ ର.ଅଙ୍କ ସୁପୁତ୍ର ଜର୍‌ଙ୍କୁ ହତ୍ୟା କରିଦେଲେ । ଅବୁ ଜର୍ ଜଣେ ଓଟ ଚରାଳୀ ଥିଲା ଏବଂ ହ. ଅବୁ ଜର୍ ର.ଅଙ୍କ ପତ୍ନି ଲୈଲାଙ୍କୁ ବନ୍ଦୀ କରି ନିଜ ସାଙ୍ଗରେ ନେଇଗଲେ । ଅପରପକ୍ଷେ ଅବୁ ଜର୍‌ର ପୁତ୍ରର ପତ୍ନି ମଧ୍ୟ ସେଠାରେ ଉପସ୍ଥିତ ଥିଲା । ସେ କିନ୍ତୁ ଶତ୍ରୁ କବଳରୁ ବର୍ତ୍ତିଗଲା। **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-111-112 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-95, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଉୱୈନାହ୍ ବିନ୍ ହିସନ୍ କିଏ ଥିଲା ? ଉୱୈନାହ୍‌ର ପରିଚୟ ସଂପର୍କରେ ଉଲ୍ଲେଖ ରହିଛି ଯେ,ସ ଉୱୈନାହ୍ ଅହ୍‌ଜାବ୍ ଯୁଦ୍ଧ ଅବସରରେ ବନୁ ଫଜାରାହ୍ ସଂପ୍ରଦାୟର ଅଧିପତି ଥିଲା । ଅହଜାବ୍ ଯୁଦ୍ଧ ସମୟରେ ଯେତେବେଳେ ଅବିଶ୍ୱାସକାରୀଙ୍କ ତିନୋଟି ସୈନ୍ୟବାହିନୀ ବନୁ କୁରୈଜା ସଂପ୍ରଦାୟ ସହିତ ମିଶି ମଦିନା ଉପରେ ଅତି ଭୟଙ୍କର ଆକ୍ରମଣର  ଇଚ୍ଛା ବ୍ୟକ୍ତ କଲା ସେତେବେଳେ ସେହି ସୈନ୍ୟବାହିନୀ ମଧ୍ୟରୁ ଗୋଟିଏ ସୈନ୍ୟବାହିନୀର ଅଧିପତି ଉୱୈନାହ୍ ଥିଲା । **(ହ. ସୟେଦିନା ଅବୁ ବକ୍କର ସିଦ୍ଦିକ୍ ର.ଅ, ଲେଖକ-ମୁହମ୍ମଦ୍ ହୁସୈନ୍ ହୈକଲ୍, ପୃ-139, ପ୍ରକାଶନ ସ୍ଥାନ, ବୁକ୍ କର୍ଣ୍ଣର ଶୋ ରୁମ୍)**

ଉୱୈନାହ୍ ବିନ୍ ହିସନ୍ ମକ୍କା ବିଜୟ ପରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲା । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଉୱୈନାହ୍ ବିନ୍ ହିସନ୍ ମକ୍କା ବିଜୟ ପୂର୍ବେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲା ଏବଂ ମକ୍କା ବିଜୟରେ ଅଂଶ ଗ୍ରହଣ କରିଥିଲା । ଉୱୈନାହ୍ ବିନ୍ ମିହ୍‌ସନ୍ ହୁନୈନ୍ ଏବଂ ତାଏଫ୍ ଯୁଦ୍ଧରେ ମଧ୍ୟ ଅଂଶ ଗ୍ରହଣ କରିଥିଲା । ନବୀ କରୀମ୍ ସ.ଅ ଉୱୈନାହ୍‌କୁ ବନୁ ତମିମ୍ ସଂପ୍ରଦାୟର ଉପଦ୍ରବକୁ ପ୍ରତିହତ କରିବା ନିମନ୍ତେ 50 ଜଣ ଅଶ୍ୱାରୋହୀଙ୍କ ସମେତ ପ୍ରେରଣ କରିଥିଲେ । ଉକ୍ତ ଯୁଦ୍ଧରେ କୌଣସି ଅନ୍‌ସାର୍ କିମ୍ବା କୌଣସି ପ୍ରବାସକାରୀ ସାହାବି ସାମିଲ୍ ନଥିଲେ । ଉକ୍ତ ସରିୟାର କାରଣ ଏହା ହୋଇଥିଲା ଯେ, ବିଧର୍ମୀଙ୍କ ସହିତ ଉୱୈନାହ୍ ମଧ୍ୟ ଉପଦ୍ରବର ଶିକାର ହୋଇ ବିଧର୍ମୀ ହୋଇଗଲା । ତଲିହା ଯେତେବେଳେ ଅବତାରତ୍ୱର ଦାବି କଲା ସେତେବେଳେ ଉୱୈନାହ୍ ବିନ୍ ମିହ୍‌ସନ୍ ତା' ସହିତ ମିଶିଗଲା । ଉୱୈନାହ୍ ପ୍ରଥମେ ମୁସଲମାନ ହେଲା । କିନ୍ତୁ ପରବର୍ତ୍ତୀ ସମୟରେ ସେ ପୁନଃ ବିଧର୍ମୀ ବ୍ୟକ୍ତି ହୋଇଗଲା ଏବଂ ମିଥ୍ୟାବାଦୀ ଅବତାର ତଲିହାର ବୈଅତ୍ (ଦୀକ୍ଷା ଗ୍ରହଣ) କରିନେଲା । ପୁନଶ୍ଚ ପରବର୍ତ୍ତୀ ସମୟରେ ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅଙ୍କ ନିକଟରେ ଯେତେବେଳେ ବନ୍ଦୀ ହୋଇ ଆସିଲା ସେତେବେଳେ ଆପଣ ର.ଅ ତା' (ଉୱୈନାହ୍) ଉପରେ ଉପକାର କରି ତା'କୁ କ୍ଷମା କରିଦେଲେ ଏବଂ ସେ ପୁନଃ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-376, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଅଲ୍ ଇସାବା, ଫି ତମିଜିସ୍ ସାହାବା, ଭାଗ-4, ପୃ-639, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଜିୟାଉନ୍ ନବୀ, ଭାଗ-4, ପୃ-566-567, ପ୍ରକାଶନ ସ୍ଥାନ-ଜିୟାଉଲ୍ କୁରଆନ୍, ପବ୍ଲିକେଶନ୍, ଲାହୋରରୁ ଉଦ୍ଧୃତ)**

ସୁତରାଂ ଉୱୈନାହ୍ ବିନ୍ ମିହ୍‌ସନ୍‌ର ବିଶ୍ୱାର ଏମିତି ସେମିତି ଅବସ୍ଥା ହେଉଥିଲା। ଅର୍ଥାତ୍ କେତେବେ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରୁଥିଲା ତ' ଆଉ କେତେବେଳେ ସେ ବିଧର୍ମୀ ପାଲଟି ଯାଉଥିଲା । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ହ. ଅବୁ ଜର୍ ଗଫ୍ଫାରୀ ର.ଅଙ୍କୁ ଗାବା ଯିବାରୁ ଅଟକାଇ ଥିଲେ । କିନ୍ତୁ ରସୁଲୁଲ୍ଲାଃ ସ.ଅଙ୍କ ସାବଧାନ କରିବା ସତ୍ତ୍ୱେ ମଧ୍ୟ ହ. ଅବୁ ଜର୍ ଗଫ୍ଫାରୀ ର.ଅ ଗାବା ଗଲେ। ଏହାର ସବିଶେଷ ବିବରଣୀ ସଂପର୍କରେ ବର୍ଣ୍ଣନାରେ ଉଲ୍ଲିଖିତ ହୋଇଛି ଯେ, ଉୱୈନାହ୍‌ର ଆକ୍ରମଣ ପୂର୍ବରୁ ହ. ଅବୁ ଜର୍ ଗଫ୍ଫାରୀ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଓଟମାନଙ୍କୁ ଚାରଣଭୂମି ଆଡ଼କୁ ଯିବା ନିମନ୍ତେ ଅନୁମତି ଲୋଡ଼ିଥିଲେ । ଆପଣ ସ.ଅ କହିଲେ, ହେ ଅବୁ ଜର୍ ! ମୁଁ ତୁମ ପ୍ରତି ବିପଦର ଆଶଙ୍କା କରୁଛି । କାରଣ ଶତ୍ରୁ ତୁମ ଉପରେ ସେହି ଆଡୁ ଆକ୍ରମଣ ନ କରିଦେଉ । କାରଣ ଆମେମାନେ ଉୱୈନାହ୍ ଓ ତା'ର ସାଥିମାନଙ୍କ ଠାରୁ ଶାନ୍ତିରେ ନଥିଲେ ଏବଂ ଏହି ସ୍ଥାନ ମଧ୍ୟ ସେମାନଙ୍କ ଆଡ଼କୁ ରହିଛି ।  ହ. ଅବୁ ଜର୍ ଗଫ୍ଫାରୀ ର.ଅ ଜିଦ୍ କଲେ । ଆପଣ ସ.ଅ କହିଲେ, ମୁଁ ଏହି ଆଶଙ୍କା କରୁଛି ଯେ, ତୁମ ପୁତ୍ରର ହତ୍ୟା କରିଦିଆଯିବ ଏବଂ ତୁମର ପତ୍ନିକୁ ଗିରଫ କରି ବନ୍ଦୀ କରିନିଆଯିବ ଓ ତୁମେ ଏକ ଆଶାବାଡ଼ି ଧରି ଆସିବ । ହ. ଅବୁ ଜର୍ ଗଫ୍ଫାରୀ ର.ଅ କୁହନ୍ତି: "ମୁଁ ଆଶ୍ଚର୍ଯ୍ୟ ଚକିତ ଯେ, ଆପଣ ସ.ଅ ମୋ ସଂପର୍କରେ ଏଭଳି ଆଶଙ୍କା କରୁଛନ୍ତି ଏବଂ କୁହନ୍ତି ଯେ, ହେ ଅବୁ ଜର୍ ! ମୋତେ ତୁମ ପ୍ରତି ବିପଦର ଆଶଙ୍କା ପ୍ରତିତ ହେଉଛି । ହେଲେ ମୁଁ ତଥାପି ଯିବା ନିମନ୍ତେ ଜିଦ୍ କରୁଥିଲି। ଅତଏବ୍ ଏତଦ୍‌ପରେ ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ଏହିପରି ହିଁ ହେଲା (ଘଟିଲା) ଯେପରି ଆପଣ ସ.ଅ କହିଥିଲେ । ମୁଁ ଘରେ ଥିଲି । ଆଁହଜରତ ସ.ଅଙ୍କ ଓଟ ବାଡ଼ ଭିତରକୁ ଅଣା ଯାଇ ସାରିଥିଲା । ଓଟମାନଙ୍କୁ ଆହାର ଓ ଜଳ ପାନ କରାଯାଇ ସାରିଥିଲା ଏବଂ କ୍ଷୀର ଦୁହା ଯାଇ ସାରିଥିଲା । ପୁନଶ୍ଚ ଆମେମାନେ ଶୋଇଗଲୁ । ରାତ୍ର ସମୟରେ ଉୱୈନାହ୍ ନିଜର 40 ଜଣ ଅଶ୍ୱାରୋହୀଙ୍କ ସହିତ ଆମମାନଙ୍କ ଉପରେ ଆକ୍ରମଣ କରିଦେଲା । ସେମାନେ ଅର୍ଥାତ୍ ୱୟୈନାହ୍‌ର ସୈନ୍ୟମାନେ ଯେତେବେଳେ ଆମକୁ ଡାକ ମାରିଲେ ସେତେବେଳେ ମୋ ପୁତ୍ର ବାହାରକୁ ବାହାରିଲା । ମୋର ସେହି ପୁତ୍ରକୁ ଉୱୈନାହ୍ ଓ ତା'ର ଶତ୍ରୁମାନେ ହତ୍ୟା କରିଦେଲେ ।"

**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-95, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଏଥି ସଂକ୍ରାନ୍ତରେ ହ. ସଲ୍‌ମା ବିନ୍ ଅକ୍‌ୱାଙ୍କ ଶତ୍ରୁର ପିଛା କରିବା ସଂପର୍କରେ ଚର୍ଚ୍ଚା ମଧ୍ୟ ରହିଛି । ବୁଖାରୀରେ ବର୍ଣ୍ଣିତ ହୋଇଛି ଯେ, ହ. ସଲ୍‌ମା ବିନ୍ ଅକ୍‌ୱା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଫଜର୍‌ର ଅଜାନ ହେବା ପୂର୍ବରୁ ବାହାରିଲି । ରସୁଲୁଲ୍ଲାଃ ସ.ଅଙ୍କ ଦୁଧିଆଳୀ ଓଟମାନେ ଜିକର୍ଦ୍ ନାମକ ସ୍ଥାନରେ ଚରୁଥିଲେ । ହ. ସଲ୍‌ମା ର.ଅଙ୍କ ସହିତ ରସୁଲୁଲ୍ଲାଃ ସ.ଅଙ୍କ ଦାସ ରବାହା ମଧ୍ୟ ଥିଲା । ହ. ସଲ୍‌ମା ର.ଅ କୁହନ୍ତି, ଅବ୍‌ଦୁର୍ ରହମାନ୍ ବିନ୍ ଔଫଙ୍କର ଏକ ପୁତ୍ର ମୋତେ ମିଳିଲା । ସେ କହିଲା, ହେ ସଲ୍‌ମା ! ରସୁଲୁଲ୍ଲାଃ ସ.ଅଙ୍କ ଓଟମାନଙ୍କୁ କିଏ ଅପହରଣ କରି ନେଇଯାଇଛି। ମୁଁ କହିଲି କିଏ ନେଇଗଲା ? ଅବଦୁର ରହ୍‌ମାନର ପୁତ୍ର କହିଲା, ଗତଫାନ୍ ସଂପ୍ରଦାୟବାସୀମାନେ ନେଇଯାଇଛନ୍ତି । ଅର୍ଥାତ୍ ହ. ସଲ୍‌ମା ର.ଅ କହିଲେ, ମୁଁ ତିନି ଥର ଉଚ୍ଚ ସ୍ୱରରେ ହେ ସବାହାହୁ । ଉକ୍ତ ଶବ୍ଦ ବିପଦ ସମୟରେ ଉଚ୍ଚାରଣ କରାଯାଇଥାଏ । ଅତଏବ୍ ମଦିନାରେ ଯେଉଁ ଲୋକମାନେ ଥିଲେ ମୁଁ ସେମାନଙ୍କୁ ଉଚ୍ଚ ସ୍ୱରରେ ଡାକ ମାରି କହିଦେଲି । କାରଣ ସେମାନେ ସେଠାରେ ପହଞ୍ଚି ଯାଆନ୍ତୁ। ତାଙ୍କ ସ୍ୱର ଅତି ଉଚ୍ଚ ସ୍ୱର ଥିଲା ଏବଂ ରବାହ୍‌କୁ ରସୁଲୁଲ୍ଲାଃ ସ.ଅଙ୍କୁ ଖବର ଦେବା ନିମନ୍ତେ ପ୍ରେରଣ କରିଦେଲେ । ଏତଦପରେ ମୁଁ ଦ୍ରୁତ ଗତିରେ ଦଉଡ଼ିବାକୁ ଲାଗିଲା ଏପର୍ଯ୍ୟନ୍ତକି ମୁଁ ଶତ୍ରୁମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲି । ଶତ୍ରୁମାନେ ନିଜର ଜୀବମାନଙ୍କୁ ଜଳପାନ କରାଇବାକୁ ଲାଗିଥିଲେ । ମୁଁ ନିଜର ତୀର ଦ୍ୱାରା ସେମାନଙ୍କ ଉପରକୁ ଆକ୍ରମଣ କରିବାକୁ ଲାଗିଲି ଏବଂ ମୁଁ ଜଣେ ଅଭିଜ୍ଞ ଧନୁର୍ଦ୍ଧର ଥିଲି । ମୁଁ କହୁଥିଲି ଯେ, ମୁଁ ହେଉଛି ଇବ୍‌ନେ ଅକ୍‌ୱା ଏବଂ ଆଜି କେବଳ  ନୀଚ ଓ ତୁଚ୍ଛ ଲୋକମାନଙ୍କର ନିହତ ହେବାର ଦିନ ଅଟେ । ସଲ୍‌ମା ବିନ୍ ଅକ୍‌ୱା ଏକୁଟିଆ ମୁକାବିଲା କରିବା ନିମନ୍ତେ ବାହାରି ପଡ଼ିଲେ । ମୁଁ ଉଚ୍ଚ ସ୍ୱରରେ ପଢି ଯାଉଥିଲି । ଯେତେବେଳେ ମୁଁ ବୃକ୍ଷ ଉପରେ (ଜଙ୍ଗଲ ମଧ୍ୟ ଦେଇ ଯାଉଥିଲି ସେତେବେଳେ ମୁଁ ବୃକ୍ଷ ଉପରେ ରହୁଥିଲି) ରହୁଥିଲି ସେତେବେଳେ ମୁଁ ଶତ୍ରୁମାନଙ୍କ ଉପରେ ତୀର ଚାଳନା କରୁଥିଲି। ସେହିପରି ଯେତେବେଳେ ସଂକୀର୍ଣ୍ଣ ଘାଟି ଆସୁଥିଲା ସେତେବେଳେ ମୁଁ ପର୍ବତ ଉପରେ ଆରୋହଣ (ଚଢି) ହୋଇ ଶତ୍ରୁ ଉପରେ ପଥର ଫିଙ୍ଗୁଥିଲି । ଏପର୍ଯ୍ୟନ୍ତକି ମୁଁ ସେହି ଶତ୍ରୁମାନଙ୍କ ଠାରୁ ସମସ୍ତ ଓଟ ଛଡ଼ାଇ ଆଣିଲି ।

ସହି ମୁସ୍‌ଲିମ୍‌ରେ ନିମ୍ନୋକ୍ତି ଶବ୍ଦର ବର୍ଣ୍ଣନା ରହିଛି ଯେ, ହ. ସଲ୍‌ମା ବିନ୍ ଅକ୍‌ୱା କୁହନ୍ତି: "ମୁଁ ଏହିପରି ସେମାନଙ୍କର (ଶତ୍ରୁମାନଙ୍କର) ପିଛା କରୁଥିଲି । ଏପର୍ଯ୍ୟନ୍ତକି ରସୁଲୁଲ୍ଲାଃ ସ.ଅଙ୍କ ଓଟମାନଙ୍କ ମଧ୍ୟରୁ ଏପରି କୌଣସି ଓଟ ନଥିଲା ଯିଏ ନିଜର ଛୁଆ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଜନ୍ତୁ କରିଥିଲା ଏବଂ ମୁଁ ସେହି ଓଟକୁ ନିଜ ପଛରେ ଛାଡ଼ି ନଥିଲି । କହିବାର ତାତ୍ପର୍ଯ୍ୟ ଏହିକି ଯେ, ସଲ୍ମା ବିନ୍ ଅକୱା ଆଁହଜରତ ସ.ଅଙ୍କ ସମସ୍ତ ଓଟ ଛଡ଼ାଇ ଆଣିଲେ। ଶତ୍ରୁମାନେ ଯେତେବେଳେ ପଳାୟନ କରୁଥିଲେ ଏବଂ ନିଜ ଅଶ୍ୱ ତଥା ଓଟରୁ 30ଟି ଚଦର ରହିଥିଲା ତାହାକୁ ସେମାନେ ଫିଙ୍ଗି (ଫୋପାଡ଼ି) ଦେଇଥିଲେ। କାରଣ ସେମାନଙ୍କର ଅଶ୍ୱ ଏବଂ ଓଟର ବୋଝ ଟିକେ କମିଯାଉ । ଯଦ୍ଦ୍ୱାରାକି ସେମାନେ ଅତି ସହଜରେ ଏବଂ ଶୀଘ୍ର ପଳାୟନ କରି ପାରିବେ । ତେଣୁ ମୁଁ ସେହି ଶତ୍ରୁମାନଙ୍କ ଠାରୁ 30ଟି ଚଦର ମଧ୍ୟ ଛଡ଼ାଇ (ଗୋଟାଇ) ଆଣିଲି । ସେମାନେ ଯେଉଁସବୁ ଜିନିଷ ପତ୍ର ଫୋପାଡ଼ି ଯାଉଥିଲେ ମୁଁ ସେଠାରେ ଚିହ୍ନ ସ୍ୱରୂପ ପଥର ରଖି ଦେଉଥିଲି । କାରଣ ରସୁଲୁଲ୍ଲାଃ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ଚିହ୍ନକୁ ଦେଖି ଚିହ୍ନି ନେବେ । ମୁଁ ସେମାନଙ୍କର ପିଛା କରୁଥିଲି ଓ ସେମାନଙ୍କ ଉପରେ ତୀର ବର୍ଷଣ କରି ଚାଲିଥିଲି। ମୁଁ ଏକୁଟିଆ ସେମାନଙ୍କର ମୁକାବିଲା କରୁଥିଲି । **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍ (ଅଧ୍ୟାୟ)-ଗଜୱା ଜାତୁ କର୍ଦ୍ ୱ ହିୟା ଗଜୱାତୁଲ୍ ଲତି ଇଗାରୁ ଫିହା.... ହଦିସ୍ ସଂଖ୍ୟା-4194) (ସହି ମୁସଲିମ୍, ଅନୁବାଦ-କିତାବୁଲ୍ ମୁଗାଜି, ହଦିସ୍ ନଂ-3358, ଭାଗ-09, ପୃ-227-228, ବି.ଦ୍ର ପୃ-223) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-96,97, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଗଜୱାତ୍ ୱ ସରାୟା, ଲେଖକ-ଅଲ୍ଲାମା ମୁହମ୍ମଦ ଅଜହର୍ ଫରିଦ୍ ଶାହ୍, ପୃ-305-306, ଫରିଦିୟା ପବ୍ଲିଶର୍ସ, ସାହିୱାଲ୍)"**

ଇତିହାସ, ଜୀବନୀ ଓ ହଦିସ୍ ପରି ଅନ୍ୟ ବ୍ୟାଖ୍ୟା ଏବଂ ଟୀକାମାନଙ୍କ ଅନୁଯାୟୀ ଏହା ମଧ୍ୟ ଉଲ୍ଲେଖ ହୋଇଛି ଯେ, ସମସ୍ତ ଓଟ ଫେରାଇ ନିଆଯାଇ ପାରିଲା ନାହିଁ । କେତେକ ଓଟମାନଙ୍କୁ ଶତ୍ରୁମାନେ ନିଜ ସହିତ ନେଇଯିବାକୁ ସଫଳ ହୋଇଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-107, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ସେ ଯାହା ହେଉ ଅନ୍ୟ ପଟରେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କୁ ଉକ୍ତ ଘଟଣାର ସୂଚନା ଯେତେବେଳେ ମିଳିଲା ସେତେବେଳେ ମଦିନାରେ ଏହି ଘୋଷଣା କରାଗଲା ଯେ, ହେ ମଦିନାବାସୀ ! ବର୍ତ୍ତମାନ ବିପତ୍ତିର ସମୟ ଅଟେ। ସୁତରାଂ ଘୋଷଣା କରି ଦିଆଗଲା يَا خَيْلَ اللّٰهِ ارْكَبِيْ ଅର୍ଥାତ୍ ହେ ଅଲ୍ଲାଃଙ୍କର ଅଶ୍ୱାରୋହୀମାନେ! ଅଶ୍ୱ ଉପରେ ଆରୋହଣ ହୋଇଯାଅ । ଠିକ୍ ସେତିକିବେଳେ ଅଶ୍ୱାରୋହୀମାନେ ଆପଣ ସ.ଅଙ୍କ ନିକଟରେ ଏକତ୍ରିତ ହେବାକୁ ଲାଗିଲେ । ସର୍ବ ପ୍ରଥମେ ହ. ମିକ୍‌ଦାଦ୍ ର.ଅ ଆପଣ ସ.ଅଙ୍କ ନିକଟକୁ ଆସିଲେ ପୁନଶ୍ଚ ଏହାପରେ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ, ସାଆଦ୍ ବିନ୍ ଜୈଦ୍ ର.ଅ, ଉସୈଦ୍ ବିନ୍ ହୁଜୈର୍ ର.ଅ, ଉକାଶା ର.ଅ, ମୁହରିଜ୍ ବିନ୍ ନଜ୍‌ଲା ର.ଅ, ଅବୁ କତାଦା ର.ଅ ଓ ଅବୁ ଅୟ୍ୟାଶ୍ ର.ଅ ମଧ୍ୟ ପହଞ୍ଚିଗଲେ । ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ବିନ୍ ଜୈଦ୍ ର.ଅଙ୍କୁ ନିଜର ଅମୀର ରୂପେ ନିଯୁକ୍ତ କଲେ ଏବଂ କହିଲେ, ହେ ସାଆଦ୍ ! ତୁମେ ଶତ୍ରୁର ପିଛା କରିବା ପାଇଁ ବାହାରି ପଡ଼ । ଏପର୍ଯ୍ୟନ୍ତକି ମୁଁ ମଧ୍ୟ ତୁମ ସହିତ ଆସି ମିଶିଯିବି । ଆପଣ ସ.ଅ କହିଲେ: "ତୁମେମାନେ ଆଗେ ଆଗେ ଚାଲ ! ମୁଁ ତୁମମମାନଙ୍କ ପଛେ ପଛେ ଆସୁଛି ରସୁଲୁଲ୍ଲାଃ ସ.ଅ 500 ସାହାବାମାନଙ୍କ ସହିତ ବାହାରିଲେ ଏବଂ ଏହା ମଧ୍ୟ କୁହାଯାଏ ଯେ, ଆପଣ ସ.ଅ 700 ସାହାବାମାନଙ୍କ ସିହତ ବାହାରିଥିଲେ । ଆପଣ ସ.ଅ ମଦିନାରେ ହ. ଉମ୍ମେ ମକ୍‌ତୁମ ର.ଅଙ୍କୁ ନିଜର ନାଏବ୍ (ଉପ ଶାସକ) ରୂପେ ନିଯୁକ୍ତ କଲେ ଓ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କୁ 300 ସାହାବାମାନଙ୍କ ସମେତ ମଦିନାର ସୁରକ୍ଷା ନିମନ୍ତେ ପଛରେ ଛାଡ଼ିଗଲେ ଅର୍ଥାତ୍ ମୁତୟନ କଲେ । ରସୁଲୁଲ୍ଲାଃ ସ.ଅ ହ. ମିକ୍‌ଦାଦ୍ ବିନ୍ ଅସୱଦ୍ ର.ଅଙ୍କ ବର୍ଚ୍ଛା ଉପରେ ଧ୍ୱଜା ବାନ୍ଧିଲେ।" **(ଶରହୁଲ୍ ଅଲ୍ଲାମା ଅଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦନିୟାହ୍, ଭାଗ-3, ପୃ-113 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-96,97, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଉକ୍ତ ଅଭିଯାନରେ ଏକ ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେ, ଇବ୍‌ନେ ଇସ୍‌ହାକ୍ କୁହନ୍ତି: "ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବୁ ଅୟ୍ୟାଶ୍ ! କ'ଣ ତୁମେମାନେ ନିଜର ଅଶ୍ୱ ଏପରି ବ୍ୟକ୍ତିଙ୍କୁ ଦେବ ନାହିଁ ଯିଏ ତୁମ ଠାରୁ ଉତ୍ତମ ଅଶ୍ୱାରୋହୀ ଅଟେ । କାରଣ ସେ ଯାଇ ଶତ୍ରୁ ସହିତ ମୁହାଁମୁହିଁ ହୋଇଯିବ । ହ. ଅବୁ ଅୟ୍ୟାଶ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସମସ୍ତ ଅଶ୍ୱାରୋହୀଙ୍କ ଅପେକ୍ଷା ସର୍ବୋତ୍ତମ ଅଶ୍ୱାରୋହୀ ଅଟେ । ଅୟ୍ୟାଶ ଉକ୍ତ କଥା କହି ନିଜର ଅଶ୍ୱକୁ ଗୋଇଠି ମାରି ଆଗକୁ ଯିବା ନିମନ୍ତେ ଇଙ୍ଗିତ କଲେ । କିନ୍ତୁ ବର୍ତ୍ତମାନେ 50 ଗଜ୍ (Yard) ଯାଇ ନଥିଲେ କି ସେହି ଅଶ୍ୱ ତାଙ୍କୁ ଭୂମି ଉପରେ ପକାଇ ଦେଲେ । ମୁଁ ଆଶ୍ଚର୍ଯ୍ୟ ଚକିତ୍ ହେଲି ଯେ, ରସୁଲୁଲ୍ଲାଃ ସ.ଅ କହୁଥିଲେ ଯେ, ହେ ଅବୁ ଅୟ୍ୟାଶ ! ତୁମେ ଅଶ୍ୱକୁ ନିଜ ଠାରୁ ଉତ୍ତମ ଆରୋହୀକୁ ଦେଇ ଦିଅ । ମୁଁ କହୁଥିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ସବୁଠାରୁ ଭଲ ଅଶ୍ୱାରୋହୀ ଅଟେ । ପୁନଶ୍ଚ ଉକ୍ତ ଅଶ୍ୱକୁ ଆପଣ ସ.ଅ ହ. ଅବୁ ଅୟ୍ୟାଶଙ୍କ ଠାରୁ ନେଇ ହ. ମୁଆଜ୍ ବିନ୍ ମାଇସ୍‌ଙ୍କୁ ଦେଇଦେଲେ ।" **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-97, 98, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ସଲ୍ମା ର.ଅ ଯିଏ ଶତ୍ରୁମାନଙ୍କର ପିଛା କରୁଥିଲେ ସେ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ସୂର୍ଯ୍ୟ ବୃଦ୍ଧି ପାଇଲା ଅର୍ଥାତ୍ ଦିନ ଯେତେବେଳେ ଗଡ଼ି ଚାଲିଲା ସେତେବେଳେ ଉୟୈନା ତାଙ୍କୁ (ହ. ସଲ୍‌ମାଙ୍କୁ) ସାହାଯ୍ୟ କରିବା ନିମନ୍ତେ ଆସିଲେ। ତହିଁରୁ ଏହା ଜ୍ଞାତ ହୁଏ ଯେ, ଉୟୈନା ସ୍ୱୟଂ ଏଠାରେ ଉପସ୍ଥିତ ଥିଲା । ସେ ଏକ ସଂକୀର୍ଣ୍ଣ ଘାଟିରେ ଥିଲା । ସେ କୁହନ୍ତି ମୁଁ (ସଲ୍‌ମା ର.ଅ) ପର୍ବତ ଉପରେ ଚଢିଗଲି। ଉୟୈନା କହିଲେ, କିଏ ? ଉୟୈନାର ସାଥିମାନେ ଉୟୈନାକୁ କହିଲେ, ସକାଳୁ ଆରମ୍ଭ କରି ଏପର୍ଯ୍ୟନ୍ତ ଆମେମାନେ ବିପଦଗ୍ରସ୍ତ ଅଟୁ । ଏହି ବ୍ୟକ୍ତି ହ. ସଲ୍‌ମା ର.ଅ ଆମମାନଙ୍କର ପିଛା କରୁଛି । ଆମମାନଙ୍କ ଉପରେ ତୀର ବର୍ଷଣ କରୁଛି ଏବଂ ନିଜର ଜୀବମାନଙ୍କୁ ମୁକୁଳାଇ ନେଉଛି । ସେ ଆମମାନଙ୍କର ସମସ୍ତ ଜିନିଷ ପତ୍ର ହରଣ କରିନେଇଛି । ଉୟୈନା କହିଲା, ହେ ସୈନ୍ୟମାନେ ତା'କୁ (ସଲ୍‌ମାକୁ) ଯଦି ବିଶ୍ୱାସ ନଥାଆନ୍ତ ଯେ, ତା' ପଛରେ ଲୋକମାନେ ଆସୁଛନ୍ତି ତେବେ ସେ ତୁମକୁ କେତେବେଳୁ ଛାଡ଼ି ପଳାଇ ଥାଆନ୍ତା । ସେ ବଡ଼ ଚତୁର ବ୍ୟକ୍ତି ଅଟେ । ସେ କହିଲା, ନିଃସନ୍ଦେହ ଏମାନଙ୍କ ପଛେ ପଛେ ଅନ୍ୟ କୌଣସି ସୈନ୍ୟବାହିନୀ ଆସୁଛି। ତେଣୁ ତୁମମାନଙ୍କ ମଧ୍ୟରୁ କିଛି ଲୋକ ସେହି ବ୍ୟକ୍ତି ଆଡ଼କୁ ଯାଅ । ସେ ଉକ୍ତ କଥା ନିଜର ସାଥିମାନଙ୍କୁ କହିଲା । ସୁତରାଂ ସେମାନଙ୍କ ମଧ୍ୟରୁ 4 ଜଣ ବ୍ୟକ୍ତି ମୋ (ସଲ୍‌ମା) ନିକଟକୁ ଆସିଲେ ଏବଂ ପର୍ବତ ଉପରେ ଚଢିଗଲେ । ମୁଁ ସେମାନଙ୍କୁ କହିଲି କି ତୁମେମାନେ ମୋତେ ଜାଣ କି ? ସେ କହିଲା, ତୁମେ କିଏ ? ମୁଁ କହିଲି, ମୁଁ ସଲ୍‌ମା ବିନ୍ ଅକ୍‌ୱା ଅଟେ । ମୁଁ ସେହି ଅସ୍ତିତ୍ୱଙ୍କର ଶପଥ କରି କହୁଛି ! ଯିଏ ଆଁହଜରତ ସ.ଅଙ୍କୁ ସମ୍ମାନ ପ୍ରଦାନ କରିଛନ୍ତୁ । ତୁମମାନଙ୍କ ମଧ୍ୟରୁ ମୋତେ କେହି ବି ଧରି ପାରିବ ନାହିଁ ଏବଂ ମୁଁ ଯଦି ଶତ୍ରୁର ପିଛା କରେ ତେବେ କେହି ବି ମୋ ଠାରୁ ବର୍ତ୍ତି ପାରିବ ନାହିଁ । ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲା, ମୋର ମଧ୍ୟ ଏହି ଧାରଣା ରହିଛି । ପୁନଶ୍ଚ ସେମାନେ ଭୟଭୀତ ହୋଇ ଫେରିଗଲେ । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ । **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍ (ଅଧ୍ୟାୟ)-ଗଜୱା ଜାତୁ କର୍ଦ୍ ୱ ହିୟା ଗଜୱାତୁଲ୍ ଲତି ଇଗାରୁ ଫିହା.... ହଦିସ୍ ସଂଖ୍ୟା-4194) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-96,ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ସ୍ଥାନରେ ଅଟକି ରହିଲି ଏପର୍ଯ୍ୟନ୍ତକି ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଅଶ୍ୱାରୋହୀମାନଙ୍କୁ ଯେଉଁମାନଙ୍କୁ ଆଁହଜରତ ସ.ଅ ମୋ ପୂର୍ବରୁ ପ୍ରେରଣ କରିଥିଲେ । ତେଣୁ ମୁଁ ସେହି ଅଶ୍ୱାରୋହୀମାନଙ୍କୁ ଦେଖିନେଲି । ସେହି ଅଶ୍ୱାରୋହୀମାନେ ବୃକ୍ଷ ମଧ୍ୟରୁ ପ୍ରକଟ ହେଉଥିଲେ । ସେହି ଅଶ୍ୱାରୋହୀମାନଙ୍କ ମଧ୍ୟରୁ ସର୍ବ ପ୍ରଥମେ ମୁହରିଜ୍ ବିନ୍ ନଜ୍‌ଲା, ଅଖରମ୍ ଅସଦି ଥିଲେ । ତାଙ୍କ ପଛରେ ଅବୁ କତାଦା ଅନ୍‌ସାରୀ ର.ଅ ଏବଂ ତାଙ୍କ ପଛକୁ ମିକ୍‌ଦାଦ୍ ବିନ୍ ଅସୱଦ୍ ର.ଅ ଥିଲେ । ମିକ୍‌ଦାଦ୍ ବିନ୍ ଅସୱଦ୍ ର.ଅ ପରେ ଆସିଲେ । ମୁଁ ଅଖରମ୍‌ଙ୍କ ଅଶ୍ୱର ଡୋରକୁ ଧରିଲି । ମୁଁ କହିଲି, ହେ ଅଖରମ୍ ! ତୁମେ ସେହି ଶତ୍ରୁଙ୍କ ଠାରୁ ବର୍ତ୍ତିବାକୁ ଚେଷ୍ଟା କର ଅନ୍ୟଥା ସେମାନେ ତୁମକୁ ମାରିଦେବେ । ତୁମେ ଏବେ ସେମାନଙ୍କ ନିକଟକୁ ଯାଅ ନାହିଁ । ଯେପର୍ଯ୍ୟନ୍ତ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ଏଠାରେ ପହଞ୍ଚି ଯାଇ ନାହାନ୍ତି ସେପର୍ଯ୍ୟନ୍ତ ଟିକେ ଅପେକ୍ଷା କର । ସେ କହିଲେ, ହେ ସଲ୍‌ମା ! ତୁମେ ଯଦି ଅଲ୍ଲାଃତାଲା ଓ ଶେଷ ଦିବସ ଉରପରେ ବିଶ୍ୱସା ରଖୁଛ ତେବେ ତୁମେ ଜାଣିଛ ଯେ, ବୈକୁଣ୍ଠ (ସ୍ୱର୍ଗ) ଶାସ୍ୱତ (ସତ୍ୟ) ଅଟେ ଏବଂ ନର୍କ ମଧ୍ୟ ସାଶ୍ୱତ (ସତ୍ୟ) ଅଟେ । ତେଣୁ ତୁମେ ମୋର ଶାହାଦତ୍ (ବୀରଗତି ପ୍ରାପ୍ତ) ମଧ୍ୟରେ ବାଧା ହୋଇ ଛିଡ଼ା ହୁଅ ନାହିଁ ।

ହୁଜୁର ଅନୱର ଅ.ବ କହିଲେ, ତେଣୁ ହ. ମିକ୍‌ଦାଦ୍ ବିନ୍ ଅସୱଦ୍ ଅତ୍ୟନ୍ତ ସାହସିକତାମୂଳକ କଥା କହିଛନ୍ତି । ସଲ୍‌ମା ର.ଅ କୁହନ୍ତି ମୁଁ ତା'କୁ ଅର୍ଥାତ୍ ହ.

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍‌ଙ୍କୁ ଛାଡ଼ିଦେଲି । ଏପର୍ଯ୍ୟନ୍ତକି ହ. ଅଖରମ୍ ର.ଅ ଓ ଅବ୍ଦୁର ରହ୍‌ମାନ ବିନ୍ ଉୟୈନା ପରସ୍ପର ମୁହାଁମୁହିଁ ହେଲେ । ହ. ଅଖରମ୍ ର.ଅ ଅବଦୁର୍ ରହମାନ୍ ବିନ୍ ଉୟୈନା ସହିତ ତା'ର ଅଶ୍ୱକୁ ମଧ୍ୟ ଆହତ କରିଦେଲେ । ପାଲଟା ଆକ୍ରମଣରେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଉୟୈନା ହ. ଅଖରମ୍ ର.ଅଙ୍କୁ ବର୍ଚ୍ଛା ମାରି ଶହୀଦ୍ କରିଦେଲା ଏବଂ ତାଙ୍କର ଅଶ୍ୱ ଉପରେ ଆରୋହଣ ହୋଇ ଅନ୍ୟ ଦିଗ ମୁହାଁ ହେଲା । ଅନ୍ୟ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅଖରମ୍ ର.ଅଙ୍କୁ ଔବାର୍ ଶହୀଦ୍ କରିଥିଲା । ଔବାର୍ ଓ ତା'ର ପୁତ୍ର ଗୋଟିଏ ଓଟ ଉପରେ ଆରୋହଣ ହୋଇଥିଲେ। ହ. ଉକାଶା ର.ଅ ଏକ ବର୍ଚ୍ଛା ମାରିଲେ ଓ ଦୁହିଁଙ୍କୁ ଅର୍ଥାତ୍ ଔବାର୍ ଓ ତା'ର ପୁତ୍ରକୁ ଗୋଟିଏ ଚୋଟରେ ସଂହାର କରିଦେଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନା ଏହା ଉଲ୍ଲେଖ ରହିଛି ଯେ, ହ. ଅଖରମ୍ ର.ଅଙ୍କୁ ମସ୍‌ଅଦା ଶହୀଦ୍ କରିଥିଲା ।

ଶାହାଦତ୍‌ର ଘଟଣା ସଂକ୍ରାନ୍ତରେ ଏକ ସ୍ୱପ୍ନର ଚର୍ଚ୍ଚା ମଧ୍ୟ ରହିଛି । ହ. ଅଖରମ୍ ର.ଅ ଶତ୍ରୁ ସହିତ ମୁହାଁମୁହିଁ ହେବାରେ ଗୋଟିଏ ଦିନ ପୂର୍ବେ ସ୍ୱପ୍ନରେ ଦେଖିଲେ ଯେ, ମୋ ପାଇଁ ଆକାଶ ଉନ୍ମୁକ୍ତ (ଖୋଲିଯାଇଛି, ଫିଟି ଯାଇଛି) ହୋଇଯାଇଛି ଏବଂ ମୁଁ ଆକାଶରେ ପ୍ରବେଶ କରି ଯାଇଛି । ଏପର୍ଯ୍ୟନ୍ତକି ମୁଁ ସପ୍ତମ ଆକାଶ ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ପୁନଶ୍ଚ ସିଦରତୁଲ୍ ମୁନତାହା (ବର କୋଳିର ଏକ ବୃକ୍ଷ ଯାହା ସପ୍ତମ ଆକାଶ ଲୋକରେ ଅବସ୍ଥିତ) । ମୋତେ କୁହାଗଲା ଯେ, ଏହା ହେଉଛି ତୁମର ସ୍ଥାନ । ମୁଁ ଉକ୍ତ ସ୍ୱପ୍ନ ହ. ଅବୁ ବକ୍‌ରର ର.ଅଙ୍କ ସମ୍ମୁଖରେ ବର୍ଣ୍ଣନା କଲି । ସେ କହିଲେ, ହେ ଅଖରମ୍ ମୁଁ ତୁମକୁ ଶାହାଦତ୍‌ର ଶୁଭେଚ୍ଛା ଜଣାଉଛି । ଏହାର ଗୋଟିଏ ଦିନ ପରେ ତାଙ୍କୁ ଶହୀଦ୍ କରିଦିଆଗଲା । ହ. ମୁହରିଜ୍ ର.ଅଙ୍କ ପଛେ ପଛେ ହ. ଅବୁ କତାଦା ର.ଅ ମଧ୍ୟ ପହଞ୍ଚିଗଲେ । ରସୁଲୁଲ୍ଲାଃ ସ.ଅଙ୍କ ଅଶ୍ୱାରୋହୀମାନେ ହ. ଅବୁ କତାଦା ର.ଅଙ୍କ ମୁକାବିଲା ଅବ୍‌ଦୁର୍ ରହମାନ ବିନ୍ ଉୟୈନା ସହିତ ହେଲା। ସେମାନେ ପରସ୍ପର ମଧ୍ୟରେ ବର୍ଚ୍ଛା ଯୁଦ୍ଧ କରିବାକୁ ଲାଗିଲେ । ଉୟୈନାର ପୁତ୍ର ଅବ୍‌ଦୁର୍ ରହ୍‌ମାନ ବିନ୍ ଉୟୈନା ଅବୁ କତାଦା ର.ଅଙ୍କ ଅଶ୍ୱମାନଙ୍କର ଗୋଡ଼ି କାଟି ଦେଲେ ଏବଂ ହ. ଅବୁ କତାଦା ର.ଅ ତା'କୁ ବଧ କରିଦେଲେ ଏବଂ ତା'ର ଅଶ୍ୱ ଉପରେ ନିଜେ ଆରୋହଣ ହୋଇଗଲେ । **(ସହି ମୁସ୍‌ଲିମ୍, ଭାଗ-9, ପୃ-233-235, କିତୁବାଲୁ ଜିହାଦ୍ ୱସ୍ ସୈର୍, ବାବ୍-ଗଜ୍‌ୱା ଜି କର୍ଦ୍ ୱଗୈରହା, ହଦିସ୍ ନଂ-3358) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-114 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-98-99, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ଅବୁ କତାଦା ର.ଅ ମସ୍‌ଅଦା ଫଜାରୀଙ୍କ ସହିତ ମୁକାବିଲା କରିବା ସଂପର୍କରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏକ ବର୍ଣ୍ଣନାନୁଯାୟୀ ଅବୁ କତାଦା ର.ଅଙ୍କ ଉକ୍ତ ଘଟଣାର ସୂଚନା ପ୍ରାପ୍ତ ହେଲା । ଅର୍ଥାତ୍ ଶତ୍ରୁର ଆକ୍ରମଣର ସୂଚନା ମିଳିଥିଲା । ଆଁହଜରତ ସ.ଅ ନିଜର ସାହାବାମାନଙ୍କ ସହିତ ମଦିନାରୁ ଜୁବାବ୍ ଅଭିମୁଖେ ଯାତ୍ରା କରିଥିଲେ । ଜୁବାବ୍ ସନିୟତୁଲ୍ ୱଦାଅ ଠାରୁ ଓହ୍ଲାଇ ୱହୋଦ୍ ପର୍ବତ ମାର୍ଗରେ ଏକ କ୍ଷୁଦ୍ର କୃଷ୍ଣ ରଙ୍ଗର ପର୍ବତ ଅବସ୍ଥିତ ଅଟେ । ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଯେତେବେଳେ ଆସିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ କତାଦା ! ଆଗକୁ ଚାଲ ଅଲ୍ଲାଃତାଲା ତୁମକୁ ସାହାଯ୍ୟ କରନ୍ତୁ । ହ. ଅବୁ କତାଦା ର.ଅ କୁହନ୍ତି, ମୁଁ ବାହାରିଲି ଏବଂ ମୋ ସହିତ ଆଉ ଜଣେ ବ୍ୟକ୍ତି ମଧ୍ୟ ଥିଲା । ଆମେ ଦୁହେଁ ଶୀଘ୍ର ଶୀଘ୍ର ଶତ୍ରୁ ପର୍ଯ୍ୟନ୍ତ ପହଞ୍ଚିଗଲୁ । ଅବୁ କାତାଦାଙ୍କର ସାଥି କହିଲା, ହେ ଅବୁ କତାଦା! ଶତ୍ରୁମାନଙ୍କ ସହିତ ମୁକାବିଲା କରିବାକୁ ଆମମାନଙ୍କ ମଧ୍ୟରେ ଶକ୍ତି ନାହିଁ । ଅବୁ କତାଦା କହିଲେ, ହେ ବ୍ୟକ୍ତି ! ତୁମେ ଏହା କହୁଛ ଯେ, ମୁଁ ଆଁହଜରତ ସ.ଅଙ୍କର ଅପେକ୍ଷା କରିବି । ଅର୍ଥାତ୍ ସଂପୂର୍ଣ୍ଣ ସୈନ୍ୟବାହିନୀ ପଛ ପଟୁ ଆସିବା ପରେ ଯାଇ ଆମେ ଆକ୍ରମଣ କରିବି । ଅର୍ଥାତ୍ ତୁମେ କହୁଛ ଆମେ ବର୍ତ୍ତମାନ ଆକ୍ରମଣ କରିବା ପରିବର୍ତ୍ତେ ପରେ ଆକ୍ରମଣ କରିବୁ । ଅବୁ କତାଦା ର.ଅ କୁହନ୍ତି ଯେ, ମୁଁ ଏହା କହୁଛି ଯେ, ମୁଁ ଗୋଟିଏ ପଟୁ ଶତ୍ରୁ ଉପରେ ଆକ୍ରମଣ କରିବି ଓ ତୁମେ ଅନ୍ୟ ପଟୁ ଶତ୍ରୁ ଉପରେ ଆକ୍ରମଣ କରିବ । ଅତଏବ୍ ଏମାନେ ଦୁହେଁ ଶତ୍ରୁ ଉପରେ ଆକ୍ରମଣ କରିଦେଲେ ଏବଂ ଶତ୍ରୁ ପକ୍ଷକୁ ସମସ୍ୟାରେ ପକାଇଦେଲେ । ଶତ୍ରୁ ଏମାନଙ୍କ ଉପରେ ତୀର ଚଳାଉଥିଲା । ଗୋଟିଏ ତୀର ଆସି ଅବୁ କତାଦା ର.ଅଙ୍କ କପାଳରେ ଆସି ବାଜିଲା । ହ. ଅବୁ କତାଦା ର.ଅ କୁହନ୍ତି: "ମୁଁ ସେହି ତୀର କପାଳରୁ ଯେତେବେଳେ ବାହାର କଲି ସେତେବେଳେ ମୋତେ ଏପରି ପ୍ରତିତ ହେଉଥିଲା ଯେପରିକି ମୁଁ ଲୁହା ଖଣ୍ଡ ନିଜ କପାଳରୁ ବାହାର କରି ଦେଇଛି । ମୁଁ ଯେତେବେଳେ ଆଗକୁ ଅଗ୍ରସର ହେଲି ସେତେବେଳେ ଜଣେ ଦ୍ରୁତଗାମୀ ଅଶ୍ୱାରୋହୀ ମୋ ସମ୍ମୁଖକୁ ଆସିଲା । ସେ ଲୌହ ମୁକୁଟ ପିନ୍ଧିଥିଲା । ସେ ମୋତେ ଚିହ୍ନି ପକାଇଲା । କିନ୍ତୁ ମୁଁ ତା'କୁ ଚିହ୍ନି ପାରିଲି ନାହିଁ । ସେ କହିଲା, ହେ ଅବୁ କତାଦା ! ଅଲ୍ଲାଃତାଲା ତୁମର ଏବଂ ମୋର ଭେଟ କରାଇ ଦେଇଛନ୍ତି । ଅର୍ଥାତ୍ ସାକ୍ଷାତ୍ କରାଇ ଦେଇଛନ୍ତି । ସେହି ଅଶ୍ୱାରୋହୀ ଯେତେବେଳେ ନିଜ ମୁଣ୍ଡରୁ ଲୌହ ମୁକୁଟ ବାହାର କଲା ସେତେବେଳେ ସେହି ବ୍ୟକ୍ତି ମସ୍‌ଅଦା ଫଜାରି ଥିଲା । ସେ କହିଲା, ହେ ଅବୁ କତାଦା । ତୁମେ କ'ଣ ପସନ୍ଦ କରୁଛ। ଅର୍ଥାତ୍ ତୁମେ ଖଡ଼୍‌ଗ ଯୁଦ୍ଧ ଚାହୁଁଛ ନା ବର୍ଚ୍ଛା ଯୁଦ୍ଧ ଚାହୁଁଛ ? ତୁମେ କେଉଁ ପ୍ରକାର ଯୁଦ୍ଧ କରିବାକୁ ଚାହୁଁଛ ବା ପସନ୍ଦ କରୁଛ ? ତୁମେ ଖଡ଼୍‌ଗ ଯୁଦ୍ଧ ଚାହୁଁଛ, ନା ବର୍ଚ୍ଛା ଯୁଦ୍ଧ ଚାହୁଁଛ ନା କୁସ୍ତି ଯୁଦ୍ଧ କରିବାକୁ ଚାହୁଁଛ ? ଅବୁ କତାଦା ର.ଅ କହିଲେ ହେ ମସ୍‌ଅଦା ଫଜାରୀ ! ତୁମେ ଯେମିତି ଚାହୁଁଛ ସେମିତି ଯୁଦ୍ଧ ମୋ ସହିତ କରିନିଅ। ସେ କହିଲା, ହେ ଅବୁ କତାଦା ! ଚାଲ ତାହାହେଲେ କୁସ୍ତି ଯୁଦ୍ଧ କରିବା । ସେ କାଳରେ ଯୁଦ୍ଧର ବଡ଼ ବିଚିତ୍ର ପରମ୍ପରା ରହିଥିଲା । ମସ୍‌ଅଦା ଫଜାରୀ ନିଜ ଅଶ୍ୱ ତଳୁ ଓହ୍ଲାଇଲା । ମୁଁ (ହ. ଅବୁ କତାଦା ର.ଅ) ମଧ୍ୟ ନିଜ ଅଶ୍ୱ ତଳୁ ଓହ୍ଲାଇ ଆସିଲି । ମୁଁ ନିଜର ଅଶ୍ୱ ଏକ ବୃକ୍ଷ ସହିତ ବାନ୍ଧି ଦେଲି ଏବଂ ନିଜର ଅସ୍ତ୍ର ସେଠାରେ ରଖିଦେଲି। ସେ (ମସ୍‌ଅଦା ଫଜରୀ) ମଧ୍ୟ ଏହିପରି କଲା (ଅର୍ଥାତ୍ ନିଜର ଅଶ୍ୱକୁ ବୃକ୍ଷ ସହିତ ବାନ୍ଧି ଦେଲା ଏବଂ ନିଜର ଅସ୍ତ୍ରଶସ୍ତ୍ର ବୃକ୍ଷ ପାଖରେ ରଖିଦେଲା)। ଆମେମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରିବାକୁ ଲାଗିଲୁ ଏବଂ ଅଲ୍ଲାଃତାଲା ମୋତେ (ହ. ଅବୁ କତାଦା ର.ଅଙ୍କୁ) ମସ୍‌ଅଦା ଫଜାରୀ ଉପରେ ବିଜୟ ପ୍ରଦାନ କରିଦେଲେ । ମୁଁ ତା' ଉପରେ ଚଢ଼ିଗଲି । ମୁଁ ଇଚ୍ଛା ପ୍ରକାଶ କଲି ଯେ, ମୁଁ ଉଠି ନିଜର ଖଡ଼୍‌ଗ ନେଇ ଆସିବି ଓ ସେ ମଧ୍ୟ ନିଜର ଖଡ଼୍‌ଗ ନେଇ ନେଉ । ଆମେମାନେ ଉଭୟେ ସୈନ୍ୟବାହିନୀ ମଧ୍ୟରେ ଥିଲୁ । ତେଣୁ ଆମମାନଙ୍କ ମଧ୍ୟରୁ କାହାରି ଉପରେ ବି ଆକ୍ରମଣ ହୋଇପାରି ଥାଆନ୍ତା । ତେଣୁ ମୋ ମୁଣ୍ଡରେ କୌଣସି ଏକ ବସ୍ତୁ ଆସି ବାଜିଲା । ମୁଁ ଲଢ଼ୁ ଲଢ଼ୁ ମସ୍‌ଅଦାର ଅସ୍ତ୍ର ପର୍ଯ୍ୟନ୍ତ ପହଞ୍ଚିଗଲି । ମୁଁ ହାତ ବଢାଇ ତା'ର ଖଡ଼୍‌ଗ ଗୋଟାଇ ନେଲି (ଉଠାଇ ନେଲି) । ମସ୍‌ଅଦା ଫଜାରୀ ଯେତେବେଳେ ଏହା ଦେଖିଲା ଯେ, ତା'ର ଅସ୍ତ୍ର ମୋ ହାତକୁ ଆସି ଯାଇଛି ସେତେବେଳେ ସେ କହିବାକୁ ଲାଗିଲା ହେ ଅବୁ କତାଦା ! ମୋତେ ଛାଡ଼ି ଦିଅ । ମୁଁ (ଅବୁ କତାଦା ର.ଅ) କହିଲି ହେ ମସ୍‌ଅଦା! ବର୍ତ୍ତମାନ ତୁମେ ନିଜର ଠିକଣା ନର୍କକୁ ଦେଖିନିଅ । ପୁନଶ୍ଚ ଏତଦ୍‌ପରେ ହ. ଅବୁ କତାଦା ର.ଅ ମସ୍‌ଅଦା ଫଜାରୀର ବଧ କରିଦେଲେ ଓ ତା'କୁ ନିଜର ଚଦରରେ ଗୁଡ଼ାଇ ଦେଲେ । ହ. ଅବୁ କତାଦା ର.ଅ କୁହନ୍ତି; "ଏତଦପରେ ମୁଁ ତା'ର ବସ୍ତ୍ର ପିନ୍ଧି ନେଲି ଓ ତା'ର ଅସ୍ତ୍ରଶସ୍ତ୍ର ନେଇନେଲି ଏବଂ ତା'ର ଅଶ୍ୱ ଉପରେ ଆରୋହଣ ହୋଇଗଲି । କାରଣ ଆମେ ଦୁହେଁ ଯେତେବେଳେ ଲଢୁଥିଲୁ ସେତେବେଳେ ମୋର ଅଶ୍ୱ ଶତ୍ରୁ ଆଡ଼କୁ ପଳାୟନ କରିଥିଲା ଓ ସେମାନେ (ଶତ୍ରୁ) ଅଶ୍ୱର ଗୋଡ଼ି କାଟି ପକାଇଥିଲେ । ମୁଁ ଦ୍ରୁତ ଗତିରେ ଆଗକୁ ଅଗ୍ରସର ହେଲି ଓ ମସ୍‌ଅଦା ଫଜାରୀର ପୁତୁରାକୁ ଧରି ପକାଇଲି । ମସ୍‌ଅଦା ଫଜାରୀର ପୁତୁରା ସହିତ ଅତିରିକ୍ତ 17 ଜଣ ଅଶ୍ୱାରୋହୀ ଥିଲେ । ମୁଁ ସେମାନଙ୍କୁ ଯେତେବେଳେ ଇଙ୍ଗିତ କଲି ସେତେବେଳେ ସେମାନେ ଅଟକି ଗଲେ । ପୁନଶ୍ଚ ମୁଁ ଯେତେବେଳେ ସେମାନଙ୍କ ନିକଟରେ ପହଞ୍ଚିଲି ସେତେବେଳେ ମୁଁ ସେମାନଙ୍କ ଉପରେ ଆକ୍ରମଣ କରିଦେଲି ଏବଂ ମସ୍‌ଅଦା ଫଜାରୀର ପୁତୁରକା ବର୍ଚ୍ଛା ମାରି ତା'ର ସ୍କନ୍ଧଚ୍ୟୁତ କରିଦେଲି । ତା'ର ସାଥିମାନେ ଖସି ପଳାୟନ କଲେ । ମୁଁ ଓଟମାନଙ୍କୁ ନିଜ ଆୟତ୍ତକୁ ନେଇ ଆସିଲି। ସେହି ଓଟଗୁଡ଼ିକୁ ହ. ସଲ୍‌ମା ବିନ୍ ଅକ୍‌ୱା ର.ଅଙ୍କ ଆକ୍ରମଣ ସମୟରେ ଶତ୍ରୁ ପକ୍ଷ ଛାଡ଼ି ପଳାଇଥିଲା ।" **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-99,100, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଜୀବନୀ ଶବ୍ଦକୋଷ ଯୱାର୍ ଏକାଡ଼େମୀ, କରାଚୀ) (ବୁଖାରୀ କିତାବୁଲ୍ ମୁଗାଜି, ବାବ୍ (ଅଧ୍ୟାୟ)-ଗଜ୍‌ୱା ଜାତୁ କର୍ଦ୍ ୱ ହିୟା ଗଜ୍‌ୱାତୁଲ୍ ଲତି ଇଗାରୁ ଫିହା.... ହଦିସ୍ ସଂଖ୍ୟା-4194)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧର ଅବଶିଷ୍ଟାଂଶ ମଧ୍ୟ ରହିଛି ଯାହାକି ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । **ଇନଶାଅଲ୍ଲାଃ । (ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 31 ଜାନୁଆରୀ 2025 ମସିହା, ପୃ-2-6)** ☆ ☆ ☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ଅ.ଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢ଼ିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

## (ଖୁତ୍‌ବା ଜୁମା)

**ଖୈବର୍ ଯୁଦ୍ଧ ଅବସରରେ ପ୍ରସ୍ଥାନ ସମୟରେ ଆଁହଜରତ ସ.ଅ କହିଲେ, "ଯେଉଁ ଲୋକମାନେ ମାଲେ ଗନିମତ୍ ପ୍ରାପ୍ତି ଆଶାରେ ଯୁଦ୍ଧକୁ ବାହାରୁଛନ୍ତି ସେମାନେ ମୋ ସହିତ ଆସନ୍ତୁ ନାହିଁ । କେବଳ ସେହି ଲୋକମାନେ ହିଁ ମୋ ସହିତ ବାହାରନ୍ତୁ ବା ଆସନ୍ତୁ ଯେଉଁମାନେ କେବଳ ଜିହାଦ୍‌ର ଇଚ୍ଛୁକ ଓ ଅଭିଳାଷୀ ଅଟନ୍ତି ।"**

— — — — — — — — — — — — — — — — — — — — —

**ଜିକର୍ଦ୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ.ଅ କହିଲେ, "ଆଜିର ସର୍ବଶ୍ରେଷ୍ଠ ଅଶ୍ୱାରୋହୀ ହେଉଛନ୍ତି ଅବୁ କତାଦା ର.ଅ ଓ ସର୍ବୋତ୍କୃଷ୍ଟ ପଦାତିକ ବ୍ୟକ୍ତି ହେଉଛନ୍ତି ସଲ୍‌ମା ବିନ୍ ଅକୱା ।"**

— — — — — — — — — — — — — — — — — — — — —

**କୌଣସି ମାନସିକ ଅବଜ୍ଞତାରେ ପୂର୍ଣ୍ଣ ନକରାଯାଉ ଓ ନା ହିଁ ତହିଁରେ ଅର୍ଥାତ୍ ଅବଜ୍ଞତାରେ ମାନସିକ କରିବା ବୈଧ ନୁହେଁ । ଅବଜ୍ଞତାର ମାନସିକ କରିବାରେ ବ୍ୟକ୍ତିକୁ ଅଧିକାର ପ୍ରାପ୍ତ ହୋଇ ନାହିଁ ।**

— — — — — — — — — — — — — — — — — — — — —

**ମଣ୍ଡି ବାହାଉଦ୍ଦୀନ୍‌ର ସମ୍ମାନନୀୟ ସ୍ୱର୍ଗତ ଅଶ୍ରଫ୍ ସାହେବ୍, କେନିୟାର ଦ୍ୱିତୀୟ ନାଏବ୍ ଅମୀର ସମ୍ମାନନୀୟ ସ୍ୱର୍ଗତ ହବିବ୍ ଶାସ୍ତ୍ରୀ ସାହେବ ଏବଂ ଜିମ୍ବାୱେର ସମ୍ମାନନୀୟ ଅନୁବୀ ମଦିନ୍‌ଗୋ ସାହେବଙ୍କ ବିୟୋଗ ଏବଂ ଏହି ମୃତକମାନଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।**

— — — — — — — — — — — — — — — — — — — — —

**31 JANUARY 2025 ମସିହା ଅନୁଯାୟୀ ୩୧ ସୁଲହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَ إِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଶୁକ୍ରବାରର ଖୁତ୍‌ବାରେ ଜିକର୍ଦ୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଯେପରିକି ମୁଁ କହିଥିଲି ଯେ, ଆଁହଜରତ ସ.ଅ ନିଜର ଉକ୍ତ ଯୁଦ୍ଧରେ ଯିବା ପୂର୍ବରୁ କେତେକ ସାହାବାମାନଙ୍କୁ ଶତ୍ରୁ ଅଭିମୁଖେ (ଆଡ଼କୁ) ପ୍ରେରଣ କରିଥିଲେ ଏବଂ ଆପଣ ସ.ଅ ସେହି ସାହାବାମାନଙ୍କ ପଛେ ପଛେ ନିଜର ସୈନ୍ୟବାହିନୀକୁ ଧରି ବାହାରିଥିଲେ । ଏଥି ସଂକ୍ରାନ୍ତରେ ଅତିରିକ୍ତ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ଆଁହଜରତ ସ.ଅ ଓ ସାହାବାମାନେ ଆସିଲେ ସେତେବେଳେ ଶତ୍ରୁ ଆଁହଜରତ ସ.ଅ ଓ ସାହାବାମାନଙ୍କୁ ଦେଖି ପଳାୟନ କଲେ । ମୁସଲମାନମାନେ ଯେତେବେଳେ ଶତ୍ରୁ ପକ୍ଷର ଶିବିର ସ୍ଥାନରେ ପହଞ୍ଚିଲେ ସେତେବେଳେ ଅବୁ କତାଦାଙ୍କ ଅଶ୍ୱ ସେଠାରେ ଉପସ୍ଥିତ ଥିଲା । ସେହି ଅଶ୍ୱର ଗୋଛି କଟା ହୋଇଥିଲା । ଜନୈକ ସାହାବି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ କତାଦାଙ୍କ ଅଶ୍ୱର ତ' ଗୋଛି କଟି ଯାଇଛି । ଆଁହଜରତ ସ.ଅ ସେହି ଅଶ୍ୱ ନିକଟରେ ଛିଡ଼ା ହେଲେ ଏବଂ ଦୁଇ ଥର କହିଲେ, ହେ ଅଶ୍ୱ ଭଗବାନ ତୋର ମଙ୍ଗଳ କରନ୍ତୁ । ଯୁଦ୍ଧରେ ତୋର କେତେ ଶତ୍ରୁ ଅଛନ୍ତି ? ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ ଆଗକୁ ଅଗ୍ରସର ହେଲେ । ଏପର୍ଯ୍ୟନ୍ତକି ସେହି ସ୍ଥାନରେ ଯେଉଁଠି ଅବୁ କତାଦା ର.ଅ ଶତ୍ରୁ ମସ୍‌ଅଦା ସହିତ ମୁହାଁମୁହିଁ ହୋଇ କୁସ୍ତି (ମଲ୍ଲ ବା ଦ୍ୱନ୍ଦ୍ୱ ଯୁଦ୍ଧ) କରିଥିଲେ । ବିଗତ ଖୁତ୍‌ବାରେ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଥିଲା । ସାହାବାମାନେ ଏହା ଭାବିଲେ ଯେ, ହ. ଅବୁ କତାଦା ର.ଅ ଚଦର ମଧ୍ୟରେ ଗୁଡ଼ାଇ ହୋଇ ପଡ଼ିଛନ୍ତି । ଜନୈକ (ଜଣେ) ସାହାବି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏପରି ପ୍ରତିତ ହେଉଛି ଯେପରି ହ. ଅବୁ କତାଦା ର.ଅ ବୀରଗତି ପ୍ରାପ୍ତ କରିଛନ୍ତି । ଆପଣ ସ.ଅ କହିଲେ: ଅଲ୍ଲାଃତାଲା ଅବୁ କତାଦା ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେହି ସତ୍ତାଙ୍କ ଶପଥ କରି କହୁଛି ! ଯିଏ ମୋତେ ସମ୍ମାନ ପ୍ରଦାନ କରିଛନ୍ତି ଏବଂ ଅବୁ କତାଦା ତ' ଶତ୍ରୁ ପଛରେ ଅଛି ଏବଂ ଭୟଙ୍କର ଯୁଦ୍ଧ ହେଉଛି ।

ହ. ଅବୁ କତାଦା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଅର୍ଥାତ୍ ଆଁହଜରତ ସ.ଅଙ୍କ ଯାତ୍ରୀସମୂହ ତଥା ସୈନ୍ୟବାହିନୀ ଯେତେବେଳେ ମୋର ଅଶ୍ୱକୁ ଦେଖିଲା ସେତେବେଳେ ମୋ ଅଶ୍ୱର ଗୋଛି କଟା ହୋଇଥିଲା । ସେମାନେ ଅର୍ଥାତ୍ ଆଁହଜରତ ସ.ଅ ଓ ସାହାବାମାନେ ଯେତେବେଳେ ମୃତକକୁ ମୋର ଚଦରରେ ଗୁଡ଼ାଇ ହୋଇଥିବାର ଦେଖିଲେ ସେତେବେଳେ ସେମାନେ ଏହା ଭାବିଲେ ଯେ, ସମ୍ଭବତଃ ମୁଁ ଶହୀଦ୍ ହୋଇଯାଇଛି । ହ. ଅବୁ ବକ୍କର ର.ଅ ଏବଂ ହ. ଉମର୍ ର.ଅ ତୁରନ୍ତ ଆଗକୁ ବଢିଲେ ଏବଂ ଚଦର ହଟେଇଲେ ସେତେବେଳେ ସେମାନେ ମସ୍‌ଅଦାର ମୁଖକୁ ଦେଖିଲେ । ସେମାନେ ଅର୍ଥାତ୍ ହ. ଅବୁ ବକ୍କର ଓ ହ. ଉମର୍ ର.ଅ କହିଲେ, ଅଲ୍ଲାଃହୁ ଅକ୍‌ବର ! ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହ ସତ୍ୟ କହିଛନ୍ତି । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏ ମସ୍‌ଅଦା ଅଟେ । ପ୍ରତ୍ୟୁତ୍ତରରେ ସାହାବାମାନେ ମଧ୍ୟ ତକ୍‌ବିର୍ (ଅଲ୍ଲାଃହୁ ଅକବର୍ ସ୍ଲୋଗାନ୍) କହିଲେ । କିଛି ସମୟ ପରେ ହ. ଅବୁ କତାଦା ର.ଅ ଓଟମାନଙ୍କୁ ଘଉଡ଼ାଇ ଆଣି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ । ଆପଣ ସ.ଅ କହିଲେ, ହେ ଅବୁ କତାଦା ! ତୁମର ମୁଖମଣ୍ଡଳ ସାଫଲ୍ୟମଣ୍ଡିତ ହୋଇଗଲା । ଅବୁ କତାଦା ଅଶ୍ୱାରୋହୀମାନଙ୍କର ଅଧିପତି ଅଟନ୍ତି । ହେ ଅବୁ କତାଦା ! ଅଲ୍ଲାଃତାଲା ତୁମ ମଧ୍ୟରେ କଲ୍ୟାଣ ରଖି ଦିଅନ୍ତୁ । ଅନ୍ୟ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ କହିଲେ, ତୁମମାନଙ୍କର ସନ୍ତାନ ଏବଂ ସନ୍ତାନର ସନ୍ତାନଙ୍କ ମଧ୍ୟରେ କଲ୍ୟାଣ ରିଖି ଦିଅନ୍ତୁ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ଅବୁ କତାଦା ! ତୁମ ମୁଖରେ କ'ଣ ହୋଇଛି କି ? ହ. ଅବୁ କତାଦା ର.ଅ କୁହନ୍ତି ମୁଁ କହିଲି, ହେ ଅଲ୍ଲାଃଙ୍କ ! ମୋର ପିତାମାତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ, ମୋତେ ଗୋଟିଏ ତୀର ବାଜିଥିଲା । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସମ୍ମାନ ପ୍ରଦାନ କରିଛନ୍ତି, ମୋର ଏହି ଧାରଣ ଥିଲା କି ମୁଁ ସେହି ତୀର ଟିକୁ ବାହାର କରି ଦେଇଥିଲି । ଆପଣ ସ.ଅ କହିଲେ, ହେ ଅବୁ କତାଦା ! ମୋ ନିକଟକୁ ଆସ ମୁଁ ଆପଣ ସ.ଅଙ୍କ ନିକଟବର୍ତ୍ତୀ ହେଲି । ଆପଣ ସ.ଅ ଅତି କୋମଳତାର ସହିତ ମୋ କପାଳରୁ ତୀର ବାହାର କରିଦେଲେ ଏବଂ ନିଜର ପବିତ୍ର ଲାଳ ଲଗାଇ ସେହି କ୍ଷତ ଉପରେ ନିଜର ହାତ ରଖିଦେଲେ । ହ. ଅବୁ କତାଦା ର.ଅ କୁହନ୍ତି ଯେ, ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ଅବତାରତ୍ୱ ପ୍ରଦାନ କରିଛନ୍ତି । ମୋତେ ଏପରି ପ୍ରତିତ ହେଉଛି ଯେପରିକି ମୋତେ କୌଣସି ଆଘାତ ଲାଗି ନାହିଁ ଓ ନା ହିଁ ମୁଁ ଖଣ୍ଡିଆ ଖାବରା ହୋଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଗତ ଥର ବର୍ଣ୍ଣିତ ହୋଇଥିଲା ଯେ, ହ. ଅବୁ କତାଦା ର.ଅ ସେହି ତୀରକୁ ନିଜେ ବାହାର କରିଥିଲେ । କିନ୍ତୁ ଉକ୍ତ ତୀରର ମୁନ ଶରୀର(କପାଳ)ରେ ରହି ଯାଇଥିଲା । ସେହି ତୀରକୁ ଆପଣ ସ.ଅ କାଢିଥିଲେ । ସେହି ତୀରର ଚିହ୍ନ ଦୃଶ୍ୟମାନ ହେଉଥିଲା । ଏକ ବର୍ଣ୍ଣନାରେ ବର୍ଣ୍ଣିତେ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ହ. ଅବୁ କତାଦା ର.ଅଙ୍କୁ ଦେଖିଲେ ସେତେବେଳେ କହିଲେ, ହେ ଅଲ୍ଲାଃ ! ଅବୁ କତାଦାର କେଶ ଏବଂ ତାଙ୍କର ଏହି (କ୍ଷତାକ୍ତ) ଚର୍ମରେ କଲ୍ୟାଣ ରଖିଦିଅ । ଆପଣ ସ.ଅ ପୁନଶ୍ଚ କହିଲେ, ହେ ଅବୁ କାତାଦା ! ତୁମ୍ଭର ମୁଖମଣ୍ଡଳ (ଚେହେରା) ସାଫଲ୍ୟମଣ୍ଡିତ ହୋଇଗଲା । ପ୍ରତ୍ୟୁତ୍ତରରେ ହ. ଅବୁ କତାଦା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ମୁଖମଣ୍ଡଳ ମଧ୍ୟ ସାଫଲ୍ୟମଣ୍ଡିତ ହୋଇଗଲା । ପୁନଶ୍ଚ 70 ବର୍ଷ ବୟସରେ ହ. ଅବୁ କତାଦା ର.ଅ ଯେତେବେଳେ ମୃତ୍ୟୁବରଣ କଲେ ସେତେବେଳେ ଆପଣ ର.ଅଙ୍କ ମୁଖମଣ୍ଡଳ 15 ବର୍ଷୀୟ କିଶୋର ପରି ଦୃଶ୍ୟମାନ ହେଉଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଷାଦ୍, ଭାଗ-5, ପୃ-100-101, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା)**

ଉକ୍ତ ଯୁଦ୍ଧରେ ହ. ସଲ୍‌ମା ର.ଅଙ୍କ ଶତ୍ରୁ ସହିତ ଜୁ କର୍ଦ୍ ଠାରେ ମୁକାବିଲା କରିବାର ଚର୍ଚ୍ଚା ମିଳେ । ହ. ସଲ୍‌ମା ର.ଅ କୁହନ୍ତି: "ମୁଁ ଶତ୍ରୁ ପଛରେ ଦଉଡ଼ି ଯାଉଥିଲି ଏପର୍ଯ୍ୟନ୍ତକି ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆଁହଜରତ ସ.ଅଙ୍କୁ ସମ୍ମାନ ବା ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ମୋତେ ନିଜ ପଛରେ ନା ସାହାବାମାନେ ଦଖାଯାଉଥିଲେ ଓ ନା ହିଁ ମୋତେ ସେମାନଙ୍କ ଆଗମନ ହେତୁ ବାୟୁମଣ୍ଡଳରେ ଧୂଳି ଉଡୁଥିବାର ଦୃଶ୍ୟମାନ ହେଉଥିଲା । ଶତ୍ରୁ ସୂର୍ଯ୍ୟାସ୍ତ ପୂର୍ବରୁ ଏକ ଘାଟି ଠାରେ ପହଞ୍ଚିଗଲା ଯେଉଁଠି ଜୁକର୍ଦ୍ଦ ନାମକ ଏକ ଝରଣା ରହିଥିଲା । ସେମାନେ ସେଠାରୁ ଜଳ ପାନ କରିବାକୁ ଚାହିଁଲେ ତେବେ ମୁଁ ଦେଖିଲି ଯେ, ମୁଁ ସେମାନଙ୍କ ପଛରେ ହିଁ ଛିଡ଼ା ହୋଇଛି । ତେଣୁ ଶତ୍ରୁମାନେ ଝରଣା ନିକଟରୁ ଘୁଞ୍ଚିଗଲେ । ସୂର୍ଯ୍ୟାସ୍ତ ହୋଇ ସାରିଥିଲା । ମୁଁ ଜଣେ ବ୍ୟକ୍ତିକୁ ଯେତେବେଳେ ଦେଖିଲି ସେତେବେଳେ ମୁଁ ସେହି ବ୍ୟକ୍ତିକୁ ତୀର ମାରିଲି । ମୁଁ ସକାଳେ ମଧ୍ୟ ସେହି ବ୍ୟକ୍ତିକୁ ତୀର ମାରିଥିଲି । ବର୍ତ୍ତମାନ

ମୁଁ ଦ୍ୱିତୀୟ ତୀର ସେହି ବ୍ୟକ୍ତିକୁ ମାରିଲି ଏବଂ ଦୁଇଟି ତୀର ସେହି ବ୍ୟକ୍ତିକୁ ବାଜିଲା। ସେମାନେ (ଶତ୍ରୁମାନେ) ନିଜର 2ଟି ଅଶ୍ୱ (ଘୋଡ଼ା) ଛାଡ଼ି ପଳାଇଲେ । ମୁଁ ସେହି ଦୁଇ ଅଶ୍ୱକୁ ଧରି ପକାଇଲି । ଠିକ୍ ସେତିକିବେଳେ ଆଁହଜରତ ସ.ଅ ଆସି ସାରିଥିଲେ । ଅତଏବ୍ ମୁଁ ଏହି ଅଶ୍ୱମାନଙ୍କୁ ନେଇ ଆଁହଜରତ ସ.ଅଙ୍କ ସେବାର ଉପସ୍ଥିତ ହେଲି ।" **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-98-99, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା)**

ରସୁଲୁଲ୍ଲାଃ ସ.ଅଙ୍କ ଜୁକର୍ଦ୍ ଠାରେ ପହଞ୍ଚିବା ସଂକ୍ରାନ୍ତରେ ବର୍ଣ୍ଣନାମାନଙ୍କରେ ଏହିପରି ବର୍ଣ୍ଣିତ ହୋଇଛି । ହ. ସଲ୍‌ମା ର.ଅ କୁହନ୍ତି; "ମୁଁ ଯେଉଁଠି ଶତ୍ରୁମାନଙ୍କୁ ଅଟକାଇଥିଲି ରସୁଲୁଲ୍ଲାଃ ସ.ଅ ଇଶା ସମୟରେ ପହଞ୍ଚିଲେ ସେହି ଝରଣା ପାଖରେ ଶିବିର ପକାଇଥିଲେ । ମୁଁ ଶତ୍ରୁମାନଙ୍କ ଠାରୁ ଯେଉଁସବୁ ଜିନିଷ ଛଡ଼ାଇ ଆଣିଥିଲି ସେହି ସମସ୍ତ ବସ୍ତୁ ଏବଂ ଓଟମାନଙ୍କୁ ଆପଣ ସ.ଅ ନିଜ ଅକ୍ତିଆରକୁ ନେଇଗଲେ। ହ. ବିଲାଲ୍ ର.ଅ ସେହି ଓଟ ମଧ୍ୟରୁ ଗୋଟିଏ ଓଟକୁ ଜେବହ୍ କଲେ ଯେଉଁ ଓଟ ଶତ୍ରୁମାନଙ୍କ ଠାରୁ ଛଡ଼ାଇ ଅଣାଯାଇଥିଲା । ଆଁହଜରତ ସ.ଅଙ୍କ ନିମନ୍ତେ ସେହି ଓଟର କଲିଜା ଓ ପିଠି ଉପରର କୁଦକୁ ନିଆଁରେ ପୋଡ଼ାଗଲା । ହ. ସାଆଦ୍ ବିନ୍ ଉବାଦ୍ ର.ଅ ଖଜୁରୀ କୋଳି ଲଦି ହୋଇଥିବା 10ଟି ଓଟ ପ୍ରେରଣ କଲେ । ସେହି ଓଟ ଗୁଡ଼ିକ ଆପଣ ସ.ଅଙ୍କୁ ଜୁ କର୍ଦ୍ ନାମକ ସ୍ଥାନରେ ପ୍ରାପ୍ତ ହୋଇଥିଲେ । ହ. ସଲ୍‌ମା ର.ଅ କୁହନ୍ତି ମୁଁ କହିଲି, ମୁଁ ଶତ୍ରୁକୁ ଜଳ ପାନ କରିବାରୁ ଅଟକାଇ ଦେଇଥିଲି ଏବଂ ଶତ୍ରୁମାନେ ବହୁତ ଶୋଷିଲା ଥିଲେ । ମୁଁ ଆଁହଜରତ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଏକଶତ (100) ଜଣ ମୁଜାହିଦିନ୍ (ଯୋଦ୍ଧା) ଙ୍କ ସହିତ ପ୍ରେରଣ କରନ୍ତୁ । ମୁଁ ଶତ୍ରୁମାନଙ୍କର ପିଛା କରି ସେମାନଙ୍କର ପ୍ରତ୍ୟେକ ସମ୍ବାଦାତାକୁ (ଗୁପ୍ତଚର) ବଧ କରିଦେବି । ଆପଣ ସ.ଅ ସ୍ମିତହାସ୍ୟ ପ୍ରକାଶ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ଅଗ୍ନିର ଆଲୋକରେ ଆପଣ ସ.ଅଙ୍କ ପବିତ୍ର ଦାନ୍ତର ଚମକ ଦୃଶ୍ୟମାନ ହେବାକୁ ଲାଗିଲେ । ଆପଣ ସ.ଅ କହିଲେ, ହେ ସଲ୍‌ମା ! କ'ଣ ତୁମେ ଏପରି କରି ପାରିବ କି ? ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣଙ୍କୁ ସମ୍ମାନ ପ୍ରଦାନ କରିଥିବା ସତ୍ତାଙ୍କ ଶପଥ କରି ମୁଁ କହୁଛି ! ଆଜ୍ଞା ହଁ ମୁଁ ଏପରି କରି ପାରିବି । ଆପଣ ସ.ଅ କହିଲେ, مَلَكْتَ فَأَسْجِحْ ଅର୍ଥାତ୍ ତୁମେ ସେମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିନେଇଛ । ତେଣୁ ତୁମେ ସେମାନଙ୍କ ପ୍ରତି ବିନମ୍ରତା ପ୍ରଦର୍ଶନ କର । ଉକ୍ତ ବାକ୍ୟଟି ଆରବ୍ୟ ଆପ୍ତ ବାକ୍ୟ ମଧ୍ୟରୁ ଅନ୍ୟତମ ଆପ୍ତ ବାକ୍ୟ ଅଟେ । ଉକ୍ତ ଆପ୍ତ ବାକ୍ୟର ଅର୍ଥ ଏହିକି ଯେ ସର୍ବୋତ୍କୃଷ୍ଟ କ୍ଷମା ଏହା ହିଁ ଯେ, ବିନମ୍ରତା ତଥା କୋମଳତା ପ୍ରଦର୍ଶନ କର ଏବଂ କ୍ରୁରତା ବା କଠୋରତା ଅବଲମ୍ବନ କର ନାହିଁ । ସେମାନେ (ଶତ୍ରୁ) ଯଦି ପଳାଇ ଯାଆନ୍ତି ତେବେ ତୁମେ ସେମାନଙ୍କର ପିଛା କରିବାର ଆବଶ୍ୟକତା ନାହିଁ।"

ଉକ୍ତ ଯୁଦ୍ଧର ଘଟଣାବଳୀ ମଧ୍ୟରୁ ହ. ସଲ୍‌ମା ର.ଅଙ୍କ ଏକ ଘଟଣା ବର୍ଣ୍ଣନା କରି କୁହନ୍ତି: "ସକାଳ ସମୟରେ ଆପଣ ସ.ଅ କହିଲେ, ଆଜିର ଯୁଦ୍ଧରେ ସର୍ବୋତ୍କୃଷ୍ଟ ଅଶ୍ୱାରୋହୀ ହେଉଛନ୍ତି ହ. ଅବୁ କତାଦା ର.ଅ ଏବଂ ସର୍ବୋତ୍କୃଷ୍ଟ ପଦାତିକ ବ୍ୟକ୍ତି ହେଉଛନ୍ତି ହ. ସଲ୍‌ମା ବିନ୍ ଅକ୍‌ୱା ର.ଅ ।"

ହ. ସଲ୍‌ମା ର.ଅ କୁହନ୍ତି ଯେ, ଆପଣ ସ.ଅ ମୋତେ ଉଭୟ ଭାଗ ଅର୍ଥାତ୍ ଅଶ୍ୱାରୋହୀ ଏବଂ ପଦାତିକ ଭାଗ ପ୍ରଦାନ କଲେ । ପୁନଶ୍ଚ ମୋତେ ଆପଣ ସ.ଅ ନିଜର ଓଟ ଉପରେ ନିଜ ପଛରେ ଆରୋହଣ କଲେ । ଉକ୍ତ ଯାତ୍ରାରେ ହ. ସଲମା ର.ଅଙ୍କ ଆଉ ଏକ ବର୍ଣ୍ଣନା ମଧ୍ୟ ମିଳେ । ହ. ସଲ୍‌ମା ର.ଅ କୁହନ୍ତି ଯେ, ମଦିନାରୁ ପ୍ରତ୍ୟାବର୍ତ୍ତନ (ଫେରିବା) ସମୟରେ ଯେତେବେଳେ ଆମେମାନେ ମଦିନା ନିକଟରେ ପହଞ୍ଚିଲୁ ସେତେବେଳେ ଜଣେ ଅନ୍‌ସାରୀ ସାହାବି ଯିଏ ଜଣେ ଧାବକ ବ୍ୟକ୍ତି ଥିଲା (ଅର୍ଥାତ୍ ଅତି ଦ୍ରୁତ ବେଗରେ ଦଉଡ଼ୁଥିଲେ) ସେ ଘୋଷଣା କରି କହିବାକୁ ଲାଗିଲେ ଯେ, ଏପରି କୌଣସି ବ୍ୟକ୍ତି ଅଛି ଯିଏ ମୋ ସହିତ ଦଉଡ଼ିବାରେ ମୁକାବିଲା କରିବ। ମୋତେ ଟକ୍କର ଦେବ ଅର୍ଥାତ୍ ପାବନ ଭୂମି ମଦିନା ପର୍ଯ୍ୟନ୍ତ ମୋ ସହିତ ଦଉଡ଼ ପ୍ରତିଯୋଗୀତା କରିବ । ସେହି ସାହାବି ଜଣକ ଉକ୍ତ ବାକ୍ୟକୁ କିଛି ଥର ପୁନରାବୃତ୍ତି କଲେ । ସେ କୁହନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ପଛରେ ଓଟ ଉପରେ ଆରୋହଣ ହୋଇଥିଲି । ମୁଁ ସେହି ଅନ୍‌ସାର୍ ସାହାବିଙ୍କୁ କହିଲି, ହେ ବ୍ୟକ୍ତି ! କୁ'ଣ ତୁମେ କୌଣସି ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ସମ୍ମାନ ଜଣାଉ ନାହଁ ? ତୁମେ କୌଣସି ଶିଷ୍ଟ ଓ ସାଧୁ ବ୍ୟକ୍ତିର ଭୟ ନାହିଁ ଯିଏ ଏହି ଘୋଷଣା କରି ବୁଲୁଛନ୍ତି । ସେ କହିଲା, ମୁଁ ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଡରୁ ନାହିଁ । ଅତଏବ୍ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଆପଣ ସ.ଅ ମୋତେ ଉକ୍ତ ବ୍ୟକ୍ତି ସହିତ ଦଉଡ଼ ପ୍ରତୀଯୋଗୀତା କରିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ । ଆପଣ ସ.ଅ କହିଲେ, ଠିକ୍ ଅଛି ତୁମେ ଯଦି ଦଉଡ଼ ପ୍ରତିଯୋଗୀତା କରିବାକୁ ଚାହୁଁଛ ତେବେ ଅବଶ୍ୟ ଯାଅ ପ୍ରତିଯୋଗୀତା କର । ମୁଁ ସେହି ବ୍ୟକ୍ତିକୁ କହିଲି, ଚାଲ ଦଉଡ଼ ପ୍ରତିଯୋଗୀତା ଆରମ୍ଭ କରିବା । ପୁନଶ୍ଚ ମୁଁ ଗୋଡ଼ ମୋଡ଼ିଲି ଏବଂ ଲମ୍ଫ (ଡିଆଁ) ମାରିଲି ଓ ଦଉଡ଼ିବାକୁ ଲାଗିଲି ଏବଂ ମୁଁ ଗୋଟିଏ କିମ୍ବା ଦୁଇ ଘାଟି ପର୍ଯ୍ୟନ୍ତ ସେହି ବ୍ୟକ୍ତି ପଛରେ ଦଉଡ଼ିଲି । ସେହି ବ୍ୟକ୍ତି ମୋ ଠାରୁ ଆଗେ ଆଗେ ଦଉଡ଼ୁଥିଲା ଏବଂ ମୁଁ ତା' ପଛେ ପଛେ ଦଉଡ଼ୁଥିଲି । ମୁଁ ନିଜର ବଳ ସଞ୍ଚୟ କରୁଥିଲି । ଏତଦପରେ ମୁଁ ନିଜର ଗତିକୁ ବଢାଇଲି ଏବଂ ସେହି ବ୍ୟକ୍ତି ଅର୍ଥାତ୍ ଅନ୍‌ସାର୍ ସାହିବଙ୍କ ପର୍ଯ୍ୟନ୍ତ ସମକକ୍ଷ ହୋଇଗଲି । ମୁଁ ସେହି ଅନ୍‌ସାରୀ ସାହାବିଙ୍କ କାନ୍ଧ ମଧ୍ୟରେ ହାତ ମାରିଲି ଏବଂ କହିଲି ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ମୁଁ ତୁମ ଠାରୁ ଆଗେଇ ଗଲି । ସେ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ହଁ ଭାଇ ମୋର ମଧ୍ୟ ଏହି ଧାରଣା ରହିଛି ଯେ, ତୁମେ ମୋଠାରୁ ଆଗେଇ ଯାଇଛ । ଏହିପରି ଭାବରେ ମୁଁ (ହ. ସଲ୍‌ମା ର.ଅ) ଉକ୍ତ ଦଉଡ଼ ପ୍ରତିଯୋଗୀତାରେ ସେହି ଅନ୍‌ସାରୀ ବ୍ୟକ୍ତି ଠାରୁ ଆଗେଇ ଗଲି ଏପର୍ଯ୍ୟନ୍ତକି ମୁଁ ମଦିନା ପହଞ୍ଚିଗଲି ।

ଉକ୍ତ ଯୁଦ୍ଧ ନିମନ୍ତେ ଆଁହଜରତ ସ.ଅ ମଦିନାରୁ କେତେ ଦିନ ପର୍ଯ୍ୟନ୍ତ ବାହାରେ ରହିଥିଲେ ତାହାର ସବିଶେଷ ବିବରଣୀ ସଂପର୍କରେ ଉଲ୍ଲେଖ ରହିଛି । ସେହି ବିବରଣୀଟି ଏହିପରି ଯେ, ରସୁଲୁଲ୍ଲାଃ ସ.ଅ ବୁଧବାର ଦିନ ସକାଳ ସମୟରେ ପ୍ରସ୍ଥାନ କରିଥିଲେ ଏବଂ ଆପଣ ସ.ଅ ଗୋଟିଏ ଦିନ ଓ ଗୋଟିଏ ରାତ୍ର ଜୁକର୍ଦ୍ ଠାରେ ଅବସ୍ଥାନ କରିଥିଲେ । କାରଣ ଶତ୍ରୁର କୌଣସି ସୂଚନା ମିଳୁ । ପୁନଶ୍ଚ ସୋମବାର ଦିନ ଆପଣ ସ.ଅ ମଦିନା ଫେରି ଆସିଲେ । ଏହିପରି ଭାବରେ ଆପଣ ସ.ଅ 5 ରାତି ମଦିନାରୁ ବାହାରେ ରହିଥିଲେ ।

ଉକ୍ତ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବାମାନଙ୍କର ବିସ୍ତୃତ ବିବରଣୀ ସଂପର୍କରେ ଏହିପରି ଉଲ୍ଲେଖ ରହିଛି ଯେ, ମୁସଲମାନମାନଙ୍କ ମଧ୍ୟରୁ ହ. ମୁହର୍ରିଜ୍ ବିନ୍ ନଜ୍‌ଲା ଶହୀଦ୍ ହୋଇଥିଲେ । ଇବ୍‌ନେ ହିଶ୍ଶାମ୍‌ଙ୍କ ଅନୁଯାୟୀ ଇବ୍‌ନେ ୱକ୍କାସ୍ ବିନ୍ ମୁଯଜର୍ରିଜ୍ ମଧ୍ୟ ଶହୀଦ୍ ହୋଇଥିଲେ । ତାଙ୍କ ବ୍ୟତୀତ ହ. ଅବୁ ଜର୍ ର.ଅଙ୍କ ସୁପୁତ୍ରକୁ ଯୁଦ୍ଧ ପୂର୍ବରୁ ହିଁ ଓଟ ବାଡ଼ରେ ଶହୀଦ୍ କରିଦିଆ ଯାଇଥିଲା । ଅବିଶ୍ୱାସକାରୀଙ୍କ ସଂପର୍କରେ ଉଲ୍ଲେଖ ରହିଛି ଯେ, ଅବିଶ୍ୱାସକାରୀଙ୍କ ମଧ୍ୟରୁ ଅବ୍‌ଦୁର୍ ରହମାନ୍ ବିନ୍ ଉୟୈନା, ହୁବୈବ୍ ବିନ୍ ଉୟୈନା, ମସ୍‌ଅଦା ବିନ୍ ହକମା ଫଜାରୀ, ଔବାର୍ ଓ ତା'ର ପୁତ୍ର ନିହତ ହୋଇଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-100-104, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା) (ଉମଦତୁଲ୍ କାରି, ଭାଗ-14, ପୃ-286, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-95, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ଅବୁ ଜର୍ ର.ଅଙ୍କ ପତ୍ନିଙ୍କୁ ଶତ୍ରୁମାନେ ନେଇଯାଇଥିଲେ । ଏହାର ଚର୍ଚ୍ଚା ପୂର୍ବେ ହୋଇଥିଲା । ଆକ୍ରମଣକାରୀମାନେ ହ. ଅବୁ ଜର୍ ର.ଅଙ୍କ ପତ୍ନିଙ୍କୁ ଧରି ନିଜ ସାଙ୍ଗରେ ନେଇଯାଇଥିଲେ ଏବଂ ସେମାନେ ଅବୁ ଜରଙ୍କ ପତ୍ନିଙ୍କୁ ବାନ୍ଧି ରଖିଥିଲେ ଏବଂ ନିଜର ପାଳିତ ଜୀବମାନଙ୍କୁ ନିଜ ଘର ଅର୍ଥାତ୍ ଦୁଆର ସମ୍ମୁଖରେ ରଖୁଥିଲେ । ଦିନେ ରାତ୍ର ସମୟରେ ସେହି ମହିଳା ଅର୍ଥାତ୍ ଅବୁ ଜରଙ୍କ ପତ୍ନି ଶିକୁଳିରୁ ଫିଟିଗଲେ ଏବଂ ପାଖରେ ବନ୍ଧା ହୋଇଥିବା ଓଟ ପାଖରେ ଆସିଲେ । ସେ ଯେତେବେଳେ ବନ୍ଧା ହୋଇଥିବା ଓଟ ପାଖକୁ ଆସିଲେ ସେତେବେଳେ ସେହି ଓଟଟି ବିଲିବିଲେଇବାକୁ ଲାଗିଲା । ତେଣୁ ସେ ସେହି ଓଟକୁ ଯେତେବେଳେ ଛାଡ଼ି ଦେଉଥିଲେ ସେତେବେଳେ ସେ ଚିତ୍କାର କରିବାକୁ ଲାଗୁଥିଲା । ଏପର୍ଯ୍ୟନ୍ତକି ଏହି ଓଟ ଯାହାର ନାମ ଅଜ୍‌ବାଅ ଥିଲା ଉକ୍ତ ଓଟଟି ଆଁହଜରତ ସ.ଅଙ୍କ ମାଈ ଓଟ ଥିଲା । ସେହି ଓଟକୁ ଶତ୍ରୁପକ୍ଷ ଲୁଣ୍ଠନ କରି ନେଇ ଆସିଥିଲା । ତେଣୁ ଅବୁ ଜରଙ୍କ ପତ୍ନି ସେହି ଓଟ ପାଖରେ ଯେତେବେଳେ ପହଞ୍ଚିଲେ ସେତେବେଳେ ଓଟ ବିଲିବିଲେଇବାକୁ ଲାଗିଲା । ସେହି ମହିଳା ଓଟକୁ କହିଲା କେହି ନୁହଁ ରେ ଓଟ ମୁଁ ଅଛି ପରା । ନା ନା । ସେହି ଓଟ ଅତି ଶାନ୍ତ ରହିଲା । କାରଣ ସେହି ଓଟଟି ପୋଷା ଓଟ ଥିଲା ଏବଂ ବୋଲ ମାନୁଥିଲା। ଅବୁ ଜରଙ୍କ ପତ୍ନି ଉକ୍ତ ଓଟ ଉପରେ ଆରୋହଣ ହୋଇଗଲେ ଏବଂ ଓଟକୁ ଗୋଇଠି ଦ୍ୱାରା ଆଗକୁ ଯିବାକୁ ଇଙ୍ଗିତ ଯେତେବେଳେ କଲେ ସେତେବେଳେ ସେହି ଓଟ ଆଗକୁ ଅଗ୍ରସର ହେବାକୁ ଲାଗିଲା । ସେହି ଲୋକମାନଙ୍କୁ ଅର୍ଥାତ୍ ଶତ୍ରୁମାନଙ୍କୁ ଓଟ ଏବଂ ମହିଳାର ଖସି ପଳାଇବାର ଧାରଣା ଯେତେବେଳେ ହୋଇଗଲା ସେତେବେଳେ ସେମାନେ ଉକ୍ତ ମହିଳା ଓ ଓଟକୁ ଧରିବାକୁ ଚେଷ୍ଟା କଲେ । କିନ୍ତୁ ସେହି ଓଟ ଏବଂ ମହିଳାକୁ ଧରିବାକୁ ସକ୍ଷମ ହୋଇ ପାରିଲେ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ଉକ୍ତ ମହିଳା ଜଣକ ଅଲ୍ଲାଃତାଲାଙ୍କ ସକାଶେ ଏହି ମାନସିକ କଲା ଯେ, ହେ ଅଲ୍ଲାଃତାଲା ଯଦି ମୋତେ ଉକ୍ତ ଓଟ ମାଧ୍ୟମରେ ମୁକ୍ତି ପ୍ରଦାନ କରି ଦିଅନ୍ତି ତେବେ ମୁଁ ଅବଶ୍ୟ ଉକ୍ତ ଓଟକୁ ଜେବହ୍ କରିଦେବି । ଅତଏବ୍ ସେହି ମହିଳା ଯେତେବେଳେ ମଦିନା ପହଞ୍ଚିଲା ଏବଂ ଲୋକମାନେ ଯେତେବେଳେ ଉକ୍ତ ମହିଳାକୁ ଦେଖିଲେ ସେତେବେଳେ ସେମାନେ କହିବାକୁ ଲାଗିଲେ ଯେ, ଆରେ ଆରେ ଏ ତ' ଆଁହଜରତ ସ.ଅଙ୍କ ଓଟ ଅଜବାଅ ଅଟେ । ସେହି ମହିଳା କହିବାକୁ ଲାଗିଲା ଯେ, ମୁଁ ତ' ମାନସିକ କରିଥିଲି ଯେ, ଯଦି ଅଲ୍ଲାଃତାଲା ଉକ୍ତ ଓଟ ମାଧ୍ୟମରେ ମୋତେ ମୁକ୍ତି ପ୍ରଦାନ କରି ମଦିନାରେ ପହଞ୍ଚାଇ ଦିଅନ୍ତି ତେବେ ମୁଁ ଉକ୍ତ ଓଟକୁ କୁର୍ବାନୀ (ଜେବହ୍) କରିଦେବି । ଉକ୍ତ ଯୁକ୍ତିତର୍କକୁ ନେଇ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ସ.ଅଙ୍କ ସମ୍ମୁଖରେ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲେ । ଆପଣ ସ.ଅ କହିଲେ, **ସୁବ୍‌ହାନଲ୍ଲାଃ** ! ଉକ୍ତ ମହିଳା ଜଣକ ଏହି ଓଟକୁ କେତେ ଖରାପ ପ୍ରତିବଦଳ (ପ୍ରତିଦାନ) ଦେଇଛି । ଉକ୍ତ ମହିଳା ଜଣକ

ଏହି ଓଟକୁ ବଞ୍ଚାଇ ନେଇ ଆସିଲା ଅର୍ଥାତ୍ ଉକ୍ତ ଓଟର ପ୍ରାଣ ରକ୍ଷା କଲା । କିନ୍ତୁ ମାନସିକ କରି ଉକ୍ତ ଓଟକୁ ଏହି ପ୍ରତିଦାନ ଦେଲା ଯେ, ଅଲ୍ଲାଃତାଲା ଯଦି ଉକ୍ତ ଓଟ ମାଧ୍ୟମରେ ମହିଳାକୁ ସକୁଶଳେ ମଦିନା ପହଞ୍ଚାଇ ଦିଅନ୍ତି ଓ ଜୀବନ ବଞ୍ଚାଇ ନିଅନ୍ତି ତେବେ ସେହି ମହିଳା ଉକ୍ତ ଓଟକୁ ଜେବହ୍ କରିଦେବ । ଏହା ତ' ଉତ୍ତମ ପ୍ରତିଫଳ ନୁହେଁ । ଆପଣ ସ.ଅ ପୁନଶ୍ଚ କହିଲେ,"ଈଶ୍ୱରଙ୍କ ଅବଜ୍ଞତାରେ ଯଦି କୌଣସି ମାନସିକ କରାଯାଏ ତେବେ ତାହା ଅନୁଚିତ ଅଟେ । ସେହିପରି ଯେଉଁ ବସ୍ତୁର ଉକ୍ତ ଅଧିକାରୀ ନାହିଁ ତେବେ ସେହିପରି ମାନସିକ କରିବା ବୈଧ ନୁହେଁ । ଅର୍ଥାତ୍ ଯଦି ବ୍ୟକ୍ତି କୌଣସି ବସ୍ତୁ କିମ୍ବା ଜିନିଷପତ୍ର କିମ୍ବା ସମ୍ପତ୍ତିର ଅଧିକାରୀ ନାହିଁ ତେବେ ସେପରିପ୍ରେକ୍ଷୀରେ ଏପରି ମାନସିକ କରିବା ଅବୈଧ ଅଟେ । ଆଁହଜରତ ସ.ଅ କହିଲେ, ଏଇଟା ମୋର ଓଟ, ମୁଁ ଉକ୍ତ ଓଟର ମାଲିକ ଅଟେ । ତେଣୁ ତୁମେ କିପରି ନିଜର ମାନସିକକୁ ଚରିତାର୍ଥ କରି ପାରିବ । ଅତଏବ୍ ହେ ମହିଳା ତୁମେ ଅଲ୍ଲାଃତାଲାଙ୍କର ନାମ ନେଇ କଲ୍ୟାଣ ଓ ସକୁଶଳତାର ସହିତ ନିଜ ଘରକୁ ଚାଲିଯାଅ ।"**(ସହି ମୁସଲିମ୍, ଭାଗ-8, ପୃ-236-237, କିତାବୁନ୍ ନଜର୍ ବାବୁଲ୍ ଔଫାଅ ଲିନୁରିନ୍ ଫି ମାସିୟତଲ୍ଲାଃହି..........ହଦିସ୍ ନଂ-3085) (ସିରତ୍ ଇବ୍‌ନେ ହିଶ୍ଶାମ୍, ଗଜ୍‌ୱା ଜି କର୍ଦ୍, ପୃ-667, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-95, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନେ ମୁଁ ଆଉ ଏକ ସରିୟାହର ଚର୍ଚ୍ଚା କରିବି । ଉକ୍ତ ସରିୟାକୁ ହ. ଅବାନ୍ ବିନ୍ ସଇଦ୍ ର.ଅ ନଜଦ୍ ଅଭିମୁଖେ ସରିୟା ବୋଲି କୁହାଯାଏ । ଉକ୍ତ ସରିୟା ମୁହରରମ୍ ମାସ 7 ହିଜ୍ରୀରେ ହୋଇଥିଲା । **(ଗଜୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜହର୍ ଫରିଦ୍ ସାହେବ, ପୃ-390, ଫରିଦ୍ ପବ୍ଲିଶର୍ସ୍, ସାହିୱାଲ୍)**

ଅପରପକ୍ଷେ ଅନ୍ୟ ଏକ ବର୍ଣ୍ଣନାରେ ଉକ୍ତ ସରିୟାର ତାରିଖ ଜୁମାଦିଉସ୍ ସାନି, 7 ହିଜ୍ରୀ ବୋଲି ବର୍ଣ୍ଣିତ ହୋଇଛି । ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ଉକ୍ତ ସରିୟାକୁ 7 ମୁହରରମ୍ ବୋଲି ଉଲ୍ଲେଖ କରିଛନ୍ତି । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-128, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1993 ମସିହା) (ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-837)**

ଉକ୍ତ ସରିୟାର ଇତିହାସ ମୁହରରମ୍ 7 ହିଜରୀର ବୋଲି ଆକଳନ କାରଯାଇଛି। କାରଣ ବର୍ଣ୍ଣନାରେ ଚର୍ଚ୍ଚା ହୋଇଛି ଯେ, ଖୈବର୍ ଅଭିମୁଖେ ବାହାରିବା ପୂର୍ବରୁ ମଦିନାରୁ ନଜଦ୍ ଅଭିମୁଖେ ହ. ଅବାନ୍ ବିନ୍ ସଇଦ୍‌ଙ୍କୁ ପ୍ରେରଣ କରିବା ଏବଂ ଖୈବର୍ ଅଭିମୁଖେ ପ୍ରସ୍ଥାନ କରିବା 7 ହିଜ୍ରୀରେ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହ. ଅବାନ୍ ର.ଅଙ୍କ ପରିଚୟ ଏହିପରି ଯେ, ହ. ଅବାନଙ୍କ ପିତାଶ୍ରୀ କୁରୈଶ୍‌ମାନଙ୍କର ବରିଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ । ତାଙ୍କର ଭାଇ ଅମ୍ର ଓ ଖାଲିଦ୍ ବହୁ ପୂର୍ବେ ମୁସଲମାନ ହୋଇଯାଇଥିଲେ ଏବଂ ହବ୍‌ଶା (ଇଥିଓପିୟା ଦେଶ) ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଅବାନ ବଦର୍ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ପକ୍ଷରୁ ସାମିଲ୍ ହୋଇଥିଲେ । ସେ ସୁଲାହ୍ ହୁଦୈବିୟା ସମୟରେ ହ. ଉସ୍‌ମାନ୍ ର.ଅଙ୍କୁ ଆଶ୍ରୟ ଦେଇଥିଲେ । ଅମ୍ର ଓ ଖାଲିଦ୍ ହବ୍‌ଶାରୁ ଯେତେବେଳେ ଫେରିଲେ ସେତେବେଳେ ସେମାନେ ଅବାନ୍‌ଙ୍କୁ ସନ୍ଦେଶ ପ୍ରେରଣ କରିଥିଲେ । ଏପର୍ଯ୍ୟନ୍ତକି ତିନିଜଣ ଏକତ୍ରିତ ହୋଇ ଖୈବରର ଦିନମାନଙ୍କରେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଅବାନ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବାନ୍ ବିନ୍ ସଇଦ୍ ର.ଅ ସୁଲାହ୍ ହୁଦୈବିୟାହ ଏବଂ ଖୈବର୍ ଯୁଦ୍ଧର ମଧ୍ୟବର୍ତ୍ତୀ କାଳରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗ ସମୟରେ ଅବାନ ବାହରୈନ୍‌ର କର୍ମଚାରୀ ଥିଲେ । ଏତଦ୍‌ପରେ ସେ ହ. ଅବୁ ବକ୍କର ର.ଅଙ୍କ ପାଖକୁ ଚାଲି ଆସିଲେ ଏବଂ ପୁନଶ୍ଚ ସିରୀୟା ଚାଲିଗେଲେ । ଆପଣ ର.ଅ 13 ହିଜ୍ରୀରେ ବୀରଗତି ପ୍ରାପ୍ତ କରିଥିଲେ । ଏକ ବର୍ଣ୍ଣନାନୁଯାୟୀ 27 ହିଜ୍ରୀରେ ହ. ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ମୃତ୍ୟୁବରଣ କରିଥିଲେ । **(ଅଲ୍ ଇସାବତା ଫି ତମିଜିସ୍ ସାହାବତା, ଭାଗ-1, ପୃ-168-170, ଦାରୁଲ୍ କୁତୁବୁଲ୍ ଇଲମିୟହା ବୈରୁତ୍)(ଉସ୍‌ଦୁଲ୍ ଗାବା, ଭାଗ-1, ପୃ-148, ଦାରୁଲ୍ କୁତୁବୁଲ୍ ଇଲମିୟହା ବୈରୁତ୍)**

ଖୈବର୍ ଯୁଦ୍ଧରେ ବାହାରିବା ପୂର୍ବରୁ ହୁଜୁର ସ.ଅ ହ. ଅବାନ୍ ବିନ୍ ସଇଦ୍ ର.ଅଙ୍କ ନେତୃତ୍ୱରେ ନଜଦ୍ ଅଭିମୁଖେ ଏକ ସୈନ୍ୟ ବାହିନୀ ପ୍ରେରଣ କରିଥିଲେ। ନଜଦ୍ ଏକ ଅର୍ଦ୍ଧ ମରୁଭୂମି ଅଟେ ଦାରୁଲ୍ କୁତୁବୁଲ୍ ଇଲମିୟହା ବୈରୁତ୍ କିନ୍ତୁ ଅର୍ଦ୍ଧାଭାଗ ସବୁଜିମା ଅଟେ । ଉକ୍ତ ସବୁଜିମା ଭାଗରେ ଅସଂଖ୍ୟ ଉପତ୍ୟକା ଏବଂ ପର୍ବତ ବିଦ୍ୟମାନ ରହିଛି । ଉକ୍ତ ଅର୍ଦ୍ଧଭାଗ ଅଞ୍ଚଳ ଦକ୍ଷିଣ ଦିଗରେ ୟମନ୍ ପର୍ବତ, ଉତ୍ତରରେ ସିରୟାର ମରୁଭୂମି ଏବଂ ଇରାକ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ । ଏହାର ପଶ୍ଚିମ ଦିଗରେ ହିଜାଜ୍ ଅବସ୍ଥିତ ଅଟେ । ଉକ୍ତ ଅଞ୍ଚଳ ଭୂପୃଷ୍ଠ ଠାରୁ 1200 ମିଟର୍ ଉଚ୍ଚତାରେ ଅବସ୍ଥିତ ଅଟେ । ଉକ୍ତ ଉଚ୍ଚତା ହେତୁ ଏହାକୁ ନଜଦ୍ ବୋଲି କୁହାଯାଏ । ଉକ୍ତ ସୈନ୍ୟବାହିନୀର ଉଦ୍ଦେଶ୍ୟ ରସୁଲୁଲ୍ଲାଃ ସ.ଅଙ୍କ ଅନୁପସ୍ଥିତିରେ ମଦିନାକୁ ଶତ୍ରୁ ସଂପ୍ରଦାୟ ଠାରୁ ସୁରକ୍ଷିତ ରଖିବା ଥିଲା । ଉକ୍ତ ସଂପ୍ରଦାୟ ସର୍ବଦା ଉକ୍ତ ଚିନ୍ତାରେ ନିମଗ୍ନ ରହୁଥିଲା କି ସେମାନଙ୍କୁ ଯେତେବେଳେ ଉଚିତ୍ ଅବସର ତଥା ସୁଯୋଗ ପ୍ରାପ୍ତ ହୁଏ ସେତେବେଳେ ସେମାନେ ମଦିନା ଉପରେ ଆକ୍ରମଣ କରିଦେବେ । ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନଙ୍କ ସହିତ ମଦିନାରୁ ବାହାରକୁ ଯିବା ପରେ ମଦିନା ଉପରେ ଆକ୍ରମଣ କରିବା ଉଚିତ୍ ଅବସର ଥିଲା । ଶତ୍ରୁ ଏହା ଚିନ୍ତା କରୁଥିଲା ଯେ, ବର୍ତ୍ତମାନ ଆଁହଜରତ ସ.ଅ ମଦିନାର ବାହାରେ ଅଛନ୍ତି ଏବଂ ଲୋକମାନେ ମଧ୍ୟ ସେମାନଙ୍କ ସହିତ ଅଛନ୍ତି । ସୈନ୍ୟବାହିନୀ ସହିତ ଅଛନ୍ତି ଏବଂ ମଦିନାରେ ଖୁବ୍ କମ୍ ଲୋକ ରହିଯାଇଛନ୍ତି । ତେଣୁ ଆମେମାନେ ମଦିନା ଉପରେ ଆକ୍ରମଣ କରି ମଦିନାକୁ ଜୟ କରିନେବୁ । ଉକ୍ତ ଆଶଙ୍କା ଅନୁଯାୟୀ ଆପଣ ସ.ଅ ଯେତେବେଳେ ବି କୌଣସି ଯୁଦ୍ଧ କିମ୍ବା ଅଭିଯାନରେ ବାହାରୁଥିଲେ ସେତେବେଳେ ଏପରି ସଂପ୍ରଦାୟ ଆଡ଼କୁ ଆପଣ ନିଜର କିଛି ସାହାବାମାନଙ୍କୁ ପ୍ରେରଣ କରି ଦେଉଥିଲେ । **(ଦାଏରା ମୁଆରିଫ୍, ଆଁହଜରତ ସ.ଅଙ୍କ ଜୀବନୀ, ଭାଗ-8, ପୃ-412, ବଜମେ ଇକ୍‌ବାଲ ଲାହୋରରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-297, ଜୱାର୍ ଏକାଡ଼େମୀ, କରାଚୀ)**

ଉକ୍ତ ସରିୟାର ଚର୍ଚ୍ଚା ସହି ବୁଖାରୀରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ହ. ଅବାନ୍ ର.ଅଙ୍କୁ ଏକ ସରିୟାରେ ନିଯୁକ୍ତ କରି ମଦିନାରୁ ନଜଦ୍ ଅଭିମୁଖେ ପ୍ରେରଣ କଲେ । ହ. ଅବୁ ହୁରୈରାହ୍ ର.ଅ କୁହନ୍ତି: "ପୁନଶ୍ଚ ଅବାନ୍ ଏବଂ ତାଙ୍କର ସାଥିମାନେ ଆଁହଜରତ ସ.ଅଙ୍କ ନିକଟକୁ ଖୈବର୍ ଆସିଲେ । କିନ୍ତୁ ଆପଣ ସ.ଅ ଖୈବରକୁ ଜୟ କରି ସାରିଥିଲେ । ଅର୍ଥାତ୍ ଆଁହଜରତ ସ.ଅ ଖୈବର୍ ଜୟ କରିବା ପରେ ହ. ଅବାନ୍ ଏବଂ ତାଙ୍କର ସାଥିମାନେ ଖୈବର୍ ଠାରେ ପହଞ୍ଚିଥିଲେ । ମୁଁ କହିଲି (ହ. ଅବୁ ହୁରୈରାହ୍ ର.ଅ କହିଲେ) ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏମାନଙ୍କୁ (ଅବାନ୍ ଓ ତାଙ୍କର ସାଥିମାନଙ୍କୁ) ଖୈବରର ମାଲେ ଗନିମତରୁ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ଅଂଶଟିଏ ପ୍ରଦାନ କରନ୍ତୁ ନାହିଁ । ଏମାନଙ୍କର କୌଣସି ଭାଗ ଏଥିରେ ନାହିଁ । ପ୍ରତ୍ୟୁତ୍ତରରେ ଉଭୟଙ୍କ ମଧ୍ୟରେ ବର୍ଚ୍ଚସା ଏବଂ ବିବାଦ ଦେଖାଦେଲା । ନବୀ କରୀମ୍ ସ.ଅ କହିଲେ, ହେ ଅବାନ୍ ! ତୁମେ ବସିଯାଅ । ଆପଣ ସ.ଅ ଅବାନ୍‌ଙ୍କୁ କୌଣସି ଭାଗ ପ୍ରଦାନ କଲେ ନାହିଁ । କାରଣ ଏମାନେ ସିଧା ସଳଖ ରୂପେ ଖୈବର୍ ଯୁଦ୍ଧରେ ସାମିଲ୍ ନଥିଲେ ।" **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ଖୈବର୍, ହଦିସ୍ ନଂ-4238-4239)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-128, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ଯୁଦ୍ଧର ଚର୍ଚ୍ଚା ଇତିହାସରେ ମିଳେ। ଉକ୍ତ ଯୁଦ୍ଧଟି ବହୁ ପ୍ରସିଦ୍ଧ ଯୁଦ୍ଧ ଅଟେ । ଉକ୍ତ ଯୁଦ୍ଧକୁ ଖୈବର୍ ଯୁଦ୍ଧ ବୋଲି କୁହାଯାଏ। ଖୈବର୍ ଏକ ବିସ୍ତୀର୍ଣ୍ଣ ସବୁଜ ଅଞ୍ଚଳ ଅଟେ । ଏଠାରେ ଝରଣାର ଆଧିକ୍ୟତା ଏବଂ ଚତୁର୍ଦିଗରେ ଜଳ ଦେଖିବାକୁ ମିଳେ । ଖୈବରକୁ ଆରବ ଦେଶର ସର୍ବବୃହତ୍ ଖଜୁରୀ ଉଦ୍ୟାନ ମଧ୍ୟରେ ଗଣ୍ୟ କରଯାଏ । ଉକ୍ତ ଭୂମି ତଥା ସ୍ଥାନର ଉର୍ବରତାର ଆକଳନ କରଯାଇ ପାରିବ ଯେ, ଖୈବର୍ ଏକ ଉପତ୍ୟକା ଯାହା ''କତିବା'' ନାମରେ ନାମିତ ଅଟେ । ଉକ୍ତ ଉଦ୍ୟାନରେ 40,000 ଖଜୁରୀ ବୃକ୍ଷ ଥିଲା । ଖୈବର୍‌ର ଉପତ୍ୟକା ମଦିନା ଠାରୁ ଉତ୍ତର ଦିଗରେ ପ୍ରାୟ ୨୬ ମାଇଲ୍ ଦୂରତାରା ଅବସ୍ଥିତ ଥିଲା । ଏଠାରେ ବହୁ ପ୍ରାଚୀନ କାଳରୁ ଇହୁଦୀମାନେ ବସବାସ କରୁଥିଲେ । କେତେକ ଇତିହାସବିତ୍‌ମାନଙ୍କ ଅନୁଯାୟୀ ବୁଖ୍‌ତା ନଜର୍ କାଳରେ ଇହୁଦୀମାନେ ଏଠାରେ ଆସି ବସତି ସ୍ଥାପନ କରିଥିଲେ । ଅନ୍ୟ କେତେକ ବର୍ଣ୍ଣନା ମଧ୍ୟ ରହିଛି ଯହିଁରୁ ଏହି ପରିଣାମ (ନିଷ୍କର୍ଷ) ବାହାରେ ଯେ, ଖୈବର୍ ଠାରେ ପ୍ରାଚୀନ କାଳରୁ ଇହୁଦୀମୀନେ ବାସ କରୁଥିଲେ । ଖୈବର୍ ଠାରେ ବାସ କରୁଥିବା ଇହୁଦୀମାନଙ୍କୁ ଗୋଟିଏ କଥା ଅନନ୍ୟ କରୁଥିଲା । ତାହା ଏହିକି ଯେ, ଏଠାକାର ଇହୁଦୀମାନେ ଅନ୍ୟ ସମସ୍ତ ଇହୁଦୀମାନଙ୍କର ତୁଳନାରେ ସାହସିକତା, ଯୁଦ୍ଧ କୌଶଳରେ ପାରଙ୍ଗମ ଏବଂ ନିୟମାନୁବର୍ତ୍ତୀ ପ୍ରଦର୍ଶନ କରୁଥିଲେ। ଅନ୍ୟମାନଙ୍କ ତୁଳନାରେ ଏମାନଙ୍କ ମଧ୍ୟରେ ଏକତା ସର୍ବାଧିକ ଥିଲା । ଯଦ୍ଦ୍ୱାରାକି ଏମାନେ ସମଗ୍ର ଆରବ ଭୂମିରେ ଶକ୍ତି ଏବଂ ସାମର୍ଥ୍ୟର ଏକତା ରୂପେ ଜଣାଶୁଣା ଜାତି ଥିଲେ । **(ଜୀବନୀ ଇନ୍‌ସାଇକ୍ଲୋ ପିଡ଼ିୟା, ଭାଗ-8, ପୃ-328-331ଦାରୁସ୍ ସଲାମ୍) (ଅତତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-81, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-66, ଜୱାର୍ ଏକାଡ଼େମୀ, କରାଚୀ)**

ମଦିନାର ଇହୁଦୀମାନେ ହୁଅନ୍ତୁ ଅବା ଖୈବର୍‌ର ଇହୁଦୀ ହୁଅନ୍ତୁ ଆଁହଜରତ ସ.ଅ ଏବଂ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଏମାନଙ୍କର ଅର୍ଥାତ୍ ଇହୁଦୀମାନଙ୍କର ଷଡ଼ଯନ୍ତ୍ର ଏବଂ ଦ୍ୱେଷାଭାବ, ବିଦ୍ରୋହ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ବିଦ୍ୱେଷ ଏବଂ ଶତ୍ରୁତାରେ ଏତେ ଆଗାଇ ଯାଇଥିବା ଜାତି ଇସଲାମ୍ ଧର୍ମ ଏବଂ ନବୀ କରୀମ୍ ସ.ଅଙ୍କ ପବିତ୍ର ଅସ୍ତିତ୍ୱକୁ ସମାପ୍ତ କରିବା ନିମନ୍ତେ ନିଜର ସକଳ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବାରେ କୌଣସି ସୁଯୋଗକୁ ହାତଛଡ଼ା କରି ନଥିଲା । ବରଂ ଏହାର ବିପରୀତ ଆଁହଜରତ ସ.ଅ ମଦିନାର ଇହୁଦୀମାନଙ୍କ ସହିତ ସର୍ବଦା ବିନମ୍ରତାମୂଳକ ଆଚରଣ ପ୍ରଦର୍ଶନ କଲେ । ସେମାନଙ୍କ ସହିତ ଆପଣ ସ.ଅ ସନ୍ଧି କଲେ ଏବଂ ଚୁକ୍ତି

ସ୍ୱାକ୍ଷରିତ କଲେ । ଏହି ଇହୁଦୀମାନେ ଯେତେବେଳେ ଚୁକ୍ତି ଭଙ୍ଗ କରୁଥିଲେ କିମ୍ବା ଚୁକ୍ତିର ବିରୁଦ୍ଧାଚରଣ କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ପ୍ରଥମ ଉଦ୍ୟମ ଏହା ହେଉଥିଲା କି ଆପଣ ସେମାନଙ୍କ ପ୍ରତି ଦୟା ଓ କ୍ଷମାମୂଳକ ଆଚରଣ ପ୍ରଦର୍ଶନ କରିବେ । କିନ୍ତୁ ଏହାର ବିପରୀତ ଏହି ଇହୁଦୀମାନେ ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଅନେକ ଥର ଚେଷ୍ଟା ମଧ୍ୟ କଲେ । କିନ୍ତୁ ଏଥିରେ ସେମାନେ ସଫଳ ହୋଇ ପାରିଲେ ନାହିଁ । ଏହି ଇହୁଦୀ ଜାତି ଚୁକ୍ତି ତଥା ସନ୍ଧିର ବିରୁଦ୍ଧାଚେରଣ ବାହ୍ୟ ଶକ୍ତିମାନଙ୍କୁ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ସହଯୋଗ କରିଥିଲା । ଏହା ବଦଳରେ ଶାସ୍ତି ସ୍ୱରୂପ ସେହି ସମସ୍ତ ଇହୁଦୀମାନଙ୍କୁ କଠୋରରୁ କଠୋର ଦଣ୍ଡ ଯଧି ଦିଆ ଯାଇଥାଆନ୍ତା ତେବେ ତାହା ନ୍ୟାୟସଙ୍ଗତ ଥିଲା । କିନ୍ତୁ ଆପଣ ସ.ଅଙ୍କ ଅସ୍ତିତ୍ୱ ଅସୀମ କ୍ଷମା ଓ ଦୟାରା ସାଗର ଥିଲା । ତେଣୁ ଆପଣ ସ.ଅ ସେମାନଙ୍କୁ କ୍ଷମାଦାନ କରିବା ନିମନ୍ତେ ସର୍ବଦା ଚେଷ୍ଟା କରୁଥିଲେ । ଆପଣ ସ.ଅ ସେମାନଙ୍କର ଧନ ଏବଂ ପ୍ରାଣକୁ ଶାନ୍ତି ପ୍ରଦାନ କଲେ ଓ ମଦିନାରୁ ସେମାନଙ୍କୁ ନିର୍ବାସିତ କରିଦେଲେ। ଆପଣ ସ.ଅ ସେମାନଙ୍କୁ ଏହି ଅନୁମତି ମଧ୍ୟ ପ୍ରଦାନ କଲେ ଯେ, ସେମାନେ ନିଜ ସାଙ୍ଗରେ ଯାହାକିଛି ନେଇ ଯିବାକୁ ଚାହୁଁଛନ୍ତି ତାହା ନେଇ ଯାଆନ୍ତୁ । **ନାଉଜୁବିଲ୍ଲାଃ** ଯଦି ନବୀ କରୀମ୍ ସ.ଅଙ୍କ ଅଭିପ୍ରାୟ ସେମାନଙ୍କ ଉପରେ ଜୋର ଜବରଦସ୍ତ କରିବା ହୋଇଥାଆନ୍ତା ତେବେ ମଦିନାର ଇହୁଦୀମାନେ ବରମ୍ବାର ଚୁକ୍ତି ତଥା ସର୍ତ୍ତଭଙ୍ଗ ଯୋଗୁଁ ନବୀ ସ.ଅ ସେମାନଙ୍କୁ କେବେ ବି କ୍ଷମା ପ୍ରଦାନ କରି ନଥାଆନ୍ତେ । ନବୀ କରୀମ୍ ସ.ଅଙ୍କ ଅଭିପ୍ରାୟ ଯଦି ରକ୍ତପାତ ହୋଇଥାଆନ୍ତା ତେବେ ବନୁ କୈନ୍‌କା ସଂପ୍ରଦାୟ ଏବଂ ବନୁ ନୁଜୈର୍ ସଂପ୍ରଦାୟକୁ ଆପଣ କେବେ ବି ଜୀବନ ରକ୍ଷା କରି ସକୁଶଳେ ମଦିନାରୁ ଯିବାକୁ ଦେଇ ନଥାଆନ୍ତେ । ନବୀ କରୀମ୍ ସ.ଅଙ୍କ ଅଭିପ୍ରାୟ ଯଦି ଧନ ସମ୍ପଦ ପ୍ରାପ୍ତି ହୋଇଥାଆନ୍ତା ତେବେ ବନୁ ନୁଜୈର୍ ସଂପ୍ରଦାୟ ଯେକି ଆରବ୍ୟ ଉପଦ୍ୱୀପରେ ସବୁଠୁ ବଡ଼ ଧନୀକ ସଂପ୍ରଦାୟ ଥିଲା । ଏହି ସଂପ୍ରଦାୟକୁ ଯେତେବେଳେ ନିର୍ବାସିତ କରାଗଲା ସେତେବେଳେ ଏହି ସଂପ୍ରଦାୟ ମଦିନାବାସୀଙ୍କ ସମ୍ମୁଖରେ ସ୍ୱର୍ଣ୍ଣ ଓ ରୌପ୍ୟକୁ ବଡ଼ ବଡ଼ ଜଳ ଥଳୀରେ ଭର୍ତ୍ତି କରି ନେଇଯିବାକୁ ସକ୍ଷମ ହୋଇପାରି ନଥାଆନ୍ତା । ଆଁହଜରତ ସ.ଅ ମଦିନାର ଇହୁଦୀମାନଙ୍କ ପ୍ରତି ଯେଉଁ ଦୟା, କ୍ଷମା ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ତେଣୁ ଏହା ହୋଇଥାଆନ୍ତା ଯେ, ଇହୁଦୀମାନେ ଖୈବର୍ ଠାରେ ବସତି ସ୍ଥାପନ କରିବା ପରେ ଇସ୍‌ଲାମ୍ ଧର୍ମ ଏବଂ ଇସ୍‌ଲାମ୍ ଧର୍ମର ସଂସ୍ଥାପକଙ୍କ ସପକ୍ଷରେ ସନ୍ଧି ଏବଂ ଶାନ୍ତି ଶୃଙ୍ଖଳାର ପରିବେଶରେ ରହିଥାଆନ୍ତେ । କିନ୍ତୁ ମଦିନାରୁ ନିର୍ବାସିତ ହେବା ପରେ ଇହୁଦୀମାନଙ୍କର ଏକ ସଂଖ୍ୟା ଖୈବର୍ ଠାରେ ଯାଇ ବସତି ସ୍ଥାପନ କରିଥିଲା ଏବଂ ଖୈବର୍ ଯିଏ ପ୍ରାରମ୍ଭରୁ ହିଁ ସର୍ବବୃହତ୍ ଯୁଦ୍ଧ ଶକ୍ତି ଥିଲା । ବର୍ତ୍ତମାନ ମୁସଲମାନମାନଙ୍କ ବିରୁଦ୍ଧରେ ଭୟଙ୍କର ଯୋଜନା ତଥା ଷଡ଼ଯନ୍ତ୍ରର କେନ୍ଦ୍ର ପାଲଟି ଯାଇଥିଲା । ଏହି ଇହୁଦୀମାନେ ଖୈବର୍‌ର ଇହୁଦୀ ଥିଲେ । ଏମାନେ ଏକ ବିଶାଳ ପ୍ରତିନିଧି ସମୂହକୁ ନେଇ ଯହିଁରେ ଖୈବର୍‌ର ବରିଷ୍ଠ ଅଧିପତିମାନେ ଥିଲେ । ଏମାନେ ମକ୍କାର ଅବିଶ୍ୱାସକାରୀଙ୍କୁ ସାକ୍ଷାତ୍ କରିବା ନିମନ୍ତେ ପହଞ୍ଚିଲେ ଏବଂ ଆଁହଜରତ ସ.ଅଙ୍କ ପବିତ୍ର ଅସ୍ତିତ୍ୱ ଓ ଇସ୍‌ଲାମ୍ ଧର୍ମକୁ ସମାପ୍ତ କରିବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କଲେ ଏବଂ ଏହି ଇହୁଦୀମାନେ ମକ୍କାର ଅବିଶ୍ୱାସକାରୀଙ୍କ ଠାରୁ ସମ୍ମତି ଗ୍ରହଣ କରିବା ପରେ ଆଖ ପାଖରେ ବାସ କରୁଥିବା ବିଭିନ୍ନ ସଂପ୍ରଦାୟ ପାଖକୁ ଏମାନଙ୍କର ପ୍ରତିନିଧି ମଣ୍ଡଳ ଗଲା ଏବଂ ଗୋଟିଏ ଗୋଟିଏ ସଂପ୍ରଦାୟକୁ ପ୍ରସ୍ତୁତ କରି ସେତେବେଳ କାଳର 15000 ସଂଖ୍ୟ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରି ମଦିନା ଉପରେ ଚଢଉ କରିଦେଲା । ଉକ୍ତ ଯୁଦ୍ଧକୁ ଇସ୍‌ଲାମ୍ ଧର୍ମରେ ଅହ୍‌ଜାବ୍ ଯୁଦ୍ଧ ଅବା ଖନ୍ଦକ୍ ଯୁଦ୍ଧ ବୋଲି କୁହାଯାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହାର ଚର୍ଚ୍ଚା ପ୍ରଥମେ ହୋଇ ସାରିଛି ଏବଂ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଇସ୍‌ଲାମ୍ ଧର୍ମ ସହିତ ଅଲ୍ଲାଃତାଲାଙ୍କ ବିଶେଷ ସମର୍ଥନ ଯଦି ନଥାଆନ୍ତା ତେବେ ମୁସଲମାନମାନଙ୍କ ସହିତ ସମ୍ଭବତଃ ମଦିନାର ନାମ ଓ ଚିହ୍ନ ବର୍ଣ୍ଣ କେବେ ଠାରୁ ଲିଭି ଯାଇ ଥାଆନ୍ତା । ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଉକ୍ତ ଭୟଙ୍କର ଯୋଜନାର ମୁଖ୍ୟ ଅଭିଯୁକ୍ତ ଖୈବର୍‌ର ଇହୁଦୀମାନେ ଥିଲେ । ଏମାନେ ସର୍ବଦା ମୁସଲମାନମାନଙ୍କୁ ସମାପ୍ତ କରିବା ନିମନ୍ତେ ବ୍ୟସ୍ତ ରହୁଥିଲେ । ମଦିନାରେ ଉପସ୍ଥିତ ଥିବା ବନୁ କୁରୈଜା ସଂପ୍ରଦାୟକୁ ସେମାନଙ୍କର ଅଙ୍ଗୀକାର ବା ଚୁକ୍ତି ଭଙ୍ଗର ପ୍ରଥମ ଥର କରି ଶାସ୍ତି ମିଳି ସାରିଥିଲା । ତେଣୁ ଏହି ଶାସ୍ତି ମଧ୍ୟ ଖୈବର୍ ଠାରେ ବାସ କରୁଥିବା ଇହୁଦୀମାନଙ୍କୁ ସେମାନଙ୍କ ଆଚରଣ ପରିବର୍ତ୍ତନର କୌଣସି କାରଣ ହୋଇପାରିଲା ନାହିଁ । ତେଣୁ ଏହା ଆବଶ୍ୟକୀୟ ହୋଇ ପଡ଼ିଲା ଯେ, ଏହି ଚୁକ୍ତି ଭଙ୍ଗକାରୀ, ଷଡ଼ଯନ୍ତ୍ର ରଚନାକାରୀ ଜାତି ବିପକ୍ଷରେ ସିଧା ସଳ କୌଣସି ପଦକ୍ଷେପ ଗ୍ରହଣ କରାଯାଉ । କାରଣ ଭୂଖଣ୍ଡରେ ଶାନ୍ତି ଫେରି ଆସୁ ଏବଂ ପ୍ରତ୍ୟେକ ବ୍ୟକ୍ତି ଏବଂ ସଂପ୍ରଦାୟ ନିଜ ନିଜ ସ୍ଥାନରେ ରହି ଶାନ୍ତି ଶୃଙ୍ଖଳାର ସହିତ ନିର୍ଭୟରେ ନିଜ ଧର୍ମ ଉପାସନା ଉପରେ କାର୍ଯ୍ୟାନୁସରଣ କରିବାକୁ ସକ୍ଷମ ହୋଇପାରିବ କାରଣ يَكُوْنَ الدِّيْنُ لِلّٰهِ ଅର୍ଥାତ୍ ଧର୍ମ କେବଳ ଅଲ୍ଲାଃତାଲାଙ୍କ ସକାଶେ ଉଦ୍ଦିଷ୍ଟ ହୋଇଯାଉ । ଧର୍ମରେ କୌଣସି ପ୍ରକାରର ବାଧ ବାଧକତା ଯେପରି ନରହୁ । କାରଣ ଧର୍ମ ହେଉଛି ଭକ୍ତ ଓ ଭଗବାନଙ୍କର ଏକ ପ୍ରସଙ୍ଗ ।

ମଣ୍ଟିଗୋମେରି ୱାଟ୍ ସାହେବ ନାମକ ଜଣେ ବିଖ୍ୟାତ ପ୍ରାଚ୍ୟତତ୍ତ୍ୱବିତ୍ ଯେକି ଇସ୍‌ଲାମ୍ ଧର୍ମ ଏବଂ ଇସଲାମ୍ ଧର୍ମର ସଂସ୍ଥାପକଙ୍କ ବିରୁଦ୍ଧରେ ବିଷ ଓଗାଳିବାରେ ସଙ୍କୋଚ ବୋଧ କର ନାହିଁ । ସେ ନିଜ ପୁସ୍ତକରେ ଉଲ୍ଲେଖ କରେ ଯାହାର ଅନୁବାଦ ଏହିକି ଯେ, "ଖୈବର ଉପରେ ଆକ୍ରମଣର ସିଧା ଏବଂ ସରଳ କାରଣ ଏହା ଥିଲା ଯେ, ଖୈବର୍‌ବାସୀମାନେ ନିଜ ଧନର ନିଃଶଙ୍କୋଚ ବ୍ୟବହାର କରି ନିଜର ପଡ଼ୋଶୀ ଆରବବାସୀଙ୍କୁ ଉସ୍‌କାଇଲେ ଯେ, ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର ଉଠାନ୍ତୁ ।" **(Muhammad Prophet and Stateman by W.Montgomery Watt Pg:189)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ସେହି ବିଶେଷ ପୃଷ୍ଠଭୂମି ଯେଉଁ ପୃଷ୍ଠଭୂମି ଅନୁଯାୟୀ ଆଁହଜରତ ସ.ଅ ଈଶ୍ୱରଙ୍କ ଇଙ୍ଗିତ କ୍ରମେ ଏପରି ନିଷ୍ପତ୍ତି ନେଇଥଇଲେ ଯେ, ଖୈବର୍ ଆଡ଼କୁ ଅଗ୍ରସର ହେବା ଉଚିତ୍ । ଅଲ୍ଲାମା ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ଖୈବର୍ ଯୁଦ୍ଧ ଜୁମାଦିଉଲ୍ ଉଲା 7 ହିଜ୍ରୀରେ ହୋଇଥିଲା । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-81, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଅପରପକ୍ଷେ ଇବ୍‌ନେ ଉକ୍‌ବା ଏବଂ ଅଲ୍ଲାମା ଇବ୍‌ନେ ଇସ୍‌ହାକ୍‌ଙ୍କ ନିକଟରେ ରସୁଲୁଲ୍ଲାଃ ସ.ଅ ଜୁଲ୍‌ହିଲଜ୍ଜାରେ ହୁଦୈବିୟାରୁ ମଦିନା ଯେତେବେଳେ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ଆପଣ ସ.ଅ ମଦିନାରେ ପ୍ରାୟ 20 ରାତ୍ର ରହିଥିଲେ । ପୁନଶ୍ଚ ଖୈବର୍ ଅଭିମୁଖେ ଆପଣ ପ୍ରସ୍ଥାନ କରିଥିଲେ । ଆପଣ ସ.ଅ ଯେତେବେଳେ ଖୈବର୍ ପ୍ରସ୍ଥାନ କରିଥିଲେ ସେତେବେଳେ ସେହି ମାସ ମୁହର୍‌ରମ୍ ମାସ ଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ସିରତ୍ ଖାତମୁନ୍ ନବୀୟିନ୍‌ରେ ଅବଶିଷ୍ଟ ବିଷୟବସ୍ତୁର ଯେଉଁ ଟୀକ ଉଲ୍ଲେଖ କରିଛନ୍ତି ତହିଁରେ ଆପଣ ର.ଅ ଉକ୍ତ ଯୁଦ୍ଧ ଅର୍ଥାତ୍ ଖୈବର୍ ଯୁଦ୍ଧକୁ ମୁହରରମ୍ ମାସରେ ଏବଂ ସିଫର୍ 7 ହିଜ୍ରୀର ଯୁଦ୍ଧ ବୋଲି ବିବେଚିତ (ଦର୍ଶାଇଛନ୍ତି) କରିଛନ୍ତି ।**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-837ରୁ ଉଦ୍ଧୃତ)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ରସୁଲୁଲ୍ଲାଃ ସ.ଅ ହୁଦୈବିୟାରୁ ଫେରିବାର ପ୍ରାୟ 5 ମାସ ପରେ ଏହି ନିଷ୍ପତ୍ତି ନେଲେ ଯେ, ଇହୁଦୀମାନେ ଯେଉଁମାନେ ଖୈବର୍ ଠାରୁ ମଦିନା ପର୍ଯ୍ୟନ୍ତ କେବଳ କେଛି ମାଇଲ୍ ଦୂରରେ ଅବସ୍ଥିତ ଥିଲା ଏବଂ ଯେଉଁଠି ମଦିନା ବିରୁଦ୍ଧରେ ଅତି ସହଜରେ ଷଡ଼ଯନ୍ତ୍ର କରାଯାଇପାରି ଥାଆନ୍ତା ସେହି ଇହୁଦୀମାନଙ୍କୁ ନିର୍ବାସିତ କରି ଦିଆଯାଉ । ସୁତରାଂ ଆପଣ ସ.ଅ 16 ଜଣ ସାହାବା ର.ଅଙ୍କ ସହିତ ଅଗଷ୍ଟ 628 ଖ୍ରୀ.ଅରେ ଖୈବର୍ ଅଭିମୁଖେ ଗମନ କରିଥିଲେ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-325)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ଇତିହାସବିତ୍‌ମାନେ ସୁଲାହ୍ ହୁଦୈବିୟା ଠାରୁ 5 ମାସ ପରେ ଏହାର ଇତିହାସ ସଂପର୍କରେ ବର୍ଣ୍ଣନା କରନ୍ତି ଏବଂ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଦିବାଚା ତଫ୍‌ସିରୁଲ୍ କୁରଆନ୍‌ରେ ଏହା ହିଁ କହିଛନ୍ତି। କିନ୍ତୁ ଇିହାସବିତେ ଓ ବିଦ୍ୱାନ୍‌ମାନମାନଙ୍କ ମଧ୍ୟରୁ ଅଧିକାଂଶ ବିଦ୍ୱାନ୍‌ମାନେ ସୁଲାହ୍ ହୁଦୈବିୟାର ସ୍ୱଳ୍ପ ଦିନ ପରେ ମୁହର୍‌ରମ୍ ମାସରେ ଏହାକୁ ବର୍ଣ୍ଣନା କରିଛନ୍ତି । ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ଏଥି ସଂକ୍ରାନ୍ତରେ ଏହା ହିଁ ଉଲ୍ଲେଖ କରିଛନ୍ତି । **ୱଲ୍ଲାହୁ ଆଲମୁ** (ପ୍ରଭୁ ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ) ।

ମୂଳତଃ ସୁଲାହ୍ ହୁଦୈବିୟା,ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ବିରାଟ ବଡ଼ ବିଜୟ ଥିଲା । ପବିତ୍ର କୁରଆନ୍ କରୀମ୍ ଉକ୍ତ ଯୁଦ୍ଧକୁ ମହାବିଜୟ ବୋଲି ଆଖ୍ୟା ପ୍ରଦାନ କରିଛି । ଯେପରିକି ଅଲ୍ଲାଃତାଲା କହିଲେ, اِنَّا فَتَحۡنَا لَکَ فَتۡحًا مُّبِیۡنًا **(ଅଲ୍ ଫତହ୍: 2)** ଆମ୍ଭେ ତୁମ୍ଭକୁ ଏକ ପ୍ରକାଶ୍ୟ ବିଜୟ ପ୍ରଦାନ କରିଛୁ । ଉକ୍ତ ପ୍ରକାଶ୍ୟମୂଳକ ବିଜୟ ହେଉଛି ସେହି ବିଜୟ ଯେଉଁ ଦ୍ୱାର ଦେଇ ଖୈବର୍ ଏବଂ ମକ୍କା ଭଳି ମହାନ୍ ବିଜୟ ପ୍ରାପ୍ତ ହୋଇଥିଲା । ବାସ୍ତବପକ୍ଷେ ଅଲ୍ଲାଃତାଲା ସେହି ସମୟରେ ହିଁ ଖୈବର୍ ବିଜୟ ହେବ ବୋଲି ପ୍ରତିଶୃତି କରିଦେଇଥିଲେ । ଅର୍ଥାତ୍ ଯେତେବେଳେ ସୁଲାହ୍ ହୁଦୈବିୟାରୁ ପ୍ରତ୍ୟାବର୍ତ୍ତନ ସମୟରେ ମକ୍କା ଏବଂ ମଦିନା ମଧ୍ୟବର୍ତ୍ତୀ ସ୍ଥାନରେ ସୁରାଃ ଫତହ୍ ଅବତୀର୍ଣ୍ଣ ହେଲା ଠିକ୍ ସେତିକିବେଳେ ଅଲ୍ଲାଃତାଲା ଖୈବର୍ ବିଜୟର ପ୍ରତିଶୃତି ଦେଇଥିଲେ । ଉକ୍ତ ସୁରତ୍‌ରେ ଖୈବର୍ ବିଜୟର ପ୍ରତିଶୃତି ଏବଂ ଶୁଭ ସମାଚାର ଏହିପରି ପ୍ରଦାନ କରାଯାଇଥିଲା ଯେ, لَقَدۡ رَضِیَ اللّٰہُ عَنِ الۡمُؤۡمِنِیۡنَ اِذۡ یُبَایِعُوۡنَکَ تَحۡتَ الشَّجَرَۃِ فَعَلِمَ مَا فِیۡ قُلُوۡبِہِمۡ فَاَنۡزَلَ السَّکِیۡنَۃَ عَلَیۡہِمۡ وَ اَثَابَہُمۡ فَتۡحًا قَرِیۡبًا ۙ وَّ مَغَانِمَ کَثِیۡرَۃً یَّاۡخُذُوۡنَہَا ؕ وَ کَانَ اللّٰہُ عَزِیۡزًا حَکِیۡمًا وَعَدَکُمُ اللّٰہُ مَغَانِمَ کَثِیۡرَۃً تَاۡخُذُوۡنَہَا فَعَجَّلَ لَکُمۡ ہٰذِہٖ **(ଅଲ୍ ଫତହ୍ 19-21)** ଅର୍ଥାତ୍ ଅଲ୍ଲାଃତାଲା ବିଶ୍ୱାସକାରୀଙ୍କ ଉପରେ ସେତେବେଳେ ସନ୍ତୁଷ୍ଟ ହୋଇଗଲେ ଯେତେବେଳେ ସେମାନେ ବୃକ୍ଷ (ଏଠାରେ ହୁଦୈବିୟା ସନ୍ଧି ସମୟର ଶପଥ ସଂକ୍ରାନ୍ତରେ ସୂଚନା ଦିଆଯାଇଛି, ଯେବେ କି ହ. ମୁହମ୍ମଦ୍ ସ.ଅଙ୍କ ସହଚରମାନେ ତାଙ୍କ ନିକଟରେ ମୃତ୍ୟୁବରଣ କରିବା ପାଇଁ ଶପଥ କରିଥିଲେ) ତଳେ ଶପଥ ପୂର୍ବକ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ହୃଦୟ

ଯାହା ବିଶ୍ୱାସ ଥିଲା ସେ ତାହାକୁ ଭଲ ଭାବରେ ଜାଣି ପାରିଲେ । ତେଣୁ ଏଥିଯୋଗୁଁ ସେ ସେମାନଙ୍କ ହୃଦୟରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ । ଅର୍ଥାତ୍ ଖୈବର୍ ବିଜୟ ପ୍ରଦାନ କଲେ ଏବଂ ଯୁଦ୍ଧରୁ ପ୍ରାପ୍ତ ଅନେକ ସାମଗ୍ରୀ ମଧ୍ୟ ପ୍ରଦାନ କରିଥିଲେ ଯାହା ସେମାନେ ନିଜ ଦଖଲକୁ ଆଣିଥିଲେ ଏବଂ ଅଲ୍ଲାଃ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । ଅଲ୍ଲାଃତାଲା ତୁମମାନଙ୍କୁ ଯୁଦ୍ଧରୁ ପ୍ରାପ୍ତ ଅନେକ ସାମଗ୍ରୀ ବିଷୟରେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯାହା ତୁମେମାନେ ନିଜ ଦଖଲ (ଅକ୍ତିଆର ବା ଆୟତ୍ତ)କୁ ଆଣିବ ଏବଂ ସେହି ପ୍ରତିଶ୍ରୁତି ଅନୁଯାୟୀ ସଂପ୍ରତି (ଅର୍ଥାତ୍ ଖୈବର୍ ଯୁଦ୍ଧରୁ ପ୍ରାପ୍ତ ଧନ ସମ୍ପତ୍ତି) ଯୁଦ୍ଧରୁ ପ୍ରାପ୍ତ ସାମଗ୍ରୀମାନ ସେ ତୁମମାନଙ୍କୁ ଶୀଘ୍ର ପ୍ରଦାନ କରିଛନ୍ତି ଏବଂ ତୁମମାନଙ୍କ ଠାରୁ ଲୋକମାନଙ୍କ ହାତକୁ ଅଟକାଇ (ଅର୍ଥାତ୍ ହୁଦୈବିୟା ସନ୍ଧି ସମୟରେ) ରଖିଛନ୍ତି । ଯେପରିକି ଏହା ଅର୍ଥାତ୍ ଏହି ଘଟଣା ବିଶ୍ୱାସକାରୀମାନଙ୍କ ସକାଶେ ଏକ ନିଦର୍ଶନ ହେବ ଏବଂ ସେ ଅଲ୍ଲାଃ ତୁମମାନଙ୍କୁ ଏହାରି ମାଧ୍ୟମରେ ସରଳ ପଥ ପ୍ରଦର୍ଶନ କରାଇବେ ।

ସୈନ୍ୟବାହିନୀ ପ୍ରସ୍ତୁତି ଏବଂ ମଦିନାର ନାଏବ୍ ଅମୀର୍ ନିଯୁକ୍ତ ହେବା ସଂପର୍କରେ ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ଖୈବର୍ ଅଭିମୁଖେ ଯିବା ନିମନ୍ତେ ଯେତେବେଳେ ଘୋଷଣା କଲେ ସେତେବେଳେ ଏହି ଘୋଷଣା ମଧ୍ୟ କଲେ ଯେ, କେବଳ ସେହି ଲୋକମାନେ ହିଁ ସାଙ୍ଗରେ ଚାଲିବେ ଯେଉଁମାନେ ସୁଲାହ୍ ହୁଦୈବିୟାରେ ସାମିଲ୍ ହୋଇଥିଲେ । ଏକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ କହିଲେ, ଯେଉଁମାନେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନସମ୍ପଦ) ପ୍ରାପ୍ତି ଉଦ୍ଦେଶ୍ୟରେ ବାହାରୁଛନ୍ତି ସେମାନେ ମୋ ସହିତ ବାହାରନ୍ତୁ ନାହିଁ । କେବଳ ସେହି ଲୋକମାନେ ହିଁ ମୋ ସହିତ ବାହରନ୍ତୁ ଯେଉଁମାନେ କେବଳ ଜିହାଦ୍ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରନ୍ତି । ଅର୍ଥାତ୍ ଇଚ୍ଛୁକ ଅଟନ୍ତି । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-81, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଇବ୍‌ନେ ହିଶ୍ଶାମଙ୍କ ଅନୁଯାୟୀ ରସୁଲୁଲ୍ଲାଃ ସ.ଅ ହ. ନୁମୈଲା ବିନ୍ ଅବ୍‌ଦୁଲ୍ଲାଃ ଲୈସିକୁ ମଦିନାର ଅମୀର୍ ରୂପେ ନିଯୁକ୍ତ କଲେ । କିନ୍ତୁ ଇମାମ୍ ବୁଖାରୀଙ୍କ ଅନୁଯାୟୀ ଆପଣ ସ.ଅ ସିବାଅ ବିନ୍ ଗୁର୍ଫତାଙ୍କୁ ମଦିନାର ନାଏବ୍ ଅମୀର୍ ରୂପେ ନିଯୁକ୍ତ କରିଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଅତତାରିଖୁସ୍ ସଗିର୍ ଲିଇମାମ୍ ବୁଖାରୀ, ପୃ-43, ମକତବତୁଲ୍ ମାଆରିଫ୍, 1986 ମସିହା)**

ଅଲ୍ଲାମା ଇବ୍‌ନେ ଇସ୍‌ହାକ୍ ଏବଂ ଇବ୍‌ନେ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ସର୍ବପ୍ରଥମେ ଖୈବର୍ ଯୁଦ୍ଧରେ ଧ୍ୱଜାର ଚର୍ଚ୍ଚା ମିଳେ । ଏହା ପୂର୍ବରୁ କେବଳ ଛୋଟ ଛୋଟ ଧ୍ୱଜା ହେଉଥିଲା । ରସୁଲୁଲ୍ଲାଃ ସ.ଅ ହ. ଅବୁ ବକ୍କର ର.ଅ ଏବଂ ହ. ଉମର୍ ର.ଅ, ହ. ହୁବ୍‌ବାବ୍ ବିନ୍ ମୁନ୍‌ଜିର୍ ର.ଅ ଓ ହ. ସାଆଦ୍ ବିନ୍ ଉବାଦ୍ ର.ଅଙ୍କୁ ଧ୍ୱଜା ପ୍ରଦାନ କରିଥିଲେ । ରୁସୁଲୁଲ୍ଲାଃ ସ.ଅଙ୍କ ଧ୍ୱଜା କୃଷ୍ଣ (କଳା) ବର୍ଣ୍ଣ (ରଙ୍ଗ)ର ଥିଲା। ଉକ୍ତ ଧ୍ୱଜା ହ. ଆଏଶା ର.ଅଙ୍କ ଚଦରରୁ ପ୍ରସ୍ତୁ ହୋଇଥିଲା । ଉକ୍ତ ଧ୍ୱଜାର ନାମ ଉକାବ୍ ଥିଲା । ଏହି ଧ୍ୱଜା ହ. ହୁବ୍‌ବାବ୍ ବିନ୍ ମୁନ୍‌ଜିର୍ ର.ଅଙ୍କ ନିକଟରେ ଥିଲା। **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-52, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଶରହୁଲ୍ ଜର୍କାନୀ, ଭାଗ-3, ପୃ-255, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ବର୍ଣ୍ଣନାରେ ହ. ଅଲୀ ର.ଅଙ୍କୁ ମଧ୍ୟ ଧ୍ୱଜା ମିଳିଥିବାର ବର୍ଣ୍ଣିତ ହୋଇଛି । କିନ୍ତୁ ତାହା ଖୈବର ଯୁଦ୍ଧରେ ପ୍ରଦାନ କରାଯାଇଥିଲା । କାରଣ ହ. ଅଲୀ ର.ଅ ଆଁହଜରତ ସ.ଅଙ୍କ ସହିତ ବାହାରି ପାରି ନଥିଲେ । କାରଣ ହ. ଅଲୀ ର.ଅଙ୍କୁ ଚକ୍ଷୁ ସମସ୍ୟା ଅର୍ଥାତ୍ ଆଖିରେ ପୀଡ଼ା ଅନୁଭବ ହେଉଥିଲା । ଆଖି ବହୁତ ବିନ୍ଧୁଥିଲା । ଦୃଷ୍ଟି ସମସ୍ୟା ହେତୁ ତାଙ୍କ ଚକ୍ଷୁ (ଆଖିକୁ)କୁ କିଛି ଠିକ୍ ସେ ଦେଖାଯାଉ ନଥିଲା । କିନ୍ତୁ ଅପର ମୁହୂର୍ତ୍ତରେ ସେ ବ୍ୟସ୍ତ ବିବ୍ରତ ହୋଇ ଯୁଦ୍ଧକୁ ବାହାରି ପଡ଼ିଥିଲା । ସେ ଆଉ ଧୈର୍ଯ୍ୟ ଧରି ରହି ପାରିଲେ ନାହିଁ । ଉକ୍ତ ଯାତ୍ରାରେ ଉମ୍ମୁଲ୍ ମୁମିନିନ୍ ହ. ଉମ୍ମେ ସଲମା ର.ଅ ଆପଣ ର.ଅଙ୍କ ସହିତ ଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-8, ପୃ-391, ବଜ୍‌ମେ ଇକ୍‌ବାଲ୍, ଲାହୋର୍) (ଜୀବନୀ ଇନ୍‌ସାଇକ୍ଲୋ ପିଡ଼ିଆ, ଭାଗ-8, ପୃ-365, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ 6, 7 ଜଣ ସାହାବିୟାତ୍ (ମହିଳା ସାହାବା)ମାନେ ମଧ୍ୟ ଉକ୍ତ ଅଭିଯାନରେ ସାଙ୍ଗରେ ବାହାରିଥିଲେ । ଏକ ବର୍ଣ୍ଣନାନୁଯାୟୀ 20 ଜଣ ସାହାବିୟାତ୍ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ। ହ. ସଲ୍‌ମା ସିନାନ୍ ଅସ୍‌ଲମିୟାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ଖୈବର୍ ଯୁଦ୍ଧ ଅଭିମୁଖେ ବାହାରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ ସେତେବେଳେ ମୁଁ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଏବଂ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ଯଦି ମୋତେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ମଧ୍ୟ ଆପଣ ସ.ଅଙ୍କ ସହିତ ଚାଲିବି । ଅର୍ଥାତ୍ ସାଙ୍ଗରେ ଯିବି । ମୁଁ ଜଳର ଯେଉଁ ଥଳୀ ସବୁ ରହିଛି ତାହାକୁ ସିଲେଇ କରିଦେବି । ସୈନ୍ୟବାହିନୀର ଜିନିଷପତ୍ରର ସୁରକ୍ଷା କରିବି । ଯଦି କୌଣସି ସୈନ୍ୟ ଅସୁସ୍ଥ ହୁଏ କିମ୍ବା ଆହତ ହେଲା ତେବେ ସେପରିପ୍ରେକ୍ଷୀରେ ମୁଁ ଚିକିତ୍ସା ଏବଂ ଉପଚାର କରିବି । ଅତଏବ୍ ହ. ଉମ୍ମେ ସିନାନ୍ ଅସ୍‌ଲମିୟା କୁହନ୍ତି; "ନବୀ କରୀମ୍ ସ.ଅ ମୋତେ ଯିବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ ଏହିପରି ଭାବରେ ବନୁ ଗିଫାର୍ ସଂପ୍ରଦାୟର 6 ଜଣ ମହିଳା ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ମଧ୍ୟ ଯୁଦ୍ଧରେ ସାମିଲ୍ ହେବାକୁ ଇଚ୍ଛୁକ ଅଟୁ ବା ଆଗ୍ରହ ପ୍ରକାଶ କରୁଛୁ। ଆମେମାନେ ଯଥାସମ୍ଭବ ଆହତମାନଙ୍କୁ ଦେଖାଶୁଣା କରିବୁ ଓ ମୁଜାହିଦିନ୍‌ମାନଙ୍କୁ ସାହାଯ୍ୟ କରିବୁ । ଆପଣ ସ.ଅ ସେମାନଙ୍କୁ ମଧ୍ୟ ଯିବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ ଓ ସେମାନଙ୍କ ନିମନ୍ତେ କଲ୍ୟାଣର ଦୁଆ କଲେ ।" **(ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-8, ପୃ-391, ବଜ୍‌ମେ ଇକ୍‌ବାଲ୍, ଲାହୋର୍) (ସୁନନ୍ ଅବୁ ଦାଉଦ୍ କିତାବୁଲ୍ ଜିହାଦ୍ ଫିଲ୍ ମରଅତା ୱଲ୍ ଅବ୍‌ଦା ୟହ୍‌ଜିୟାନା ମିନଲ୍ ଗନିମତି, ହଦିସ୍ ସଂଖ୍ୟା-2729) (ଇମ୍‌ତାଅଲ୍ ଅସମା, ଭାଗ-1, ପୃ-321, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଯେତେବେଳେ ରସୁଲୁଲ୍ଲାଃ ସ.ଅ ଏବଂ ସାହାବାମାନଙ୍କ ପ୍ରସ୍ତୁତିର ସୂଚନା ମଦିନାର ଇହୁଦୀମାନଙ୍କୁ ମିଳିଲା ସେତେବେଳେ ସେମାନଙ୍କ ପକ୍ଷେ ଉକ୍ତ ପ୍ରସଙ୍ଗ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲା ଏବଂ ସେମାନେ ଏହା ମନେକରିନେଲେ ଯେ, ଯଦି ଆଁହଜରତ ସ.ଅ ଖୈବର୍ ଠାରେ ପ୍ରବେଶ କରିନେଲେ ତେବେ ଖୈବରର (ବାସୀ) ବିନାଶ ହୋଇଯିବ । ଯେପରିକି ବନୁ କୈନ୍‌କା ଏବଂ ବନୁ ନୁଜୈର୍ ଓ ବନୁ କୁରୈଜା ସଂପ୍ରଦାୟର ଅବସାନ ଘଟିଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ମଦିନାର ଇହୁଦୀମାନେ ଧନବାନ୍ ଏବଂ ସମୃଦ୍ଧ ଥିଲେ । କିନ୍ତୁ ମଦିନାର ମୁସଲମାନମାନଙ୍କର ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ଥିଲା । ଏହି ଆର୍ଥିକ ଅସ୍ୱଚ୍ଛଳତା ହେତୁ ମଦିନାର ମୁସଲମାନମାନେ ଇହୁଦୀମାନଙ୍କ ଠାରୁ ଋଣ ନେଉଥିଲେ । ସେତେବେଳେ ଖୈବରର ଇହୁଦୀମାନଙ୍କର ସ୍ୱାର୍ଥ ସକାଶେ ମଦିନାର ଇହୁଦୀମାନେ ମୁସଲମାନମାନଙ୍କୁ ହଇରାଣ ହରକତ୍ କରିବା ଏବଂ ଯୁଦ୍ଧରୁ ଅଟକାଇବା ନିମନ୍ତେ ତୁରନ୍ତ ମୁସଲମାନମାନଙ୍କୁ ଋଣ ପରିଶୋଧ କରିବା ନିମନ୍ତେ ଦାବି ଆରମ୍ଭ କରିଦେଲେ। ସେମାନେ କହିଲେ, ହେ ମୁସଲମାନମାନେ !ତୁମେମାନେ ଆମର ଋଣ ଶୀଘ୍ର ଦିଅ ।

**(ଫତହ୍ ଖୈବର, ଲେଖକ-ବାଶ୍‌ମିଲ୍, ପୃ-67, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଅବି ହଦ୍‌ରଦ୍ ନାମକ ଜନୈକ ସାହାବିଙ୍କ ସଂପର୍କରେ ଏକ ଘଟଣାର ଉଲ୍ଲେଖ ମିଳେ । ହ. ଇବ୍‌ନେ ଅବି ହଦ୍‌ରଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଅବୁ ଶହ୍‌ମ ଇହୁଦୀକୁ 5 ଦିର୍‌ହମ୍ ଦେଇଥାଆନ୍ତେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ସେ ଇହୁଦୀ ବ୍ୟକ୍ତିକୁ 4 ଦିରହମ ଦେଇ ଥାଆନ୍ତେ । ଇହୁଦୀ ବ୍ୟକ୍ତି ଜଣକ ଇବ୍‌ନେ ଅବି ହଦ୍‌ରଦ୍‌ଙ୍କୁ ଋଣ ପରିଶୋଧ କରିବା ନିମନ୍ତେ କହିଲେ । ଇବ୍‌ନେ ଅବି ହଦ୍‌ରଦ୍ ଇହୁଦୀ ବ୍ୟକ୍ତିକୁ କହିଲେ, ହେ ଅବୁ ଶହ୍‌ମ୍! ମୋତେ ଋଣ ପରିଶୋଧ କରିବାକୁ ଟିକିଏ ସମୟ ଦେଇଦିଅ । ଇବ୍‌ନେ ହଦ୍‌ରଦ୍ କହିଲେ, ହେ ଅବୁ ଶହ୍‌ମ !"ମୁଁ ଖୈବରରୁ ଫେରିବା ପରେ **ଇନ୍‌ଶାଅଲ୍ଲାଃ** ତୁମର ଋଣ ପରିଶୋଧ କରିଦେବି । କାରଣ ଅଲ୍ଲାଃତାଲା ନିଜର ପ୍ରିୟାବତାର ମୁହମ୍ମଦ୍ ସ.ଅଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସେ ହ. ମୁହମ୍ମଦ ସ.ଅଙ୍କୁ ଖୈବର୍ ଯୁଦ୍ଧରେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନସମ୍ପଦ) ପ୍ରଦାନ କରିଦେବେ । ଅବୁ ଶହ୍‌ମ୍ କ୍ରୋଧାନ୍ୱିତ ଓ ଇର୍ଷାନ୍ୱିତ ହୋଇ କହିଲା, ହେ ଅବି ହଦ୍‌ରଦ୍ ! କ'ଣ ତୁମେ ଏହା ଭାବୁଛ ଯେ ତୁମେ ଯେପରି ସାଧାରଣ ଆଦିବାସୀ ଓ ନିପଟ ମଫସଲ ବ୍ୟକ୍ତିମାନଙ୍କ ସହିତ ଯୁଦ୍ଧ କରୁଛ ସେହିପରି ତୁମେ ଖୈବର୍ ବାସୀଙ୍କ ସହିତ ଯୁଦ୍ଧ କରିନେବ । ଅବୁ ଶହ୍‌ମ୍ କହିଲା, ମୁଁ ତୌରାତ୍‌ର ରାଣ ଖାଇ କହୁଛି ! ସେଠାରେ 10,000 ଯୋଦ୍ଧା ଅଛନ୍ତି । ଏମାନେ ଦୁହେଁ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ନିଜର ସମସ୍ତ ପ୍ରସଙ୍ଗ ଉପସ୍ଥାପିତ କଲେ । ସେତେବେଳେ ଯୁଦ୍ଧ ପରିସ୍ଥିତି ଥିଲା । ଉକ୍ତ ଇହୁଦୀ ବ୍ୟକ୍ତି ଜଣକ ଈର୍ଷାନ୍ୱିତପୂର୍ବକ ଖୈବରର ଇହୁଦୀମାନଙ୍କ ସମର୍ଥନରେ କଥା କହି ଚାଲିଥିଲା ଏବଂ ଖୈବରର ଇହୁଦୀମାନଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ଭାବାବେଗ ବ୍ୟକ୍ତ କରି ଚାଲିଥିଲା ଓ ସେ ମୁସଲମାନ ସୈନ୍ୟବାହିନୀର ଉପହାସ କରୁଥିଲା। ନବୀ କରୀମ୍ ସ.ଅ ରାଜ୍ୟ ଶାସକ ଥିଲେ, ଆପଣ ସ.ଅ ଯଦି ଚାହିଁ ଥାଆନ୍ତେ ତେବେ ଆପଣ ସ.ଅ ସେହି ଇହୁଦୀକୁ ଦଣ୍ଡ ଦେଇପାରି ଥାଆନ୍ତେ । କିନ୍ତୁ ଆପଣ ସ.ଅ ଶୃଙ୍ଖଳା ରକ୍ଷାକାରୀ ଏବଂ ଧୈର୍ଯ୍ୟ, ସାହସ, ନ୍ୟାୟ ଓ ଧାର୍ମିକ ସହିଷ୍ଣୁତାର ଏକ ଆଦର୍ଶବାନ୍ ବ୍ୟକ୍ତି ଥିଲେ । ଅତଏବ୍ ଆପଣ ସ.ଅ ଅବି ହଦ୍‌ରଦ୍‌ଙ୍କୁ କହିଲେ, ହେ ଅବି ହଦ୍‌ରଦ୍! ଉକ୍ତ ଇହୁଦୀର ଅଧିକାର ଅର୍ଥାତ୍ ଯେଉଁ ଋଣ ତୁମେ ଉକ୍ତ ବ୍ୟକ୍ତି ଠାରୁ ନେଇଛ ତାହା ତୁମେ ପରିଶୋଧ କରିଦିଅ । ଇବ୍‌ନେ ଅବି ହଦ୍‌ରଦ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ଅବତୀର୍ଣ୍ଣ କରିଛନ୍ତି । ମୁଁ ବର୍ତ୍ତମାନ ଉକ୍ତ ଇହୁଦୀ ବ୍ୟକ୍ତି ଅର୍ଥାତ୍ ଅବୁ ଶହ୍‌ମ୍‌ର ଅଧିକାର (ଅବୁ ଶହ୍‌ମ୍‌ର ଋଣ ପରିଶୋଧ) କରିବାକୁ ସକ୍ଷମ ନୁହେଁ । ଆପଣ ସ.ଅ

କହିଲେ, ହେ ଅବି ହଦ୍‌ରଦ୍ ସେ ଯେମିତି ବି ହେଉ ! ତୁମେ ଉକ୍ତ ଇହୁଦୀ ବ୍ୟକ୍ତର ଋଣ ପରିଶୋଧ କରିଦିଅ । ଇବ୍‌ନେ ଅବି ହଦ୍‌ରଦ୍ ବର୍ଣ୍ଣନା କରନ୍ତି, ମୁଁ ନିଜ ମୁଣ୍ଡରେ ପିନ୍ଧିଥିବ ଅମାମା (ପଗଡ଼ି) ଓହ୍ଲାଇ ଅଣ୍ଟାରେ ବନ୍ଧା ହୋଇଥିବା ଚଦରକୁ ବଜାରରେ ବିକ୍ରି କରି ସେହି ଇହୁଦୀ ବ୍ୟକ୍ତି ଅର୍ଥାତ୍ ଅବୁ ଶହ୍‌ମ୍‌ର ଋଣ ପରିଶୋଧ କରିଦେଲି ଏବଂ ମୁଁ ଅନ୍ୟ ବସ୍ତ୍ର ପିନ୍ଧି ପକାଇଲି । ଏହି ଅନ୍ୟ ବସ୍ତ୍ର ଏକ ଚଦର ଥିଲା ଯାହାକୁ ସଲ୍‌ମା ବିନ୍ ଅସଲମ୍ କିମ୍ବା ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ବୃଦ୍ଧା ସାହାବିୟା ତାଙ୍କୁ ଦେଇଥିଲେ । ଯେତେବେଳେ ତା'କୁ ଅର୍ଥାତ୍ ଉକ୍ତ ବୃଦ୍ଧା ମହିଳାକୁ ସମସ୍ତ ଘଟଣା ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେହି ବୃଦ୍ଧା ମହିଳା ଜଣକ ନିଜର ଚଦରକୁ ଇବ୍‌ନେ ଅବି ହଦ୍‌ରଦ୍‌କୁ ଉପହାର ସ୍ୱରୂପ ଦେଇଦେଲେ । ଅଲ୍ଲାଃତାଲାଙ୍କ ବିଧାନ ଏପରି ହେଲା ଯେ, ଖୈବର୍ ଯୁଦ୍ଧରେ ଏହି ସାହାବି ଅର୍ଥାତ୍ ଇବ୍‌ନେ ଅବି ହଦ୍‌ରଦ୍ ର.ଅଙ୍କୁ ମାଲେ ଗନିମତ୍ ପ୍ରାପ୍ତ ହେଲା । ଉକ୍ତ ମାଲେ ଗନିମତ୍‌ରେ ଇବ୍‌ନେ ଅବି ହଦ୍‌ରଦ୍ ର.ଅଙ୍କୁ ଏକ ମହିଳା ପ୍ରାପ୍ତ ହେଲା ଯିଏ ସେହି ଅବୁ ଶହ୍‌ମ୍ ଇହୁଦୀର ସଂପର୍କୀୟା ଥିଲା ଏବଂ ପୁନଶ୍ଚ ସେହି ମହିଳାକୁ ଇବ୍‌ନେ ଅବି ହଦ୍‌ରଦ୍ ର.ଅ ସେହି ଇହୁଦୀ ଅର୍ଥାତ୍ ଇବ୍‌ନେ ଅବୁ ଶହ୍‌ମ୍‌କୁ ବିକ୍ରି କରିଦେଲେ ।"**(ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-4, ପୃ-373-374, ବଜମେ ଇକବାଲ୍, ଲାହୋର୍) (ଫତହ୍ ଖୈବର୍, ଲେଖକ-ବାଶମିଲ୍, ପୃ-68,ନଫିସ୍ ଏକାଡ଼େମୀ କରାଚୀ)**

ମୁସଲମାନମାନେ ଯେତେବେଳେ ଖୈବର୍ ଅଭିମୁଖେ ଅଗ୍ରସର ହେଲେ ଏବଂ ଉକ୍ତ ସୂଚନା ଯେତେବେଳେ ଇହୁଦୀଙ୍କ ପ୍ରାପ୍ତ ହେଲା ସେତେବେଳେ ଇହୁଦୀମାନେ ମୁସଲମାନମାନଙ୍କ ପ୍ରତି କେବଳ ବିଦ୍ୱେଷିଭାବ ଏବଂ ଶତ୍ରୁତା ପ୍ରଦର୍ଶନ କଲେ ନାହିଁ। ବରଂ ଅଶ୍‌ଜାଅ ସଂପ୍ରଦାୟର ଜଣେ ଦୁଇ ଜଣ ମଫସଲ୍ ବ୍ୟକ୍ତିକୁ ଭଡ଼ାରେ ଆଣି ସେମାନଙ୍କୁ ତୁରନ୍ତ ଖୈବର୍ ଆଡ଼କୁ ପ୍ରେରଣ କରିଦେଲେ । କାରଣ ସେହି ଭଡ଼ାରେ ଆସିଥିବା 2 ଜଣ ଇହୁଦୀମାନଙ୍କୁ ମୁସଲମାନମାନଙ୍କର ଖୈବର୍ ଅଭିମୁଖେ ଯୁଦ୍ଧ ପ୍ରସ୍ତୁତି ଏବଂ ଆବଶ୍ୟକୀୟ ତଥ୍ୟ ଆଣି ଦେବା ନିମନ୍ତେ ପ୍ରେରଣ କରାଯାଇଥିଲେ। ତତ୍‌ସହିତ ଇହୁଦୀମାନେ ଏହି ସନ୍ଦେଶ ମଧ୍ୟ ପ୍ରେରଣ କଲେ ଯେ, ସେମାନେ ମୁସଲମାନମାନଙ୍କର ନିର୍ଭୀକ ଭାବରେ ମୁକାବିଲା କରନ୍ତୁ । ମୁସଲମାନମାନଙ୍କୁ କୌଣସି ଗୁପ୍ତଚରର ଆବଶ୍ୟକ ନଥିଲା । କାରଣ ମଦିନାରେ ଉପସ୍ଥିତ ଥିବା କପଟବିଶ୍ୱାସୀମାନେ ଉକ୍ତ କାର୍ଯ୍ୟ ଅତ୍ୟନ୍ତ ଦ୍ରୁତ ଗତିରେ କରୁଥିଲେ । ସୁତରାଂ ଇତ୍ୟବସରରେ ମଧ୍ୟ କପଟବିଶ୍ୱାସୀଙ୍କର ଅଧିପତି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ନୀରବ ରହିଲା ନାହିଁ । ବରଂ ସେ ନିଜର ଏକ ସହାୟକ ବ୍ୟକ୍ତି ମାଧ୍ୟମରେ ଏକ ପତ୍ର ତୁରନ୍ତ ଖୈବର୍‌ର ଇହୁଦୀମାନଙ୍କ ଆଡ଼କୁ ପ୍ରେରଣ କଲା । ପତ୍ରରେ ଉଲ୍ଲିଖିତ ବିଷୟ ବସ୍ତୁ ଏହା ଥିଲା ଯେ, ମୁହମ୍ମଦ ସ.ଅ ତୁମମାନଙ୍କ ଆଡ଼କୁ ଆସୁଛନ୍ତି। ତୁମେମାନେ ନିଜର ଆତ୍ମ ରାକ୍ଷା ନିମନ୍ତେ ଯେଉଁ ଉପାୟ କରିପାରୁଛ କରିନିଅ ଏବଂ ନିଜର ଧନସମ୍ପତ୍ତିକୁ ଦୁର୍ଗ ମଧ୍ୟରେ ପ୍ରବିଷ୍ଟ କରାଇ ନିଅ । ହେ ଖୈବର୍‌ବାସୀ ! ତୁମେମାନେ ମୁହମ୍ମଦ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଯୁଦ୍ଧ ଭୂମିକୁ ବାହାରି ଆସ ଏବଂ ସେମାନଙ୍କୁ (ମୁସଲମାନମାନଙ୍କୁ) ଆଦୌ ଭୟ କର ନାହିଁ । ତୁମର ସଂଖ୍ୟା ବେଶ୍ ଅଧିକ ଅଟେ ଓ ମୁହମ୍ମଦ୍ ସ.ଅଙ୍କ ସଂଖ୍ୟା ସ୍ୱଳ୍ପ ଅଟେ । ମୁହମ୍ମଦଙ୍କ ନିକଟରେ ସ୍ୱଳ୍ପ ଅସ୍ତ୍ରଶସ୍ତ୍ର ରହିଛି । **(ସିରତୁଲ୍ ହଲବିୟାହ୍, ପ୍ରାମାଣ୍ୟ- ଫତହ୍ ଖୈବର୍, ଲେଖକ-ବାଶମିଲ୍, ପୃ-69, 72, ନଫିସ୍ ଏକାଡ଼େମୀ କରାଚୀ)**

ଏଥି ସଂକ୍ରାନ୍ତରେ ଯେତେବେଳେ ସେହି ଇହୁଦୀମାନଙ୍କୁ ଜ୍ଞାତ ହେଲା ସେତେବେଳେ ସେମାନେଙ୍କର ମାର୍ଗଦର୍ଶକଙ୍କର ଏକ ମିଟିଂ ବସିଲା । ଉକ୍ତ ମିଟିଂରେ ମତଭେଦ ହେବାର ଚର୍ଚ୍ଚା ମିଳେ । ମତଭେଦର ଚର୍ଚ୍ଚା ଏହିପରି ଯେ, ଖୈବର୍‌ର ଇହୁଦୀମାନଙ୍କୁ ମୁସଲମାନମାନଙ୍କ ସୈନ୍ୟବାହିନୀ ସଂପର୍କରେ ଯେତେବେଳେ ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ଏକ ମିଟିଂ କଲେ ଯହିଁରେ ଇସ୍‌ଲାମୀୟ ସୈନ୍ୟବାହିନୀର ମୁକାବିଲା କରିବା ନିମନ୍ତେ ପରାମର୍ଶ ଲୋଡ଼ା ହେଲା। ଉକ୍ତ ଯୁକ୍ତିତର୍କରେ ଇହୁଦୀମାନଙ୍କର ମାର୍ଗଦର୍ଶକଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରସ୍ତାବ ଆଗତ ହେଲା । ଦଳେ ଗୋଷ୍ଠୀଙ୍କର ମତ ଏହା ଥିଲା ଯେ, ଇହୁଦୀମାନେ ନିଜର ଦୁର୍ଗ ମଧ୍ୟରେ ନିଜକୁ ବନ୍ଦ ରଖି ଦୁର୍ଗର ପ୍ରାଚୀରର ପଛ ପଟୁ ଯୁଦ୍ଧ କରନ୍ତୁ । ଏହା ଦ୍ୱାରା ମୁସଲମାନମାନେ ଅତିଷ୍ଠ ହୋଇ ଦୁର୍ଗର ଘେରାଉ କରିବାର ଯେଉଁ ଯୋଜନା ରଖିଛନ୍ତି ତାହାକୁ ପରିତ୍ୟାଗ କରିଦେବେ । ଅପର ପକ୍ଷେ ଖୈବର୍‌ର ବିଖ୍ୟାତ ବୀର ମର୍‌ହବ୍‌ର ଭାଇ ଅବୁ ଜୈନବ୍ ଏହି ପ୍ରସ୍ତାବ ଦେଲା ଯେ, ଦୁର୍ଗ ବନ୍ଦ ହୋଇ ମୁକାବିଲା କରିବା ପରିବର୍ତ୍ତେ ବାହାରେ ଯୁଦ୍ଧଭୂମିରେ ବାହାରି ମୁକାବିଲା କରାଯିବା ଉଚିତ୍ । କାରଣ ଏହା ପୂର୍ବରୁ ମଦିନର ଇହୁଦୀମାନେ ଦୁର୍ଗ ମଧ୍ୟରେ ନିଜକୁ ବନ୍ଦ କରି ଯୁଦ୍ଧର ପିରଣାମ ଦେଖି ସାରିଛନ୍ତି ଓ ତହିଁରେ ମୁସଲମାନମାନେ ହିଁ ବିଜୟୀ ହୋଇଥିଲେ । କିନ୍ତୁ ପ୍ରଥମ ଗୋଷ୍ଠୀ ଉକ୍ତ ପ୍ରସ୍ତାବକୁ ଏହା କହି ରଦ୍ଦ କରିଦେଲା ଯେ, ଆମର ଦୁର୍ଗ ସେହି ଦୁର୍ଗମାନଙ୍କ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ମଜଭୁତ ଅଟେ । ସେହିପରି ତୃତୀୟ ପ୍ରସ୍ତାବ ଏହାଠୁ ବି ଅଧିକ ଅହଂକାରପୂର୍ବକ ଥିଲା । ଉକ୍ତ ପ୍ରସ୍ତାବ ଇହୁଦୀମାନଙ୍କ ସଂପର୍କରେ ଅତ୍ୟନ୍ତ ସାହସିକତା ଏବଂ ବୀରତ୍ୱପୂର୍ଣ୍ଣ ଥିଲା । ଉକ୍ତ ପ୍ରସ୍ତାବ ଖୈବର୍‌ର ସୈନ୍ୟବାହିନୀର ସେନାପତି ସଲ୍ଲାମ ବିନ୍ ମିଶ୍‌କମ୍ ପକ୍ଷରୁ ଥିଲା। ସଲ୍ଲାମ୍‌ର କହିବା କଥା ଆମେମାନେ ସ୍ୱୟଂ ମଦିନା ଉପରେ ଆକ୍ରମଣ କରିଦେବୁ ଏବଂ ନିଜର ସମସ୍ତ ସାଥିମାନଙ୍କ ସହିତ ମିଶି ମୁସଲମାନମାନଙ୍କୁ ସମାପ୍ତ କରିଦେବୁ। ସଂଖ୍ୟା ଗରିଷ୍ଠ ଇହୁଦୀମାନେ ସଲ୍ଲାମ ବିନ୍ ମିଶ୍‌କମ୍‌ର ଉକ୍ତ ମତ ସହିତ ଏକମତ ହେଲେ । କିନ୍ତୁ ଖୈବର୍‌ର ସର୍ବ ବୃହତ୍ ଅଧିପତି କିନାନା ବିନ୍ ଅବି ଅଲ୍ ହୁକୈକ୍ ଉକ୍ତ ମତର ବିରୋଧ କଲା ଏବଂ କହିଲା, ଆମମାନଙ୍କର ଦୁର୍ଗ ୟସରିବ୍‌ର ଦୁର୍ଗ ୟସ୍‌ରିବ୍ (ମଦିନାର ପୂର୍ବ ନାମ) ଦୁର୍ଗମାନଙ୍କର ପରି ନୁହଁ । ସଲ୍ଲାମ୍ ବିନ୍ ମିଶ୍‌କମ୍‌ର ଅହଂକାରର ଅବସ୍ଥା ଏପରି ଥିଲା ଯେ, ସେ କହିବାକୁ ଲାଗିଲା ଯେ, ମୁହମ୍ମଦ (ସ.ଅ) କେବେ ବି ଆମ ଆଡ଼କୁ ଆସିବା ନିମନ୍ତେ ସାହସ କରିବେ ନାହିଁ । କିନ୍ତୁ ସମସ୍ତ ମାର୍ଗଦର୍ଶକମାନେ ଉକ୍ତ କଥା ଉପରେ ସମ୍ମତି ପ୍ରକାଶ କଲେ ଯେ, ଏକ ପ୍ରତିନିଧି ମଣ୍ଡଳ ପ୍ରସ୍ତୁତ କରି ଆଖପାଖର ବୀର ଯୋଦ୍ଧା ସଂପ୍ରଦାୟ ଆଡ଼କୁ ପ୍ରେରଣ କରାଯାଉ । କାରଣ ସେମାନାଙ୍କ ଠାରୁ ସୈନ୍ୟ ସାହାଯ୍ୟ ପ୍ରାପ୍ତ ନିମନ୍ତେ ଅନୁରୋଧ କରାଯାଉ ।

ଅତଏବ୍ 14 ଜଣ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧିମଣ୍ଡଳ ପ୍ରସ୍ତୁତ ହେଲା । କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ପ୍ରତିନିଧିମଣ୍ଡଳର ନେତୃତ୍ୱ ଖୈବର୍‌ର ମହାଧିପତି କିନାନା ନିଜେ କରୁଥିଲା । ଉକ୍ତ ପ୍ରତିନିଧିମଣ୍ଡଳ ବନୁ ଅସଦ୍, ଗତ୍‌ଫାନ୍ ଏବଂ ଅନ୍ୟାନ୍ୟ ସଂପ୍ରଦାୟର ଆଡ଼କୁ ଗଲା ଏବଂ ଖୈବର୍ ଭୂମିରୁ ଉତ୍ପନ୍ନ ଶସ୍ୟର ଅର୍ଦ୍ଧଭାଗ ଦେବ ବୋଲି କହିଲା ଏବଂ ଏହା ବଦଳରେ ତା'କୁ ସୈନ୍ୟ ସାହାଯ୍ୟ କରିବାକୁ ପଡ଼ିବ ବୋଲି ସେ ଅନୁରୋଧ କଲା । ବନୁ ମୁରାହ୍ ସଂପ୍ରଦାୟ ଦୂରଦର୍ଶୀ ପରିଣାମକୁ ବିନିଯୋଗ କରି ଏପରି ସାହାଯ୍ୟ କରିବାକୁ ପ୍ରତ୍ୟାଖ୍ୟାନ କରିଦେଲା । କିନ୍ତୁ ବନୁ ଅସଦ୍ ସଂପ୍ରଦାୟ ବନୁ ଗତ୍‌ଫାନ୍ ସଂପ୍ରଦାୟ ପରି 1000 ସଂଖ୍ୟା ସଶସ୍ତ୍ରଧାରୀ ଯୋଦ୍ଧା ବିଶିଷ୍ଟ ସୈନ୍ୟବାହିନୀକୁ ତ' ତୁରନ୍ତ ପଠାଇଦେଲା ଏବଂ 4000 ସୈନ୍ୟବାହିନୀର ଅତିରିକ୍ତ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପ୍ରସ୍ତୁତି ଆରମ୍ଭ କରିଦେଲା । **(ଫତହ୍ ଖୈବର୍, ଲେଖକ-ବାଶମିଲ୍, ପୃ-77-75, ନଫିସ୍ ଏକାଡ଼େମୀ କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହାର ବିସ୍ତୃତ ବିବରଣୀ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି । ପ୍ରଥମ ଯେଉଁ ମୃତକଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ମଣ୍ଡି ବାହଉଦ୍ଦୀନ୍‌ର ଅଧିବାସୀ ମୁହମ୍ମଦ ବଖ୍‌ଶ୍ ସାହେବଙ୍କ ସୁପୁତ୍ର ସ୍ୱର୍ଗତ ମୁହମ୍ମଦ ଅଶ୍ରଫ୍ ସାହେବ । ସ୍ୱର୍ଗତ ମୁହମ୍ମଦ ଅଶ୍ରଫ୍ ସାହେବଙ୍କର ବିଗତ ଦିନରେ ପ୍ରଭୁଙ୍କ ଲିଖିତ ବିଧାନ ଅନୁଯାୟୀ ବିୟୋଗ ହୋଇ ଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ ସ୍ୱର୍ଗତ ମୁହମ୍ମଦ୍ ଅଶ୍ରଫ୍ ସାହେବଙ୍କର ତିନି ଜଣ କନ୍ୟା ସନ୍ତାନ ଏବଂ 6 ଜଣ ପୁତ୍ର ସନ୍ତାନ ଅଛନ୍ତି । ତାଙ୍କର ସୁପୁତ୍ର କାଶିଫ୍ ଜାୱେଦ୍ ସାହେବ ଆଜିକାଲି ସେନିଗାଲ୍ ଠାରେ କାଏମ୍ ମକାମ୍ (ପ୍ରତିଷ୍ଠାନିକ) ମିଶ୍‌ନାରୀ ଇନ୍‌ଚାର୍ଜ ଓ ଅମୀର ଜମାଅତ୍ ରୂପେ ଦାୟିତ୍ୱ ତୁଲାଉଛନ୍ତି । ଏହି କାରଣରୁ ଆପଣ ନିଜ ପିତାଶ୍ରୀଙ୍କ ଯନାଜାଃ (ଅନ୍ତିମ ସଂସ୍କାର)ରେ ସାମିଲ୍ ହୋଇ ପାରି ନାହାନ୍ତି ।

ତାଙ୍କର ଏହି ମୁବଲ୍ଲିଗ୍ ସିଲସିଲା ତଥା ସୁପୁତ୍ର କାଶିଫ୍ ଜାୱେଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ବିନୀତଙ୍କ ପିତାଶ୍ରୀ ଅତ୍ୟନ୍ତ ସରଳ, ପୁଣ୍ୟବାନ ସ୍ୱଭାବ, ଈଶ୍ୱରଭୀରୁ ଅସ୍ତିତ୍ୱଟିଏ ଥିଲେ । ଅହେମଦିୟତ୍ ଏବଂ ଖିଲାଫତ୍‌କୁ ଆପଣ ବହୁତ ଭଲ ପାଉଥିଲେ। ନିଜର ବଂଶରେ ଆପଣ ଏକୁଟିଆ ଅହେମଦି ଥିଲେ । ସେ ଅନେକ ସମୟରେ ଏହା କହୁଥିଲେ ଯେ, ଆମେମାନେ ଯାହା କିଛି ପାଇଛୁ ତାହା ଅହେମଦିୟତ୍ ଯୋଗୁଁ ପାଇଛୁ । ସେ ସର୍ବଦା ନିଜର ସନ୍ତାନମାନଙ୍କୁ ଉପଦେଶ ଦେଉଥିଲେ ଯେ, ସେମାନେ ସର୍ବଦା ଅହେମଦିୟତ୍ ଓ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରୁହନ୍ତୁ । ତାଙ୍କର ଦଦା ମୁହମ୍ମଦ୍ ଆଜମ୍ ସାହେବ, 1968 ମସିହାରେ ସର୍ଗୋଧା ସ୍ଥିତ ଏକ ଗ୍ରାମ ରହିଛି ସେହି ଗ୍ରାମର ନାମ ଭାବ୍‌ଡ଼ା ଅଟେ । ସେଠାରୁ ଆପଣ ବୈଅତ୍ କରିଥିଲେ ଏବଂ ସେତେବେଳେ ମୋର ପିତାଶ୍ରୀ ମଧ୍ୟ ଅହେମଦି ହୋଇ ଯାଇଥିଲେ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ପୁନଶ୍ଚ ମାତାଶ୍ରୀଙ୍କ ପକ୍ଷରୁ ଏକମାତ୍ର ଭାଇଥିଲେ ଯିଏ ଅହେମଦି ହୋଇଥିଲେ । ମ୍ୟାଟ୍ରିକ ପରୀକ୍ଷା ପରେ ଆପଣ ଗ୍ରାମ ଛାଡ଼ି ମଣ୍ଡି ବାହାଉଦ୍ଦୀନ୍ ସ୍ଥିତ ତାଙ୍କ ଶୁଗାର୍ ମିଲ୍ (ଚିନିକଳ)ରେ ଚାକିରୀ କଲେ ଏବଂ ଶେଷ ପର୍ଯ୍ୟନ୍ତ ସେହିଠାରେ ହିଁ ଅର୍ଥାତ୍ ମଣ୍ଡି ବାହଉଦ୍ଦୀନ୍ ଠାରେ ରହିଥିଲେ । ସେ ବୟସ୍କ ଏବଂ ପରିଣତ ବୟସରେ ପବିତ୍ର କୁର୍‌ଆନ୍ କରୀମ୍ ଶିଖିଲେ । ପୁନଶ୍ଚ ଏତେ ପରିଶ୍ରମ ଓ ପ୍ରେମର ସହକାରେ ପାଠ ପଢ଼ିଲେ ଯେ, ପ୍ରତ୍ୟେକ ମାସରେ ଥରେ କିମ୍ବା ଦୁଇ ଥର ନିଶ୍ଚିତ ରୂପେ ପବିତ୍ର କୁର୍‌ଆନ୍ କରୀମ୍ ସମାପ୍ତ କରି ନେଉଥିଲେ।

ରମ୍‌ଜାନ ମାସରେ ଦୁଇ ତିନି ଥର ପବିତ୍ର କୁରଆନ୍ କରୀମ୍ ସମାପ୍ତ କରୁଥିଲେ। ଅଭାବି ଏବଂ ଦରିଦ୍ର ବ୍ୟକ୍ତିମାନଙ୍କୁ ବିଶେଷ ରୂପେ ସାହାଯ୍ୟ କରୁଥିଲେ । ଯିଏ ବି ତାଙ୍କ ନିକଟକୁ ଆସୁଥିଲା ଆପଣ ତାହାକୁ ଶୂନ୍ୟହସ୍ତରେ ଫେରାଉ ନଥିଲେ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ମୁହମ୍ମଦ ଅଶ୍ରଫ୍ ସାହେବ କହୁଥିଲେ ଯେ, ଅଲ୍ଲାଃତାଲା ଆମମାନଙ୍କ ଉପରେ ଯାହାକିଛି କୃପା କରୁଛନ୍ତି ଏହା ତୁମର ୱକ୍‌ଫ୍‌ର କଲ୍ୟାଣ ଯୋଗୁଁ ସମ୍ଭବ ହୋଇଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମୁହମ୍ମଦ୍ ଅଶ୍ରଫ୍ ସାହେବଙ୍କର ଆଉ ଜଣେ ପୁତ୍ର କୁହନ୍ତି ଯେ, ମୁଁ ବିଗତ କିଛି ବର୍ଷ ଧରି ସେକ୍ରେଟାରୀ

ମାଲ୍ ଅଛି ଏବଂ ସର୍ବଦା ପିତାଶ୍ରୀଙ୍କୁ ନିୟମିତ ରୂପେ ଚାନ୍ଦା ଦେଉଥିବିରା ଦେଖୁଥିଲି। ପିତାଶ୍ରୀଙ୍କୁ ଯେତେବେଳେ ବି ପେନସନ୍ ମିଳୁଥିଲେ ସେତେବେଳେ ପିତାଶ୍ରୀ ଏହି ଉଦ୍ୟମ କରୁଥିଲେ ଯେ, ସେ ସମଗ୍ର ବର୍ଷର ଚାନ୍ଦା ଏକାଥରେ ପୈଠ କରି ଦିଅନ୍ତୁ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ତାଙ୍କୁ ଏହି ଚିନ୍ତା ରହୁଥିଲା ଯେ, ମୋର ଚାନ୍ଦା ପୈଠ ହୋଇଯାଇଛି ଅବା ନୁହେଁ ? ପ୍ରତ୍ୟୁତ୍ତରରେ ସେ ମୃତ୍ୟୁ ସମୟରେ କୃତଜ୍ଞତା ଜ୍ଞାପନ କରିଥିଲେ ଯେ, ଯାହା ହେଉ ଅଲ୍ଲାଃତାଲା ମୋତେ ମୋର ସମସ୍ତ ଚାନ୍ଦା ପୈଠ କରିବାରେ ମୋତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସମସ୍ତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି କେନିୟାର ଦ୍ୱିତୀୟ ଅମୀର୍ ସାହେବ ମୁହମ୍ମଦ୍ ହବିବ୍ ଶାସ୍ତ୍ରୀ ସାହେବଙ୍କର ସୁପୁତ୍ର ସ୍ୱର୍ଗତ ହବିବ୍ ମୁହମ୍ମଦ୍ ଶାସ୍ତ୍ରୀ ସାହେବଙ୍କର । ବିଗତ ଦିନରେ 56 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ସ୍ୱର୍ଗତ ହବିବ୍ ମୁହମ୍ମଦ ଶାସ୍ତ୍ରୀ ସାହେବ ଓସିୟତ୍‌କାରୀ ବ୍ୟକ୍ତି ଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ଅଭିଭାବକଙ୍କ ବ୍ୟତୀତ ପତ୍ନି ଓ ତିନି ଜଣ ସନ୍ତାନ ଅନ୍ତର୍ଭୁକ୍ତ ଅଛନ୍ତି ।

କେନିୟାର ଅମୀର୍ ଜମାଅତ୍ ନାସିର୍ ମେହ୍‌ମୁଦ୍ ତାହିର୍ ସାହେବ କୁହନ୍ତି ଯେ, ତାଙ୍କର ପିତୃପୁରୁଷଙ୍କର ସଂପର୍କ ୟମନ୍ ସହିତ ଥିଲା ଏବଂ ତାଙ୍କର ପିତାଶ୍ରୀ ହବିବ୍ ଶାସ୍ତ୍ରୀ ସାହେବ ଅଗଷ୍ଟ ମାସରେ 1942 ମସିହାରେ ବୈଅତ୍ କରିଥିଲେ। ଆପଣ ଜଣେ ନୈଷ୍ଠିକ ଅହେମଦି ଥିଲେ ଏବଂ ସ୍ୱର୍ଗତ ମୁହମ୍ମଦ ହବିବ୍ ଶାସ୍ତ୍ରୀ ସାହେବ ହବିବ୍ ମୁହମ୍ମଦ୍ ଶାସ୍ତ୍ରୀ ସାହେବଙ୍କର ଜ୍ୟୋଷ୍ଠ ପୁତ୍ର ଥିଲେ । ପିତାଶ୍ରୀଙ୍କ ବୈଅତ୍‌ର କିଛି କାଳ ପରେ ସେ ମଧ୍ୟ ବୈଅତ୍ କରି ନେଇଥିଲେ ଏବଂ ବୈଅତ୍‌ର ଅଙ୍ଗୀକାରକୁ ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ୍ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ପାଳନ କରିଥିଲେ । ସେ ପ୍ରାଥମିକ ଶିକ୍ଷା ମୁମ୍ବାସାରୁ ପ୍ରାପ୍ତ କରିଥିଲେ । ଆପଣ ଅତ୍ୟନ୍ତ ଯୋଗ୍ୟ ଏବଂ ଦକ୍ଷ ବିଦ୍ୟାର୍ଥୀ ଥିଲେ । ବିଦ୍ୟାଳୟ ପକ୍ଷରୁ ତାଙ୍କୁ କିଛି କାଳ ପାଇଁ ଫ୍ରାନ୍‌ସ୍‌କୁ ମଧ୍ୟ ଶିକ୍ଷା ନିମନ୍ତେ ପ୍ରେରଣ କରାଯାଇଥିଲା । ସର୍ବଦା ଖଲିଫାମାନଙ୍କ ସହିତ ସାକ୍ଷାତ୍‌ର ଘଟଣା ତଥା ଅନୁଭୂତିକୁ ନିଜ ଜୀବନର ସର୍ବୋତ୍ତମ ଘଟଣାବଳୀ ରୂପେ ବର୍ଣ୍ଣନା କରୁଥିଲେ । ଆପଣ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କୁ ମଧ ଭେଟିଥିଲେ ଏବଂ ମୋତେ (ଖଲିଫା ଖାମିସ୍ ଅ.ବଙ୍କୁ) ମଧ୍ୟ ସାକ୍ଷାତ୍ କରିଥିଲେ । ସେ ବିଭିନ୍ନ ରଙ୍ଗରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ମୃତ୍ୟୁ ସମରେ ମଧ ଜାତୀୟ ଶିକ୍ଷା ସେକ୍ରେଟାରୀ ଏବଂ କେନିୟାର ନାଏବ୍ ଅମୀର୍ ରୂପେ ସେବା କରିବାକୁ ସାମର୍ଥ୍ୟ ପାଉଥିଲେ ।

ସେ କୁହନ୍ତି ଯେ, ମୁଁ ସ୍ୱର୍ଗତ ହବିବ୍ ମୁହମ୍ମଦ୍ ଶାସ୍ତ୍ରୀ ସାହେବଙ୍କୁ ଦୀର୍ଘ 20 ବର୍ଷରୁ ଉର୍ଦ୍ଧ୍ୱ କାଳ ହେଲା ଜାଣିଛି । ଆପଣ ଉତ୍ସର୍ଗୀକୃତ ଜୀବନମାନଙ୍କୁ ସମ୍ମାନ ଜଣାଉଥିଲେ ଏବଂ ପୁନଶ୍ଚ ଯେଉଁ କାର୍ଯ୍ୟ ମଧ୍ୟ ସେମାନଙ୍କ ଉପରେ ନ୍ୟସ୍ତ କରାଯାଉଥିଲା ତାହାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହିତ ସମ୍ପାଦନ କରୁଥିଲେ । ତାଙ୍କୁ କେବେ ସ୍ମରଣ କରାଇବାର ଆବଶ୍ୟକତା ପଡୁ ନଥିଲା । ନମାଜ୍‌ର ନିୟମାନୁବର୍ତ୍ତୀ, ଅଲ୍ଲାଃତାଲାଙ୍କ ଧର୍ମପୀଠ ଏବଂ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମାର ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଧ୍ୟାନ ରଖୁଥିଲେ । ଚାନ୍ଦା ନିୟମିତ ରୂପେ ପୈଠ କରୁଥିଲେ । ଆପଣ ଅତ୍ୟନ୍ତ ଉତ୍ତମ ଆଚରଣର ଅଧିକାରୀ ଥିଲେ । ଆପଣ ଅଭିଭାବଙ୍କର ଆଜ୍ଞାନୁବର୍ତ୍ତୀ ଏବଂ କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ଥିଲେ । ସାନ ଭାଇ ଭଉଣୀମାନଙ୍କର ମଧ୍ୟ ଆପଣ ଦାୟିତ୍ୱ ତଥା କର୍ତ୍ତବ୍ୟ ନିର୍ବାହ କରୁଥିଲେ । ସ୍ୱଷ୍ଟ ମତପ୍ରଦାନକାରୀ, ନିଷ୍ଠାବନ୍ ବ୍ୟକ୍ତି ଓ ଜଣେ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ବଡ଼ ବଡ଼ କମ୍ପାନୀମାନଙ୍କରେ ସର୍ବୋଚ୍ଚ ପଦ ଉପରେ ଆପଣ ଆସୀନ ରହିଥିଲେ । ଅଲ୍ଲାଃତାଲା ତାଙ୍କୁ ଆର୍ଥିକ୍ ସ୍ୱଚ୍ଛଳତା ମଧ୍ୟ ପ୍ରଦାନ କରିଥିଲେ। ସାଂସାରିକ ଦୃଷ୍ଟିରୁ ଜଣେ ଭଲ ବ୍ୟବସାୟୀ, ରାଜନୀତିଜ୍ଞ ଏବଂ ସରକାରୀ ଓ ଧାର୍ମିକ ଗୋଷ୍ଠୀ ତଥା ବ୍ୟକ୍ତି ବିଶେଷଙ୍କ ସହିତ ସଂପର୍କରେ ରଖୁଥିଲେ । କିନ୍ତୁ ଆପଣ କେବେ ବି ନିଜର ଅହେମଦିୟତ୍‌କୁ ଲୁଚାଇଲେ ନାହିଁ । ବରଂ ପରିପ୍ରକାଶ କରି ତବ୍‌ଲିଗ୍ କରି ଦେଉଥିଲେ । ଏହି କାରଣ ଥିଲା ଯେ, ଆପଣଙ୍କ ଅନ୍ତିମ ସଂସ୍କାରରେ ଅସଂଖ୍ୟା ମୁମ୍ବାସାର ସର୍ବୋଚ୍ଚ ସରକାରୀ, ବ୍ୟବସାୟୀ, ରାଜନୈତିକ ଓ ସାମାଜିକ ବ୍ୟକ୍ତିବିଶେଷମାନେ ସାମିଲ୍ ହୋଇଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କର ସମସ୍ତ ମୃତକ ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ତଥା ସାହସ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟ ଅନୁବୀ ମଦେଙ୍ଗୋ (Anubi Madengu) ସାହେବଙ୍କର । ଆପଣ ଜିମ୍ବାୱେର ଏକ ଜମାଅତ୍‌ର ସଦର୍ ଜମାଅତ୍ ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅନୁବୀ ସାହେବଙ୍କର ସୁପୁତ୍ର ୟୁସୁଫ୍ ଅନୁବୀ ସାହେବ ଜିମ୍ବାୱେ ଜମାଅତର ସଦର୍ (ସଭାପତି) ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ସେ ପ୍ରାରମ୍ଭିକ ବୟସରେ ହିଁ ସୁନ୍ନୀ ମୁସଲମାନ ଥିଲେ ଏବଂ ପ୍ରାରମ୍ଭରୁ ସେ ଜମାଅତ୍ ଅହେମଦିୟା ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରୁଥିଲେ । କିନ୍ତୁ ଇସ୍‌ଲାମ୍ ଧର୍ମ ପ୍ରତି ଥିବା ପ୍ରେମ ତାଙ୍କ ହୃଦୟରେ ବିଦ୍ୟମାନ ଥିଲା । ଅନୁବୀ ମଦେଙ୍ଗୋ ସାହେବ ପ୍ରଥମେ ମଲାୱୀ ଠାରେ ରହୁଥିଲେ । ଆପଣ ସେଠାରେ ଯେତେବେଳେ ରହୁଥିଲେ ସେତେବେଳେ ଲୋକମାନେ ତାଙ୍କପ୍ରତି ବିରୋଧ ପ୍ରଦର୍ଶନ କରୁଥିଲେ । ଏତଦ୍‌ପରେ ଆପଣ ଜିମ୍ବାୱେକୁ ସ୍ଥାନାନ୍ତରିତ ହୋଇଗଲେ । ତେବେ ଏଠାକୁ ଆସି ଇସ୍‌ଲାମ୍ ଧର୍ମକୁ ଭଲ ପାଇବା ହେତୁ ସେ ନିଜର ଆଖାପାଖରେ ଥିବା ଲୋକମାନଙ୍କୁ ଏକତ୍ରିତ କଲେ ଏବଂ ସେ ଯେଉଁ ଅଞ୍ଚଳରେ ରହୁଥିଲେ ସେଠାରେ ବାଜମାଅତ୍ ନାମଜ୍ ପାଠର ବ୍ୟବସ୍ଥା କଲେ । ତାଙ୍କ ମନରେ ଏହି ଆକାଂକ୍ଷା ଥିଲା ଯେ, ମୁଁ ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତି ହେବି । ସେ ଯାହା ହେଉ ପରବର୍ତ୍ତୀ ସମୟରେ ସେ ଜମାଅତ୍ ସହିତ ଯୋଗାଯୋଗ କଲେ । ଆମର ମୁବଲ୍ଲିଗ୍ ସାହେବ ସମିଉଲ୍ଲାଃ ସାହେବଙ୍କ ସହିତ ତାଙ୍କର ବିସ୍ତୃତ ବିତର୍କ ହେଲା ଏବଂ ପରିଶେଷରେ ସେ ଅହେମଦିୟତ୍ ସ୍ୱୀକାର କରିନେଲେ ଏବଂ ନିଜ ଅଞ୍ଚଳରେ ଆପଣ ପ୍ରଥମେ ଅହେମଦି ଥିଲେ । ଅହେୟଦିୟତ୍ ସ୍ୱୀକାର କରିବା ପରେ ତାଙ୍କର ବିରୋଧ ମଧ୍ୟ ହେଲା ଏବଂ ସେ ଯେଉଁ ଲୋକମାନଙ୍କୁ ଏକତ୍ରିତ କରିଥିଲେ ସେହି ଲୋକମାନେ ହିଁ ମହୋଦୟଙ୍କୁ ଛାଡ଼ି ଦେଲେ । ସେମାନେ ମଦେଙ୍ଗୋ ସାହେବଙ୍କ ପ୍ରତି କଠୋରତା ମଧ୍ୟ ପ୍ରଦର୍ଶନ କଲେ । ଯେତେବେଳେ ସେମାନେ ମଦେଙ୍ଗୋ ସାହେବଙ୍କ ପ୍ରତି କଠୋରତା ପ୍ରଦର୍ଶନ କଲେ ସେତେବେଳେ ମଦେଙ୍ଗୋ ସାହେବ ଲୋକମାନଙ୍କୁ ବାଜମାଅତ୍ ନମାଜ୍ ପାଠ ପାଇଁ ଯେଉଁ ନମାଜ ସେଣ୍ଟର ନିର୍ମାଣ କରାଇଥିଲେ ତାହାକୁ ମଧ୍ୟ ଆପଣ ପରିତ୍ୟାଗ (ଛାଡ଼ି) କରିଦେଲେ। ଆପଣ ନିଜର ଘରଲୋକଙ୍କ (ପରିବାର ବର୍ଗଙ୍କ ସହିତ) ନିଜ ଘରେ ନମାଜ ଓ ଜୁମା ନମାଜ ପାଠ କରିବା ଆରମ୍ଭ କରିଦେଲେ । ସେ ଯାହା ହେଉ ମଦେଙ୍ଗୋ ସାହେବ ଧୈର୍ଯ୍ୟହରା ହେଲେ ନାହିଁ । ଲୋକମାନଙ୍କୁ ତବ୍‌ଲିଗ୍ କରି ଚାଲିଲେ ଏବଂ ଅନେକ ଲୋକ ତାଙ୍କର ସନ୍ଦେଶକୁ ଶୁଣିଲେ, ଜମାଅତ୍ ଅହେମଦିୟାର ବାର୍ତ୍ତାକୁ ଶୁଣିଲେ ଓ ମଦେଙ୍ଗୋ ସାହେବଙ୍କ ମାଧ୍ୟମରେ ହିଁ ଜମାଅତରେ ସାମିଲ ହୋଇଗଲେ । ସ୍ୱର୍ଗତ ମଦେଙ୍ଗୋ ସାହେବ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ଅନେକ ଲୋକ ଆପଣଙ୍କୁ ଦେଖି ଜମାଅତ୍‌ରେ ସାମିଲ୍ ହେଲେ । ମଦେଙ୍ଗୋ ସାହେବ ନିଜେ ଆର୍ଥିକ ବଳିଦାନ କରି ଏକ ଜମି କ୍ରୟ (କିଣିଲେ) କଲେ । ଉକ୍ତ ଜମିରେ ଆଜି ଜିମ୍ବାୱେର ପ୍ରଥମ ମସ୍‌ଜିଦ୍ ନିର୍ମାଣ ହୋଇଛି । ମଦେଙ୍ଗୋ ସାହେବଙ୍କର ଏହି ଇଚ୍ଛା ଓ ଅଭିଳାଷା ରହିଥିଲା ଯେ, ମୋ ଜୀବନରେ ହିଁ ଉକ୍ତ ମସ୍‌ଜିଦ୍ ନିର୍ମାଣ ହୋଇଯାଉ । କିନ୍ତୁ ତାଙ୍କ ଜୀବନରେ ମସଜିଦ୍ ନିର୍ମାଣ ହୋଇ ପାରି ନଥିଲା । କିନ୍ତୁ ବର୍ତ୍ତମାନ ଉକ୍ତ ମସ୍‌ଜିଦ୍‌ଟି ନିର୍ମାଣ ହେଉଅଛି । ଆପଣ ଜଣେ ବିଶ୍ୱସ୍ତ ବ୍ୟକ୍ତି, ସ୍ୱଷ୍ଟ କଥନକାରୀ, ସନ୍ତକ ରକ୍ଷକ ବ୍ୟକ୍ତି ଥିଲେ । ଲୋକମାନଙ୍କ ମଧ୍ୟରେ ସମସ୍ୟାର ସମାଧାନ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣ ଢଙ୍ଗରେ କରୁଥିଲେ । ସଦର୍ ଜମାଅତ ରୂପେ ମନୋନୀତ ହେବା ପୂର୍ବରୁ ଅନେକ ଲୋକମାନେ ଆପଣଙ୍କ ଉପରେ ଭରସା କରୁଥିଲେ । ଆପଣ ମଧ୍ୟ ବ୍ୟକ୍ତିଗତ ସାଧନ (ଅର୍ଥ) ଦ୍ୱାରା ଅଭାବି ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ଆପଣଙ୍କ ଘର ସର୍ବଦା ଅତିଥିମାନଙ୍କ ଦ୍ୱାରା ପରିପୂର୍ଣ୍ଣ ରହୁଥିଲା । ଏତଦ୍‌ପରେ ଜମାଅତ୍ ସହିତ ଆପଣଙ୍କର ଗଭୀର ସଂପର୍କ ଥିଲା । ଆପଣ ପ୍ରତ୍ୟେକ ବ୍ୟକ୍ତିକୁ ଜମାଅତ୍ ସହିତ ସଂଶ୍ଳୀଷ୍ଟ ରଖିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ସ୍ୱର୍ଗତଙ୍କ ଶୋକ ସନ୍ତପ୍ତ ପରିବାର ମଧ୍ୟରେ 8 ଜଣ ସନ୍ତାନ ଅଛନ୍ତି ଏବଂ ଆପଣଙ୍କ ସୁପୁତ୍ର ଜିମ୍ବାୱେ ଜମାଅତ୍‌ର ସଦର୍ ଅଟନ୍ତି ଓ କାସିମ୍ ଅନୁବୀ ସାହେବ ନାମକ ତାଙ୍କର ଜଣେ ନାତି ଅଟନ୍ତି ଯେକି ଜିମ୍ବାୱେର୍ କେନ୍ଦ୍ରୀୟ ମୁବଲ୍ଲିଗ ଅଟନ୍ତି । ଏହି ନାତି ଅର୍ଥାତ୍ କାସିମ୍ ଅନୁବୀ ସାହେବ ଯାମିୟା ଅହମଦିୟାରୁ ଶିକ୍ଷା ପ୍ରାପ୍ତ କିରଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠ ପୁରରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କ ବଂଶରେ ଜମାଅତ୍‌ର ଶିକ୍ଷା ସଦା ସର୍ବଦା ଜାରି ରହୁ ଏବଂ ଏମାନେ ସର୍ବଦା ପୁଣ୍ୟ କର୍ମ ସମ୍ପାଦନ କରୁ ଥାଆନ୍ତୁ । **ଆମିନ୍ । (ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 21 ଫେବୃଆରୀ 2025 ମସିହା, ପୃ-2-6)** ☆ ☆ ☆

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ

ପାରିବ ନାହିଁ । ଏହା କ'ଣ ପ୍ରମାଣ ହୋଇ ପାରିବ ଯେ, ଆଁହଜରତ ସ.ଅ ଯଦି ଈଶ୍ୱରଙ୍କ ଉପରେ ମିଥ୍ୟା ରଚନା କରି ଥାଆନ୍ତେ ତେବେ ଆପଣ ସ.ଅଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଇ ଥାଆନ୍ତା। ଏହା ଦ୍ୱାରା ସମସ୍ତ କାମ ବିଗିଡ଼ି ଯାଇ ଥାଆନ୍ତା । କିନ୍ତୁ ଯଦି ଅନ୍ୟ କୌଣସି ବ୍ୟକ୍ତି ପ୍ରଭୁଙ୍କ ଉପରେ ମିଥ୍ୟା ରଚନା କରି ଥାଆନ୍ତା ତେବେ ସେପରିପ୍ରେକ୍ଷୀରେ ଈଶ୍ୱର ସେହି ବ୍ୟକ୍ତି ଉପରେ ରୁଷ୍ଟ ହୁଅନ୍ତେ ନାହିଁ ବରଂ ସେହି ବ୍ୟକ୍ତିକୁ ଭଲ ପାଇ ଥାଆନ୍ତେ ଓ ତା'କୁ ଈଶ୍ୱର ଆଁହଜରତ ସ.ଅଙ୍କ ଅପେକ୍ଷା ଅଧିକ ସମୟ ଦେବେ ତଥା ସେହି ବ୍ୟକ୍ତିକୁ ପ୍ରଭୁ ସାହାଯ୍ୟ ଓ ସମର୍ଥନ କରିବେ । ଅତଏବ୍ ଉକ୍ତ ପ୍ରସଙ୍ଗର ନାମ ପ୍ରମାଣ ତ' ରଖିବା ଉଚିତ୍ ନୁହଁ ବରଂ ଏହା ତ' ଏକ ଦାବି ଅଟେ ଯାହାକି ସ୍ୱୟଂ ପ୍ରମାଣକୁ ଆବଶ୍ୟକ କରିଥାଏ । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୋର ଶତ୍ରୁତା ନିମନ୍ତେ ସେହି ଲୋକମାନେ କେଉଁ ପର୍ଯ୍ୟନ୍ତ ସୀମା ଅତିକ୍ରମ କରିଯାଇଛନ୍ତି ଓ ସେମାନେ ଆଁହଜରତ ସ.ଅଙ୍କ ସତ୍ୟତାର ନିଦର୍ଶନ ଉପରେ ଆକ୍ରମଣ କରିବାକୁ ଲାଗିଲେଣି । ଯେହେତୁ ସେମାନଙ୍କୁ ଏହା ଜ୍ଞାତ ଯେ, ମୋ ଉପରେ ଯେଉଁ ଐଶୀବାଣୀ ଓ ଆକାଶବାଣୀ **(ଅବଶିଷ୍ଟାଂଶ....ପୃ-18ରେ)**

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ

ହୋଇଛି ତାହାକୁ 25 ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ମୋର ଏହି ଐଶୀବାଣୀ ଏବଂ ଆକାଶବାଣୀର ଅବଧି ଆଁହଜରତ ସ.ଅଙ୍କ ଅପେକ୍ଷା ସର୍ବାଧିକ ଅଟେ । କାରଣ ଆଁହଜରତ ସ.ଅଙ୍କ ଉପରେ ହୋଇଥିବା ଐଶୀବାଣୀ ଏବଂ ଆକାଶବାଣୀର କାଳ 23 ବର୍ଷ ଥିଲା । ଆଉ ମୋ ଉପରେ ଯେଉଁ ଐଶୀବାଣୀ ଏବଂ ଆକାଶବାଣୀ ଅବତୀର୍ଣ୍ଣ ହୋଇଛି ତାହାର ସମୟ କାଳ 30 ବର୍ଷ ଅଟେ । ବର୍ତ୍ତମାନ ଜଣା ନାହିଁ ଯେ, ମୋର ଏହି ଐଶୀବାଣୀ ଓ ଆକାଶବାଣୀର ଓ ଦାବିର ସମୟ କେଉଁ ପର୍ଯ୍ୟନ୍ତ ରହିଛି ? ଅତଏବ୍ ଏହି ଲୋକମାନେ ମୌଲବୀ ବୋଲାଇବା ସତ୍ତ୍ୱେ ଏହା କହୁଛନ୍ତି ଯେ, ଈଶ୍ୱରଙ୍କ ଉପରେ ମିଥ୍ୟା ରଚନା କରୁଥିବା ଜଣେ ମିଥ୍ୟା ଐଶୀବାଣୀର ଦାବିକର୍ତ୍ତା ନିଜର ମିଥ୍ୟା ଠାରୁ 30 ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ପାରିବ ଓ ଈଶ୍ୱର ସେହି ମିଥ୍ୟାବାଦୀ ବ୍ୟକ୍ତିର ସାହାଯ୍ୟ ଓ ସମର୍ଥନ କରି ପାରିବେ। ଅତଏବ ମୌଲବୀମାନେ ଏହାର କୌଣସି ଦୃଷ୍ଟାନ୍ତ ଉପସ୍ଥାପିତ କରି ପାରିବେ ନାହିଁ । ହେ ଲୋକମାନେ ମିଥ୍ୟା କହିବା ମଳ (ଗୁହ, ବିଷ୍ଠା, ପୁରୀଷ) ଖାଇବା ସହିତ ସମାନ ଅଟେ । ଈଶ୍ୱର ନିଜର ଅସୀମ କୃପା ଦ୍ୱାରା ମୋ ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ କରିଛନ୍ତି ଏପର୍ଯ୍ୟନ୍ତକି ଉକ୍ତ ଦୀର୍ଘ ଅବଧି ମଧ୍ୟରେ ପ୍ରତ୍ୟେକ ଦିନ ମୋ ପାଇଁ ଉନ୍ନତିର ଦିନ ଥିଲା ଏବଂ ମୋର ଧ୍ୱଂସ ତଥା କ୍ଷତି ସାଧନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଯେଉଁ ପାଦ ଆଗକୁ ବଢ଼ାଇ ପଦକ୍ଷେପ ଗ୍ରହଣ କଲା ଅଲ୍ଲାଃତାଲା ସେହି ଶତ୍ରୁକୁ ତିରସ୍କୃତ କରିଦେଲେ । ଯଦି ଉକ୍ତ ଅବଧି ଏବଂ ଉକ୍ତ ସମର୍ଥନର ତୁମ ନିକଟରେ କୌଣସି ଦୃଷ୍ଟାନ୍ତ (ପ୍ରମାଣ) ରହିଛି ତେବେ ତୁମେମାନେ ଉପସ୍ଥାପିତ କର। ଅନ୍ୟଥା ଉକ୍ତ କାରଣ ହେତୁ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ୍ وَلَوْ تَقَوَّلَ عَلَيْنَاର ନିଦର୍ଶନ ମଧ୍ୟ ପ୍ରମାଣିତ ହୋଇଗଲା ଏବଂ ତୁମମାନଙ୍କୁ ଏଥି ସଂକ୍ରାନ୍ତରେ ଅବଶ୍ୟ ପଚରାଯିବ ।" **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-213)**

☆--☆--☆

## ପୃ-2ରେ ବର୍ଣ୍ଣିତ ଭାଷଣର ଅବଶିଷ୍ଟାଂଶ

ହୋଇଯାଇଛି । ଏପର୍ଯ୍ୟନ୍ତକି ସିଂହାସନ ଛାତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଁ ଦେଖିଲି ଯେ, ସେତେବେଳେ ଆପଣ ସ.ଅଙ୍କ ମୁଖମଣ୍ଡଳ ଏପରି ଜାଜ୍ୱଲ୍ୟମାନ ହେବାକୁ ଲାଗିଛି ଯେପରିକି ଉକ୍ତ ସିଂହାସନ ଉପରେ ସୂର୍ଯ୍ୟ ଏବଂ ଚନ୍ଦ୍ରର କିରଣ ପଡୁଛି । ମୁଁ ଆପଣ ସ.ଅଙ୍କ ପବିତ୍ର ମୁଖମଣ୍ଡଳ ଆଡ଼କୁ ଚାହୁଁଥିଲି ଏବଂ ଆଗ୍ରହ ତଥା ଉତ୍ସାହ ଯୋଗୁଁ ମୋ ଚକ୍ଷୁରୁ ଲୋତକ (ଲୁହ) ଧାର ଧାର ହୋଇ ବହି ଯାଉଥିଲା । ପୁନଶ୍ଚ ମୁଁ ଜାଗ୍ରତ ହେଲି ଏବଂ ସେତେବେଳେ ମଧ୍ୟ ମୁଁ ବହୁତ ବିଳାପ ଏବଂ ରୋଦନ (କାନ୍ଦୁ) କରୁଥିଲି । ସେତେବେଳେ ଅଲ୍ଲାଃତାଲା ମୋ ହୃଦୟରେ ଉକ୍ତ କଥା ଜାତ କଲେ ଯେ, ସେହି ମୃତ ବ୍ୟକ୍ତି ହେଉଛି ଇସଲାମ୍ ଧର୍ମ ଏବଂ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଆଧ୍ୟାତ୍ମିକ କଲ୍ୟାଣ ମାଧ୍ୟମରେ ଇସଲାମ୍ ଧର୍ମକୁ ବର୍ତ୍ତମାନ ମୋ ହସ୍ତ ମାଧ୍ୟମରେ ପୁନର୍ଜୀବିତ କରିବେ । ତୁମକୁ କ'ଣ ଜଣା ଯେ, ସମ୍ଭବତଃ ଏହି ସମୟଟି ଖୁବ୍ ନିକଟବର୍ତ୍ତୀ ଅଟେ ? ଅତଏବ୍ ତୁମେ ସେହି ସମୟକୁ ଅପେକ୍ଷା କର । ଉକ୍ତ ସ୍ୱପ୍ନରେ ଆଁହଜରତ ସ.ଅ ନିଜର ପବିତ୍ର ହସ୍ତ ମାଧ୍ୟମରେ ନିଜର ପବିତ୍ର ବାଣୀ ଦ୍ୱାରା, ନିଜର ଆଲୋକ ଦ୍ୱାରା ଏବଂ ନିଜର ପବିତ୍ର ଉଦ୍ୟାନର ଫଳକୁ ଭେଟି ସ୍ୱରୂପ ପ୍ରଦାନ କରି ମୋର ସଂସ୍କାର କରିଥିଲେ ।"

**(ଆଇନା କମାଲାତେ ଇସ୍‌ଲାମ୍, ପୃ-548, 549, ତଜ୍‌କିରାହ୍, ପୃ-1-3, ବି.ଦ୍ର)**

کوئی مذہب نہیں ایسا، کہ نشاں دکھلائے یہ ثمر، باغِ محمد سے ہی کھایا ہم نے

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:

اِنَّ اللّٰهَ وَمَلَائِكَتَهٗ يُصَلُّوْنَ عَلَى النَّبِىِّ يٰاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا

**(ଅଲ୍ ଅହଜାବ୍:57)** ବାସ୍ତବରେ ଅଲ୍ଲାଃତାଲା ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି । ତେଣୁ ହେ ବିଶ୍ୱାସକାରୀମାନେ ! ତୁମ୍ଭେମାନେ ମଧ୍ୟ ଏହି ନବୀଙ୍କ ପ୍ରତି ଅଲ୍ଲାଃତାଲାଙ୍କ ଆଶୀର୍ବାଦ ଭିକ୍ଷା କର । ଅର୍ଥାତ୍ ଦୁରୁଦ୍ ଶରୀଫ୍ ପାଠ କର ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କରେ ।

"ଦିନେ ରାତ୍ର ସମୟରେ ଏହି ବିନୀତ ଏତେ ବହୁଳ ଭାବରେ ଦୁରୁଦ୍ ଶରୀଫ୍ ପାଠ କଲା ଯେ, ମନ ଓ ପ୍ରାଣ ଏହି ଦୁରୁଦ୍ ଦ୍ୱାରା ସୁଗନ୍ଧିତ ହୋଇଗଲା । ସେହି ରାତ୍ରରେ ସ୍ୱପ୍ନରେ ମୁଁ ଦେଖିଲି ଯେ, ଶୀତଳ ତଥା ସ୍ୱଚ୍ଛ ଜଳ ଆକାରରେ ଆଲୋକ ଥଳୀ ଉକ୍ତ ବିନୀତର ଘରକୁ ଅଣା ଯାଇଛି ଏବଂ ଦେବଦୂତମାନଙ୍କ ମଧ୍ୟରୁ ଜଣ ଦେବଦୂତ ମୋତେ କହିଲେ, ବସ୍ ! ଏ ହେଉଛି ସେହି କଲ୍ୟାଣ ଯାହାକ ତୁମ୍ଭେ ମୁହମ୍ମଦ ସ.ଅଙ୍କ ଆଡ଼କୁ ପ୍ରେରଣ କରିଥିଲ ।"

**(ରୁହାନୀ ଖଜାଏନ୍, ଭାଗ-1, ପୃ-598, ବରାହିନେ ଅହମଦିୟା, ଭାଗ-4)**

ପୁନଶ୍ଚ ଏକ ସଭାରେ ଆପଣ ଅ.ସ କହିଲେ: "ଦୁରୁଦ୍ ଶରୀଫ୍ ମାଧ୍ୟମରେ ମୁଁ ଦେଖୁଛି ଯେ, ଅଲ୍ଲାଃତାଲାଙ୍କ ଦୟା ଏବଂ କଲ୍ୟାଣ ବଡ଼ ବିଚିତ୍ର ଆଲୋକ ଆକୃତିରେ ଆଁହଜରତ ସ.ଅଙ୍କ ଆଡ଼କୁ ଯାଉଛନ୍ତି ଏବଂ ପୁନଶ୍ଚ ସେଠାକୁ ଯାଇ ଆଁହଜରତ ସ.ଅ ଛାତିରେ ଶୋଷିତ ଏବଂ ଆକର୍ଷିତ ହୋଇଯାଉଛନ୍ତି ଓ ସେଠାରୁ ବାହାରି ସେହି ଆଲୋକଗୁଡ଼ିକର ଅସରନ୍ତି ନାଳ ହୋଇଯାଇଛି । ପ୍ରାପ୍ତ ଭାଗ ସଦୃଶ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ପର୍ଯ୍ୟନ୍ତ ତାହା ପହଞ୍ଚି ଯାଉଛି । ନିଃସନ୍ଦେହ କୌଣସି ଦୟା, କଲ୍ୟାଣ ଆଁହଜରତ ସ.ଅଙ୍କ ବ୍ୟତୀରକ ଅନ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ଦୁରୁଦ୍ ଶରୀଫ୍ କ'ଣ ଅଟେ ? ରସୁଲୁଲ୍ଲାଃ ସ.ଅଙ୍କ ସେହି ଆକାଶ ଲୋକକୁ ଆନ୍ଦୋଳିତ କରିବା ଯହିଁରୁ ଏହି ଆଲୋକ ନାଳଗୁଡ଼ିକ ବାହାରିଛନ୍ତି । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଦୟା, କରୁଣା ଏବଂ କୃପାକୁ ପ୍ରାପ୍ତ କରିବାକୁ ଅଭିଳାଷୀ ବା ଇଚ୍ଛୁକ ସେହି ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ସେ ଅସଂଖ୍ୟ ମାତ୍ରାରେ ଆଁହଜରତ ପ୍ରତି ଦୁରୁଦ୍ ଶରୀଫ୍ ପାଠ କରୁ। କାରଣ ଏପରି କରିବା ଦ୍ୱାରା ସେହି କୃପା, ଦୟାରେ ଅଲୋଡ଼ନ ସୃଷ୍ଟି ହେବ ।"

**(ଅଲ୍ ହକମ୍, ଭାଗ-7, 8 ଫେବୃୟାରୀ, 1903 ମସିହା, ପୃ-7)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋତେ ଐଶୀବାଣୀ ମାଧ୍ୟମରେ ଏହା କୁହାଯାଇଛି ଯେ, كُلُّ بَرَكَةٍ مِّنْ مُّحَمَّدٍ صَلَّى اللّٰهُ عَلَيْهِ وَسَلَّمَ فَتَبَارَكَ مَنْ عَلَّمَ وَتَعَلَّمَ۔ ଅର୍ଥାତ୍ ପ୍ରତ୍ୟେକ ପ୍ରକାରର କଲ୍ୟାଣ ଆଁହଜରତ ସ.ଅଙ୍କ ଠାରୁ ହିଁ ଆସିଥାଏ । ତେଣୁ ସେହି ବ୍ୟକ୍ତି ହେଉଛି ଅତି କଲ୍ୟାଣମୟ ଯିଏ ଆଁହଜରତ ସ.ଅଙ୍କ ଠାରୁ ଶିକ୍ଷା ଆହରଣ କଲା ଏବଂ ପୁନଃ ସେ ଅନ୍ୟକୁ ଶିକ୍ଷା ପ୍ରଦାନ କଲେ । ପୁନଶ୍ଚ ସେହି ବ୍ୟକ୍ତି ହେଉଛି ଅତି କଲ୍ୟାଣମୟ ଯିଏ ସେହି ମହାବତାରଙ୍କ ଠାରୁ ଶିକ୍ଷା ଆହାରଣ କଲା । ଅର୍ଥାତ୍ ଏହି ବିନୀତ (ହ. ମସିହ୍ ମଉଦ୍ ଅ.ସ) । "

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ହୃଦୟରେ ଆଁହଜରତ ସ.ଅଙ୍କ ପ୍ରତି ଥିବା ଅସୀମ ପ୍ରେମ ଓ ଆନ୍ତରୀକତା ସମୁଦ୍ରର ଲହଡ଼ୀ ପରି ଉଙ୍କି ମାରୁଥିଲା । ଅର୍ଥାତ୍ ଅସୀମ ପ୍ରେମର ସମୁଦ୍ର ଥିଲା । ଉକ୍ତ ପ୍ରେମର ଉତ୍ସାହରେ କେବେ ବି କୌଣସି ତାରତମ୍ୟ ଏବଂ ହ୍ରାସ ଘଟି ନାହିଁ । ଆପଣ ସ.ଅଙ୍କ ରୋଗର ଔଷଧ ମଧ୍ୟ ରସୁଲୁଲ୍ଲାଃ ହିଁ ଥିଲେ । ଏକଦା ଆପଣ ଅ.ସଙ୍କ ମୁଣ୍ଡ ବ୍ୟଥା ଭୀଷଣ ମାତ୍ରାରେ ବୃଦ୍ଧି ପାଇଲା ଯେ, ଆପଣ ଅ.ସଙ୍କର ହାତ ଏବଂ ପାଦ ବରଫ ପରି ଥଣ୍ଡା ହୋଇଗଲା । ଆପଣ ଅ.ସ ମୁନ୍‌ସୀ ଜଫର୍ ଅହମଦ୍ କପୁରଥଲ୍‌ୱୀ ର.ଅଙ୍କୁ କହିଲେ, ମୁନ୍‌ସୀ ସାହେବ ! ଆପଣ ଆଁହଜରତ ସ.ଅଙ୍କ ପ୍ରଶଂସାରେ ଦୁଇଟି ପଦ ବା ଦୁଇ ପଂକ୍ତି କବିତା ପାଠ କରି ଦିଅନ୍ତୁ । ମୁନ୍‌ଶୀ ସାହେବ ଯେତେବେଳେ ଆଁହଜରତ ସ.ଅଙ୍କ ପ୍ରଶଂସାମୂଳକ କବିତା ପାଠ କଲେ ସେତେବେଳେ ଆପଣ ଅ.ସଙ୍କ ଶରୀରରେ ଉଷ୍ମତା ଆସିବା ଆରମ୍ଭ ହୋଇଗଲା ।

**(ଅସ୍‌ହାବେ ଅହମଦ୍, ଭାଗ-4, ପୃ-95-96)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାର ଚମତ୍କାର ଏବଂ ଦୁରୁଦ୍ ଶରୀଫର କଲ୍ୟାଣକୁ ତ' ଦେଖନ୍ତୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକଦା ଅସୁସ୍ଥ ହୋଇଗଲେ । ଅଲ୍ଲାଃତାଲା ଆପଣ ଅ.ସଙ୍କ ଉପରେ ଐଶୀବାଣୀପୂର୍ବକ ଦୁରୁଦ୍ ଶରୀଫ୍ ମାଧ୍ୟମରେ ଏକ ପ୍ରାଣଘାତକ ରୋଗରୁ ଆପଣ ଅ.ସଙ୍କୁ ସୁସ୍ଥ ହେବାର ନୁସ୍‌ଖା (ପଥ୍ୟ) ପ୍ରଦାନ କଲେ ଏବଂ ନିଜ ତରଫରୁ ମହାନ୍ ଚମତ୍କାର ପ୍ରଦାନ କଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏକଦା ମୁଁ ଅତି ଗମ୍ଭୀର ରୂପେ ଅସୁସ୍ଥ ହେଲି। ଏପର୍ଯ୍ୟନ୍ତକି ତିନୋଟି ଭିନ୍ନ ଭିନ୍ନ ସମୟରେ ମୋର ଉତ୍ତରାଧିକାରୀମାନେ ମୋର ଶେଷ ସମୟ ଆସିଯାଇଛି ବୋଲି ମନେକରି ପାରମ୍ପାରିକ ଶୈଳୀରେ ମୋତେ ତିନି ଥର ସୁରାଃ ୟାସିନ୍ ଶୁଣାଇଲେ । ଯେତେବେଳେ ତୃତୀୟ ଥର ସୁରାଃ ୟାସିନ୍ ମୋତେ ଶୁଣାଇଲେ ସେତେବେଳେ ମୁଁ ଦେଖୁଥିଲି ଯେ, କେତେକ ପ୍ରିୟଜନମାନେ ଯେଉଁମାନେ ବର୍ତ୍ତମାନ ଇହଧାମ ଛାଡ଼ି ଚାଲିଯାଇଛନ୍ତି ସେମାନେ କାନ୍ଥ ପଛରେ ସହସା କାନ୍ଦୁଥିଲେ ଏବଂ ମୋତେ ଭୟଙ୍କର ଅନ୍ତ୍ରଶୂଳ (Colic) ସମସ୍ୟା ଥିଲା ଏବଂ ବାରମ୍ବାର ରକ୍ତସ୍ରାବ ହେଉଥିଲା । 16 ଦିନ ପର୍ଯ୍ୟନ୍ତ ଅହରହ ଏହିପରି ଅବସ୍ଥା ଲାଗି ରହିଲା ଏବଂ ଏହି ରୋଗରେ ମୋ ସହିତ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଅସୁସ୍ଥ ହୋଇ ପଡ଼ିଥିଲା । ସେ ଅଷ୍ଟମ ଦିନରେ ଇହଧାମ ତ୍ୟାଗ କରି ଆରଧାମକୁ ଗମନ କଲା । କିନ୍ତୁ ମୋର ରୋଗ ଯେତେ ଭୟଙ୍କର ଥିଲା ତା'ର ରୋଗ ସେତେ ଭୟଙ୍କର ନଥିଲା । ଯେତେବେଳେ ରୋଗକୁ 16 ଦିନ ହେଲା ସେତେବେଳେ ମୋର ଅବସ୍ଥା ସଂପୂର୍ଣ୍ଣ ରୂପେ ବିଗିଡ଼ି ଗଲା ଏବଂ ସମସ୍ତେ ନିରାଶ ହୋଇଗଲେ ଓ ମୋତେ ତୃତୀୟ ଥର ସୁରାଃ ୟାସିନ୍ ପାଠ କରି ଶୁଣାଇଲେ । ସମସ୍ତ ପ୍ରିୟଜନମାନଙ୍କର ହୃଦୟରେ ଏହି ଦୃଢ଼ ବିଶ୍ୱାସ ଥିଲା ଯେ, ଆଜି ସନ୍ଧ୍ୟା ସୁଦ୍ଧା ମୁଁ (ଆପଣ ଅ.ସ) କବର ମଧ୍ୟକୁ ଚାଲିଯିବି । ସେତେବେଳେ ଏପରି ହେଲା ଯେପରି ଈଶ୍ୱର ବିପତ୍ତିରୁ ମୋକ୍ଷ ପ୍ରଦାନ କରିବା ନିମନ୍ତେ ନିଜର କେତେକ ଅବତାରମାନଙ୍କୁ ଦୁଆ ଶିଖାଇଥିଲେ । ତେଣୁ ଅଲ୍ଲାଃତାଲା ମୋତେ ମଧ୍ୟ ଏକ ଦୁଆ ଶିଖାଇଲେ ଏବଂ ମୋ ଉପରେ ଐଶୀବାଣୀ ଅବତୀର୍ଣ୍ଣ କଲେ । ସେହି ଦୁଆ ଏହିପରି

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ۔ اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ

ଏବଂ ମୋ ହୃଦୟରେ ଈଶ୍ୱର ଏହି ଐଶୀବାଣୀ ଅବତୀର୍ଣ୍ଣ କଲେ ଯେ, ନଦୀ ପାଣିରେ ଯେଉଁ ପାଣି ସହିତ ବାଲି ମଧ୍ୟ ଥିବ ସେହି ଜଳରେ ହସ୍ତ ପ୍ରବେଶ କର (ବୁଡ଼ାଅ) ଏବଂ ଏହି ପବିତ୍ର ବାଣୀ ପାଠ କର, ନିଜର ଛାତି, ନିଜର ପିଠି ଏବଂ

ଉଭୟ ହାତ ଏବଂ ମୁଖମଣ୍ଡଳରେ ଦୁଆ ପାଠ କରି ହାତ ପ୍ରସାରିତ କଲେ ତୁମ୍ଭେ ଉକ୍ତ ବ୍ୟାଧିରୁ ଆରୋଗ୍ୟ ଲାଭ ପାଇବ । ସୁତରାଂ ଶୀଘ୍ର ନଦୀ ଜଳ ଏବଂ ଜଳ ସହିତ ବାଲି ମଗେଇ ଦିଆଗଲା ଏବଂ ଯେପରି ମୋତେ କୁହାଯାଇଥିଲା ମୁଁ ସେହିପରି କଲି। ସେତେବେଳେ ମୋର ଏହି ଅବସ୍ଥା ଥିଲା ଯେ, ମୋ ଶରୀରର ପ୍ରତ୍ୟେକଟି ବାଳରୁ ଅଗ୍ନି (ନିଆଁ) ବାହାରୁଥିଲା ଏବଂ ସମସ୍ତ ଶରୀର ଭୀଷଣ କଷ୍ଟଦାୟକ ଯନ୍ତ୍ରଣାରେ ପୋଡୁଥିଲା ଏବଂ ସହସା ସ୍ୱାସ୍ଥ୍ୟ ଉକ୍ତ କଥା ପ୍ରତି ଆସକ୍ତ ହେଲା ଯେ, ଯଦି ମୃତ୍ୟୁ ବି ହୁଏ ତେବେ ଅତ୍ୟୁତ୍ତମ ହେବ । ଉକ୍ତ ଅବସ୍ଥାରୁ ମୁକ୍ତି ମିଳିବ । କିନ୍ତୁ ଯେତେବେଳେ ମୁଁ ସେହି ନୁସଖା (ପଥ୍ୟ) ଏବଂ ସେହି କୃତ୍ୟ (ଦୁଆ) ଆରମ୍ଭ କଲି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି ଯେ, ପ୍ରତ୍ୟେକ ଥର ଏହି ପବିତ୍ର ବାଣୀକୁ ପାଠ କରିବା ଦ୍ୱାରା ଏବଂ ଜଳକୁ ଶରୀରରେ ଛିଞ୍ଚିବା ଦ୍ୱାର ମୁଁ ଏହା ଅନୁଭବ କରୁଥିଲି ଯେ, ସେହି ଉତ୍ତାପ ଶରୀର ମଧ୍ୟରୁ ବାହାରି ଯାଉଛି ଏବଂ ଶୀତଳତା ପ୍ରଦାନ କରିବା ପରିବର୍ତ୍ତେ ଶରୀରକୁ ଆହୁରି ଆରାମ ପ୍ରାପ୍ତ ହେଉଛି ଏବଂ ଶରୀର ସୁସ୍ଥ ହେବାକୁ ଲାଗୁଛି । ଏପର୍ଯ୍ୟନ୍ତକି ବର୍ତ୍ତମାନ ଉକ୍ତ ପିଆଲାର ଜଳ ସମାପ୍ତ ହୋଇ ନଥିଲା କି ମୁଁ ଦେଖିଲି ଯେ, ମୋର ରୋଗ ସଂପୂର୍ଣ୍ଣ ରୂପେ ମୋତେ ପରିତ୍ୟାଗ କରିଦେଇଛି ଏବଂ ମୁଁ 16 ଦିନ ପରେ ରାତ୍ର ସମୟରେ ସୁସ୍ଥ ଏବଂ ଆରୋଗ୍ୟ ଲାଭ ହୋଇ ଶୋଇଲି । ଯେତେବେଳେ ସକାଳ ହେଲା ସେତେବେଳେ ମୋତ ଏହି ଐଶୀବାଣୀ ହେଲା। ଯେ, وَاِنۡ كُنۡتُمۡ فِیۡ رَیۡبٍ مِّمَّا نَزَّلۡنَا عَلٰی عَبۡدِنَا فَاۡتُوۡا بِشِفَآءٍ مِّنۡ مِّثۡلِهٖ **(ଅଲ୍ ବକ୍ରାହ: 24)** ଏବଂ ଆମ୍ଭେ ନିଜ ଭକ୍ତ ମୁହମ୍ମଦ୍ ସ.ଅଙ୍କ ପ୍ରତି ଯାହା ଅବତୀର୍ଣ୍ଣ କରିଅଛୁ ଯଦି ସେଥିରେ ତୁମମାନଙ୍କର ସନ୍ଦେହ ଥାଏ ତେବେ ତୁମେମାନେ ଏହିପରି ଏକ ଅଧ୍ୟାୟ ରଚନା କର ଏବଂ ଏହାର ଦୃଷ୍ଟାନ୍ତ ଉପସ୍ଥାପିତ ଓ ଏହିପରି ଆରୋଗ୍ୟ ପ୍ରଦାନକାରୀ ଗ୍ରନ୍ଥ ଉପସ୍ଥାପିତ କର । ଅଲ୍ଲାଃଙ୍କ ଭିନ୍ନ ତୁମମାନଙ୍କର ଅନ୍ୟାନ୍ୟ ସହାୟକଙ୍କୁ ନିଜ ସହୟାତା ନିମନ୍ତେ ଡାକ, ଯଦି ତୁମେମାନେ ସତ୍ୟବାଦୀ ହୋଇଥାଅ ।......"

**(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଭାଗ-15, ପୃ-208-209)**

ربط ہے جان محمد سے میری جاں کو مدام    دل کو وہ جام لبالب ہے پلایا ہم نے

مصطفٰی پر تیرا بے حد ہو سلام اور رحمت    اس سے یہ نور لیا بار خدایا ہم نے

یَارَبِّ صَلِّ عَلٰی نَبِیِّكَ دَائِمًا    فِیْ هٰذِهِ الدُّنْیَا وَبَعْثٍ ثَانِ

ହେ ମୋର ପାଳନକର୍ତ୍ତା ! ନିଜର ଏହି ଅବତାରଙ୍କ ଉପରେ ଇହକାଳ ଓ ପରକାଳରେ ସର୍ବଦା ଦୁରୁଦ୍ ପ୍ରେରଣ କରୁଥାଅ ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଆଁହଜରତ ସ.ଅଙ୍କ ସୁନ୍ନତ୍ (ବ୍ୟବହାରିକ ଆଚରଣ ବା ପରମ୍ପରା) ପ୍ରତି ବିଶେଷ ରୂପେ ଯତ୍ନବାନ୍ ଥିଲେ । ଆପଣ ଅ.ସ ଅତି ଛୋଟ ଛୋଟ କଥାରେ ମଧ୍ୟ ଆଁହଜରତ ସ.ଅଙ୍କୁ ଅନୁକରଣ କରୁଥିଲେ ଏବଂ ଆପଣ ସ.ଅଙ୍କ ଆଜ୍ଞା ପାଳନ କରୁଥିଲେ । ଆପଣ ଅ.ସ କୁହନ୍ତି: "ମୋ ସତ୍ୟତାର ନିଦର୍ଶନ ମଧ୍ୟରୁ ଗୋଟିଏ ନିଦର୍ଶନ ଏହିକି ଯେ, ଅଲ୍ଲାଃତାଲା ମୋତେ ନିଜର ପ୍ରିୟ ବାର୍ତ୍ତାବହଙ୍କ ଆଜ୍ଞାବହତ୍ୱ ଓ ଅନୁକରଣତ୍ୱ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଅତଃ ମୁଁ ଆଁହଜରତ ସ.ଅଙ୍କ କଥା ମଧ୍ୟରୁ କୌଣସି କଥା ଏପରି ଦେଖି ନାହିଁ ଯାହାକୁ ମୁଁ ସମ୍ପାଦନ କରି ନଥିବି ଏବଂ ବିପତ୍ତିର ପର୍ବତ ମଧ୍ୟରୁ ଏପରି କୌଣସି ପର୍ବତ ଦେଖି ନାହିଁ ଯେଉଁ ବିପତ୍ତିକୁ ମୁଁ ଅତିକ୍ରମ କରି ନାହିଁ ଏବଂ ମୁଣ୍ଡ ପାତି ସହ୍ୟ କରିନେଇ ନାହିଁ । ମୋର ପାଳନକର୍ତ୍ତା ମୋତେ ସେହି ଲୋକମାନଙ୍କ ସହିତ ସାକ୍ଷାତ୍ କରାଇଦେଲେ ଯେଉଁମାନଙ୍କୁ ପୁରସ୍କୃତ କରା ଯାଇଥାଏ ।"**(ଆଇନା କମାଲାତେ ଇସଲାମ୍ର ଅନୁବାଦ, ରୁହାନୀ ଖଜାଏନ୍, ଭାଗ-5, ପୃ-483, ବରାହିନେ ଅହମଦିୟା)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଏହା କେବଳ ଆପଣ ଅ.ସଙ୍କ ମୌଖିକ ଦାବି ନୁହେଁ। ସମ୍ମାନିତ ଶ୍ରୋତାମଣ୍ଡଳୀ ! ବରଂ ଆପଣ ଅ.ସ ନିଜର ବ୍ୟବହାରିକ ଆଦର୍ଶ ଓ ଉଦାହରଣ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ତେଣୁ ଏଠାରେ ମୁଁ କେତେକ ଉଦାହରଣ ଉପସ୍ଥାପିତ କରିଦେଉଛି ।

☆ ହ. ଚୌଧୁରୀ ଗୁଲାମ୍ ମୁହମ୍ମଦ୍ ସାହେବ ର.ଅଙ୍କ ବର୍ଣ୍ଣନା ରହିଛି ଯେ,ଚୌଧୁରୀ ସାହେବ କୁହନ୍ତି: "ମୁଁ (ଚୌଧୁରୀ ସାହେବ) କାଦିୟାନ୍ ଯେତେବେଳେ ଆସିଲି ସେତେବେଳେ ହ. ସାହେବ ସବୁଜ ରଙ୍ଗର ପଗଡ଼ି ପିନ୍ଧିଥିଲେ । ମୁଁ ଉକ୍ତ ଦୃଶ୍ୟ ଦେଖି ଅତି ଅସହଜ ଅନୁଭବ କଲି ଯେ, ମସିହ୍ ମଉଦ୍ ଅ.ସଙ୍କୁ ରଙ୍ଗୀନ ପଗଡ଼ି ପିନ୍ଧିବାର କାହିଁକି ଆବଶ୍ୟକତା ପଡ଼ିଲା । ପୁନଶ୍ଚ ମୁଁ ଇବ୍ନେ ଖଲଦୁନ୍ ନାମକ ପୁସ୍ତକର ଶିରୋନାମା ପାଠ କଲି । ତହିଁରେ ଏହା ଉଲ୍ଲେଖ ରହିଥିଲା ଯେ, ଯେତେବେଳେ ଆଁହଜରତ ସ.ଅ ସବୁଜ ରଙ୍ଗର ପଗଡ଼ି ପରିଧାନ କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଉଥିଲା ।" **(ସିରତୁଲ୍ ମେହ୍ଦୀ, ବର୍ଣ୍ଣନା ସଂଖ୍ୟା-121)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ନିଜର ପ୍ରିୟାବାତାରଙ୍କ ପରମ୍ପରାକୁ ଅନୁକରଣ କରିବାର ଏହି ଶୈଳୀଟି ଅତ୍ୟନ୍ତ ଅନନ୍ୟ ଅଟେ ଯେ, ଆପଣ ଅ.ସ ସବୁଜ ରଙ୍ଗର ପଗଡ଼ି ନିଜ ମୁଣ୍ଡରେ ପିନ୍ଧିନେଲେ ।

ସେହିପରି ଆଉ ଏକ ଘଟଣା ରହିଛି ଯେ, ହ. ମିର୍ଜା ଦିନ୍ ସାହେବ ଅଫ୍ ଲଙ୍ଗରୱାଲ୍ ବର୍ଣ୍ଣନା କରନ୍ତି ଯେ, ନମାଜ୍ ଫଜର୍ ସମୟରେ ଆପଣ ଅ.ସ ହାଲୁକା ଜଳ ଛିଞ୍ଚି ମୋତେ ନିଦରୁ ଉଠାଉଥିଲେ । ଏକଦା ମୁଁ ପଚାରିଲି ଯେ, ହୁଜୁର ! ମୋତେ ଜଳ ନଛିଞ୍ଚି ସେମିତି କାହିଁକି ନିଦରୁ ଉଠାଉ ନାହାନ୍ତି ? ଆପଣ ଅ.ସ ଉତ୍ତର ପ୍ରଦାନ କଲେ, ରସୁଲୁଲ୍ଲାଃ ସ.ଅଙ୍କ ଏହିପରି ପନ୍ଥା ରହିଥିଲା । ତେଣୁ ମୁଁ ଆଁହଜରତ ସ.ଅଙ୍କ ସୁନ୍ନତ୍ (ପରମ୍ପରା) ଉପରେ କାର୍ଯ୍ୟାନୁସରଣ କରୁଛି ।

**(ସିରତୁଲ୍ ମେହଦୀ, ବର୍ଣ୍ଣନା ସଂଖ୍ୟା-492)**

☆ ଆଁହଜରତ ସ.ଅ ଅନାବଶ୍ୟକ ସ୍ଥଳରେ ଛିଡ଼ା ହୋଇ ଜଳ ପାନ କରିବାକୁ ବାରଣ କରିଛନ୍ତି । ବଦରର ସମ୍ପାଦକ ମହୋଦୟ ହୁଜୁର ଅ.ସଙ୍କ ଗୁରୁଦାସପୁର ଯାତ୍ରାର ଚର୍ଚ୍ଚା କରି କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ଛିଡ଼ା ହୋଇଥିଲେ, ଆପଣ ଅ.ସ ଜଳ ମାଗିଲେ, ଯେତେବେଳେ ଜଳ ଆସିଲା ସେତେବେଳେ ଆପଣ ଉକ୍ତ ଜଳକୁ ବସି ପାନ କଲେ ଏବଂ ଆହୁରି ଅନେକ ଥର ଏହା ଦେଖିବାକୁ ମିଳିଛି ଯେ, ହ. ମସିହ୍ ମଉଦ୍ ଅ.ସ ସର୍ବଦା ଜଳ ବସି କରି ପାନ କରୁଥିଲେ । "

ଅନ୍ୟ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏକ ଅବସରରେ ଆପଣ ଅ.ସଙ୍କ ଏକ ସଭା ବସିଥିଲା ସେହି ସଭାରେ ଜଣେ ଅତିଥି ବାହାରୁ ଆସିଲା । ତେଣୁ ଜଣେ ବ୍ୟକ୍ତି କବାଟ ଖୋଲିବାକୁ ଚାହିଁଲା । ଏହା ଦେଖି ହ. ମସିହ୍ ମଉଦ୍ ଅ.ସ ଦ୍ରୁତ ଗତିରେ ସ୍ୱୟଂ ଉଠିଲେ ଏବଂ ସେହି ବନ୍ଧୁକୁ କହିଲେ, "ରୁହନ୍ତୁ ରୁହନ୍ତୁ ! ମୁଁ କବାଟ ଖୋଲିବି । ଆପଣ ଆମର ଅତିଥି ଅଟନ୍ତି ଏବଂ ଆଁହଜରତ ସ.ଅ କହିଛନ୍ତି ଯେ, ଅତିଥିମାନଙ୍କର ଅତିଥି ସତ୍କାର କରିବା ଉଚିତ୍ ।" **(ସିରତ୍ ତୈୟେବା, ପୃ-110)**

ହ. ମସିହ୍ ମଉଦ୍ ଅ.ସ ପତ୍ନିମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସଂକ୍ରାନ୍ତରେ କୁହନ୍ତି "ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, وَعَاشِرُوۡهُنَّ بِالۡمَعۡرُوۡفِ **(ଅନ୍ ନିସା 20)** ଅର୍ଥାତ୍ ତୁମେମାନେ ନିଜ ପତ୍ନିଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ସୁଖରେ ଜୀବନ ଯାପନ କର । ଆମମାନଙ୍କର ମାର୍ଗଦର୍ଶକ ଅବତାର ହ. ମୁହମ୍ମଦ ସ.ଅ କହିଲେ, خَیۡرُکُمۡ خَیۡرُکُمۡ لِاَهۡلِهٖ ଅର୍ଥାତ୍ "ତୁମମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜର ପରିବାର ବର୍ଗଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରେ ।" ମୋର ଏହି ଅବସ୍ଥା ରହିଛି ଯେ, ଏକଦା ମୁଁ ନିଜ ପତ୍ନିକୁ ଉଚ୍ଚ ସ୍ୱରରେ ପାଟି କରିଥିଲି ଏବଂ ମୁଁ ଅନୁଭବ କଲି ଯେ, ମୋର ସେହି ଉଚ୍ଚ ସ୍ୱର ହୃଦୟର ଦୁଃଖ ସହିତ ସଂଶ୍ଳିଷ୍ଟ ଅଟେ । ଏହାକୁ ବାଦ୍‌ଦେଲେ ମୁଁ ଆଉ କେବେ ନିଜ ପାଟିରୁ ଏପରି ହୃଦୟ ବିଦାରକ ଏବଂ ଅସଦାଚରଣଶୂଳକ ଭାଷା କେବେ ବି ବାହାର କରି ନଥିଲି । ଏହାପରେ ମୁଁ ବହୁ ସମୟ ପର୍ଯ୍ୟନ୍ତ ଇସ୍ତିଗଫାର୍ କରୁଥିଲି (ଅର୍ଥାତ୍ କ୍ଷମା ଯାଚନା କରୁଥିଲି) ଏବଂ ଅତ୍ୟନ୍ତ ବିନୀତ ତଥା ବିନମ୍ରତାର ସହିତ ନଫିଲ୍ ନମାଜ ପାଠ କଲି ଓ ସଦ୍‌କା (ଦାନ ଦକ୍ଷିଣା) ମଧ୍ୟ କଲି । .......

**(ମଲଫୁଜାତ୍, ଭାଗ-1, ପୃ-307, ସଂସ୍କରଣ ବର୍ଷ-2003 ମସିହା)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଆଁହଜରତ ସ.ଅଙ୍କ ପରିବାର ଏବଂ ଆଁହଜରତ ସ.ଅଙ୍କ ପାବନ ଭୂମି ମକ୍କା, ମଦିନାର ଗଳିକୁ ମଧ୍ୟ ବହୁ ଭଲ ପାଉଥିଲେ ସମ୍ମାନିତ ଶ୍ରୋତାମଣ୍ଡଳୀ ଆପଣ ଅ.ସ ଉକ୍ତ ଭାବାବେଗକୁ ନିଜର ଏକ କବିତା ମାଧ୍ୟମରେ ଏହିପରି ପରିପ୍ରକାଶ କରିଛନ୍ତ । ସେହି କବିତାଟି ଏହିପରି: -

جان و دلم فدائے جمال محمد ﷺ است    خاکم نثار کوچہ آلِ محمد است

ଅର୍ଥାତ୍ ମୋର ମନ ଏବଂ ମୋର ପ୍ରାଣ ହ. ମୁହମ୍ମଦ ସ.ଅଙ୍କ ସୌନ୍ଦର୍ଯ୍ୟ ଉପରେ ଉତ୍ସର୍ଗ ହୋଇଯାଉ । ମୋ ଶରୀର ଧୂଳି ଆଁହଜରତ ସ.ଅଙ୍କ ଗଳିରେ ଉତ୍ସର୍ଗ ହୋଇଯାଉ । **(ଆଇନା କମାଲାତେ ଇସ୍‌ଲାମ୍‌ର ଅନୁବାଦ, ରୁହାନୀ ଖଜାଏନ୍, ଭାଗ-5, ପୃ-645)**

ହ. ସୟେଦ୍ ନୱାବ୍ ମୁବାରକା ବେଗମ୍ ସାହେବାଙ୍କର ଏକ ବର୍ଣ୍ଣନା ରହିଛି ଯେ, ମୁହରରମ୍ ମାସରେ ଆପଣ ନିଜର ସନ୍ତାନମାନଙ୍କୁ ଆଁହଜରତ ସ.ଅଙ୍କ ନାତି ହ. ହସନ୍ ଓ ହୁସୈନ୍ ର.ଅଙ୍କ ଶାହାଦତ୍‌ର ଘଟଣା ଶୁଣାଉଥିଲେ ଓ ଆପଣଙ୍କ ଚକ୍ଷୁରୁ ଲୁହ ଧାର ଧାର ହୋଇ ବହି ଯାଉଥିଲା । ଆପଣ ନିଜ ଆଙ୍ଗୁଠିର ଟିପରୁ (ଶୀର୍ଷଭାଗ) ନିଜ ଲୁହକୁ ପୋଛି ଯାଉଥିଲେ ଏବଂ ଅତ୍ୟନ୍ତ କଷ୍ଟଦାୟକ ଓ କୋହଭରା କଣ୍ଠରେ କହିଲେ,"ଅପବିତ୍ର ୟଜିଦ୍ ଆମ ପ୍ରିୟାବତାରଙ୍କ ନାତିମାନଙ୍କ ଉପରେ ଏହିପରି ଅକଥନୀୟ ଅତ୍ୟାଚାର କରାଇଥିଲା । କିନ୍ତୁ ଅଲ୍ଲାଃତାଲା ମଧ୍ୟ ସେହି ଅତ୍ୟାଚାରୀମାନଙ୍କୁ ଖୁବ୍ ଶୀଘ୍ର ସେମାନଙ୍କୁ ଧରି ପକାଇଲେ ଏବଂ ସେମାନଙ୍କ ଉପରେ କୋପଶାସ୍ତି ଅବତୀର୍ଣ୍ଣ କଲେ ।" ସେତେବେଳେ ଆପଣ ଅ.ସଙ୍କ ଉପରେ ଏକ ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଯାଇଥିଲା ଏବଂ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କ ପ୍ରାଣ ପିଣ୍ଡର ଦୁଃଖାନ୍ତ ଶାହାଦତ୍‌ର ଦୃଶ୍ୟକୁ ନିଜ ମନରେ ଭାବି ଆପଣ ଅ.ସଙ୍କ ହୃଦୟ ଅଧୀର ଓ ବ୍ୟଥିତ ହୋଇଯାଉଥିଲା । ଏହି ସମସ୍ତ ପ୍ରସଙ୍ଗ ଆଁହଜରତ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତା ଯୋଗୁଁ ଥିଲା ।"

ଏକଦା ହ. ଡାକ୍ତର ସୟେଦ୍ ଅବ୍‌ଦୁସ୍ ସତ୍ତାର୍ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସଭାରେ ତଳେ ଭୂମି ଉପରେ ବସିଥିଲେ । ହୁଜୁର ଅ.ସଙ୍କ ସୟେଦ୍ ଅବ୍‌ଦୁସ୍

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 13-20 March 2025 Issue No. 11-12

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସତ୍ତାର୍ ସାହେବଙ୍କ ଉପରେ ଯେତେବେଳେ ଦୃଷ୍ଟି ପଡ଼ିଲା ସେତେବେଳେ ହୁଜୁର ଅ.ସ ସୟେଦ୍ ଅବଦୁସ୍ ସତ୍ତାର୍ ସାହେବଙ୍କୁ ବିଶେଷ ରୂପେ କହିଲେ, ଡାକ୍ତର ସାହେବ ! ଆପଣ ମୋ ଖଟ ଉପରେ ଆସି ବସନ୍ତୁ । କାରଣ ଆପଣ ସୟେଦ୍ ଅଟନ୍ତି ଏବଂ ଆପଣଙ୍କର ମର୍ଯ୍ୟାଦା ଓ ସମ୍ମାନକୁ ମୁଁ ସ୍ୱୀକାର କରୁଛି ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାର କଲ୍ୟାଣ, ଈଶ୍ୱରଙ୍କ ଲିଖିତ ବିଧାନ ଏବଂ ଇଚ୍ଛାନୁଯାୟୀ ଆପଣ ଅ.ସଙ୍କ ନିର୍ବନ୍ଧ ସୟେଦ୍ ବଂଶରେ ହୋଇଥିଲା । ଏହି ପବିତ୍ର ସଂପର୍କରୁ ଆପଣ ଅ.ସଙ୍କୁ ଶୁଭ ସୂଚନା ପ୍ରଦାନକାରୀ ସନ୍ତାନ ପ୍ରଦାନ କରାଗଲା ।

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅଙ୍କ ବର୍ଣ୍ଣନା ରହିଛି ଯେ, ଏକଦା ଘରୋଇ ପରିବେଶରେ ହଜ୍ର ଚର୍ଚ୍ଚା ଯେତେବେଳେ ଆରମ୍ଭ ହେଲା ସେତେବେଳେ ହ. ମୀର୍ ନାସିର୍ ନୱାବ୍ ସାହେବ ର.ଅ ଏମିତି ଏକ କଥା କହିଦେଲେ ଯେ, ବର୍ତ୍ତମାନ ତ' ହଜ୍ ନିମନ୍ତେ ଯାତ୍ରା ପଥ ସୁଗମ ରହିଛି ଏବଂ ଅନୁକୂଳ ପରିବେଶ ସୃଷ୍ଟି ହେଉଛି ତେଣୁ ହଜ୍‌କୁ ଯିବା ଉଚିତ୍ । ସେତେବେଳେ ମକ୍କା ମଦିନା ଦର୍ଶନ ଓ ଭ୍ରମଣ କଥା ଭାବି ଆପଣ ଅ.ସଙ୍କ ଚକ୍ଷୁ ଲୁହ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥିଲା ଏବଂ ଆପଣ ଅ.ସଙ୍କ ହାତର ଆଙ୍ଗୁଠିରୁ ଆପଣ ନିଜର ଲୁହ ପୋଛି ଯାଉଥିଲେ । ଆପଣ ଅ.ସ କହିଲେ, "ଏକଥା ଠିକ୍ ଓ ଆମର ମଧ୍ୟ ଆନ୍ତରୀକ କାମନା ରହିଛି ଯେ, ହଜ୍‌କୁ ଯିବା ଉଚିତ୍ । କିନ୍ତୁ ମୁଁ ଏହା ଭାବେ ଯେ, ମୁଁ କ'ଣ ଆଁହଜରତ୍ ସ.ଅଙ୍କ କବର (ସମାଧି) କୁ ଦେଖି ପାରିବି କି ? ଏହା ବିଶେଷତଃ ପାରିବାରିକ ପରିବେଶର ପ୍ରକାଶ୍ୟ ରୂପେ ଏକ ସାମାନ୍ୟ କଥା ଅଟେ । କିନ୍ତୁ ଯଦି ବିଚାର କରାଯାଏ ତେବେ ତହିଁରେ ସେହି ଉଚ୍ଚ ଲହଡ଼ି ଖେଳୁଥିବା ଦୃଶ୍ୟମାନ ହୋଇଥାଏ ଯାହା ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଓ ପରିଷ୍କାର ହୃଦୟରେ ତରଙ୍ଗାୟିତ ହେଉଥିଲା । କେଉଁ ବ୍ୟକ୍ତି ବା ହଜ୍ କରିବାକୁ ଚାହେଁ ନାହିଁ । କିନ୍ତୁ ସେହି ବ୍ୟକ୍ତିର ଅସୀମ ପ୍ରେମର ଆକଳନ କରନ୍ତୁ ଯାହାର ଆତ୍ମା ହଜ୍ କଥାକୁ ଭାବି ଭାବି ପତଙ୍ଗ ପରି ପବିତ୍ରାବତାର ହ.ମୁହମ୍ମଦ ସ.ଅ (ଆପଣ ସ.ଅଙ୍କ ଉପରେ ମୋ ଆତ୍ମା ଉତ୍ସର୍ଗ ହୋଇଯାଉ)ଙ୍କ କବର (ସମାଧି) ପର୍ଯ୍ୟନ୍ତ ପହଞ୍ଚି ଯାଉଛି ଓ ତା' (ଆପଣ ଅ.ସଙ୍କ) ଚକ୍ଷୁର ଲୁହ ଧାର ଧାର ହୋଇ ବହି ଯାଉଛି । "**(ସିରତ୍ ତୈୟେବା, ପୃ-35, 36, ପ୍ରକାଶକ-ନଜାରତ୍ ନଶ୍ରୋ ଇଶାଅତ୍, ଜୁଲାଇ 2008 ମସିହା)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱଭାବ ଅତ୍ୟନ୍ତ କୋମଳ ଓ ଦୟାର୍ଦ୍ର ସାକ୍ଷାତ୍ ମାନବବତ୍ସଳତା ତଥା ବ୍ୟକ୍ତିତ୍ୱର ଅଧିକାରୀ ଥିଲା । କିନ୍ତୁ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ସମ୍ମାନ ଏବଂ ମର୍ଯ୍ୟାଦାହାନୀ, ଅଶିଷ୍ଟତାମୂଳକ ଶବ୍ଦ ଯେତେବେଳେ ଆପଣ ଶୁଣୁଥିଲେ ସେତେବେଳେ ଆପଣ ଅ.ସ ସ୍ୱାଭିମାନୀ ହୋଇଯାଉଥିଲେ । ଏକ ଅବସରରେ ଆପଣ ଅ.ସ ବିରୋଧୀମାନଙ୍କ ଅଶିଷ୍ଟ ଓ ଅସଭ୍ୟ ଭାଷା ପ୍ରୟୋଗକାରୀ ବିରୋଧୀମାନଙ୍କ ସଂପର୍କରେ କହିଲେ, "ସେହି ବିରୋଧୀମାନଙ୍କର ହୃଦୟ ବିଦାରକ ବ୍ୟଙ୍ଗ ବିଦ୍ରୂପ କଥା ଯାହା ସେମାନେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ବିପକ୍ଷରେ ପ୍ରୟୋଗ କରୁଛନ୍ତି ତାହା ମୋର ହୃଦୟକୁ ମର୍ମାହତ କରିଦେଇଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୋର ସମସ୍ତ ସନ୍ତାନ ଏବଂ ସନ୍ତାନମାନଙ୍କର ସନ୍ତାନ, ମୋର ସମସ୍ତ ବନ୍ଧୁ ଏବଂ ମୋର ସମସ୍ତ ସହଯୋଗୀ ସହାୟକମାନଙ୍କୁ ମୋ ଚକ୍ଷୁ ସମ୍ମୁଖରେ ଯଦି ହତ୍ୟା କରିଦିଆଏ ଏବଂ ସ୍ୱୟଂ ମୋର ହସ୍ତ ଓ ପାଦକୁ ବିରୋଧୀମାନେ କାଟି ଦିଅନ୍ତି ଓ ମୋ ନୟନ ପିତୁଳାକୁ ବା ଡୋଳାକୁ କାଢି ନିଅନ୍ତି, ମୁଁ ନିଜର ସମସ୍ତ କାମନା ଏବଂ ଅଭିଳାଷାରୁ ବଞ୍ଚିତ କରିଦିଆଯାଏ ଏବଂ ନିଜର ସମସ୍ତ ପରିଜନ, ସଂପର୍କୀୟ ତଥା ଆତ୍ମୀୟ ସ୍ୱଜନ ଓ ସମସ୍ତ ସୁଖ ସମୃଦ୍ଧିକୁ ମୁଁ ଯଦି ହରାଇ ବସେ ତେବେ ମଧ୍ୟ ଉପରୋକ୍ତ ସମସ୍ତ କଥା ତୁଳନାରେ ମୋ ପାଇଁ ଉକ୍ତ ଆଘାତ (ଆଁହଜରତ ସ.ଅଙ୍କ ପ୍ରତି ଅସଦାଚରଣ ଓ ମର୍ଯ୍ୟାଦାହାନୀ) ସର୍ବାଧିକ କଷ୍ଟଦାୟକ ଅଟେ । କାରଣ ରସୁଲେ ଅକ୍ରମ୍ ସ.ଅଙ୍କ ଉପରେ ଏପରି ଅପବିତ୍ର ଆକ୍ରମଣ କରାଯାଇଛି ।"**(ଆଇନା କମାଲାତେ ଇସଲାମ୍ର ଅନୁବାଦ, ରୁହାନୀ ଖଜାଏନ୍, ଭାଗ-5, ପୃ-15/ଆରବୀ ଭାଗର ଅନୁବାଦ)**

ସେହିପରି ଆପଣ ଅ.ସ କୁହନ୍ତି; "ମୁଁ ସତ ସତ କହୁଛି ମୁଁ ବଣ ଜଙ୍ଗଲର ସର୍ପ ଏବଂ ମରୁଭୂମିର ଗଧିଆମାନଙ୍କ ସହିତ ସନ୍ଧି ସ୍ଥାପନ କରିପାରିବି । କିନ୍ତୁ ସେହି ଲୋକମାନଙ୍କ ସହିତ ମୁଁ ସନ୍ଧି କଦାପି ସ୍ଥାପନ କରି ପାରିବି ନାହିଁ ଯେଉଁମାନେ ଆମର ପ୍ରିୟାବତାର ହ. ମୁହମ୍ମଦ ସ.ଅଙ୍କ ଉପରେ ଯାହାଙ୍କୁ ଆମେ ନିଜର ମାତାପିତାଙ୍କ ଛାରୁ ବି ବେଶୀ ଭଲ ପାଉ ତାହାଙ୍କ ଉପରେ ଅପବିତ୍ର ଆକ୍ରମଣ କରି ଥାଆନ୍ତି।"

**(ପୈଗାମେ ସୁଲାହ୍, ରୁହାନୀ ଖଜାଏନ୍, ଭାଗ-23, ପୃ-459)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ହ. ମସିହ୍ ମଉଦ୍ ଅ.ସଙ୍କ ହୃଦୟରେ ନିଜର ପ୍ରିୟ ମୁନିବଙ୍କ ପ୍ରତି ଯେଉଁ ପ୍ରକୃତ ଓ ଅଦୃଷ୍ଟାନ୍ତନୀୟ ପ୍ରେମ ରହିଥିଲା ତାହାର ସାକ୍ଷ୍ୟ ଏକ ସମାଜ (ଗୋଷ୍ଠୀ) ମଧ୍ୟ ରହିଛି । ଅର୍ଥାତ୍ ପର ଏବଂ ଆପଣା ସମସ୍ତେ ଏହାର ସାକ୍ଷ୍ୟ ଅଟନ୍ତି ଏବଂ ଏହାର ସ୍ୱୀକାରୋକ୍ତି ମଧ୍ୟ ପ୍ରକାଶ କରିଛନ୍ତି । ଦେବଦୂତମାନଙ୍କର ସାକ୍ଷ୍ୟ ଉପସ୍ଥିତ ରହିଛି । ଇସ୍‌ଲାମ୍ ଧର୍ମକୁ ଜୀବିତ କରିବା ନିମନ୍ତେ ଏକ ଜୀବନ ଦାତାର ସନ୍ଧାନ କରୁ କରୁ ଦେବଦୂତମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଆଡ଼କୁ ଇଙ୍ଗିତ କରି ସାକ୍ଷ୍ୟ ପ୍ରଦାନ କଲେ ଯେ, هٰذَا رَجُلٌ يُّحِبُّ رَسُوْلَ اللّٰهِ ଅର୍ଥାତ୍ ଏ ହେଉଛି ସେହି ବ୍ୟକ୍ତି ଯିଏ ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା ଭାବ ପ୍ରଦର୍ଶନ କରୁଛି । ଉକ୍ତ କଥନରୁ ଏହା ତାତ୍ପର୍ଯ୍ୟ ଥିଲା କି ଉକ୍ତ ଅଙ୍ଗୀକାର ନିମନ୍ତେ ସବୁଠୁ ମହାନ ସର୍ତ୍ତ ହେଲା ବାର୍ତ୍ତାବହଙ୍କୁ ଭଲ ପାଇବା । ଅତଏବ୍ ଉକ୍ତ ବ୍ୟକ୍ତି ମଧ୍ୟରେ ସେହି ପ୍ରେମ ସନ୍ଧାନ କରାଯାଇଛି ।"

**(ବରାହିନେ ଅହମଦିୟା, ଭାଗ-4 ରୁହାନୀ ଖଜାଏନ୍, ଭାଗ-1, ପୃ-598)**

ହ. ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅଙ୍କ ପ୍ରତ୍ୟେକ୍ଷ ସାକ୍ଷ୍ୟ ପ୍ରଦାନ କରିଛନ୍ତି । "ମୁଁ ସ୍ୱୟଂକୁ ସେତେବେଳେ ଅବଲୋକନ କଲି ଯେତେବେଳେ ମୁଁ 2 ବର୍ଷର ବାଳକ ଥିଲି । ପୁନଶ୍ଚ ଆପଣ ଅ.ସ ମୋର ସେହି ଚକ୍ଷୁରୁ ସେତେବେଳେ ଅଦୃଶ୍ୟ ହୋଇଗଲେ ଯେତେବେଳେ ମୁଁ 27 ବର୍ଷର ଯୁବକଟିଏ ଥିଲି । କିନ୍ତୁ ମୁଁ ଈଶ୍ୱରଙ୍କ ଶପଥ କରି ବର୍ଣ୍ଣନା କରୁଛି ଯେ, ମୁଁ ଆପଣ ଅ.ସଙ୍କ ଅପେକ୍ଷା ରସୁଲୁଲ୍ଲାଃ ସ.ଅଙ୍କ ପ୍ରେମରେ ନିମଜ୍ଜିତ ଥିବା ଅନ୍ୟ କୌଣସି ବ୍ୟକ୍ତିକୁ ଦେଖି ନାହିଁ । .............. ଯଦି ହ. ଆଏଶା ର.ଅ ଆଁହଜରତ ସ.ଅଙ୍କ ସଂପର୍କରେ ଉକ୍ତ ସତ୍ୟ କଥା କହିଥିଲେ ଯେ, كَانَ خُلُقُهُ الْقُرْاٰن ତେବେ ଆମେମାନେ ମଧ୍ୟ ହ. ମସିହ୍ ମଉଦ୍ ଅ.ସ ସଂପର୍କରେ କେବଳ ଏହା ହିଁ କହି ପାରିବା ଯେ, كَانَ خُلُقُهُ حُبَّ مُحَمَّدٍ وَّ اٰتِّبَاعِهِ عَلَيْهِ الصَّلٰوةُ وَ السَّلَام ।"**(ସିରତୁଲ୍ ମେହଦୀ, ବର୍ଣ୍ଣନା ସଂଖ୍ୟା-975, ପ୍ରକାଶକ-ନଜାରତ୍ ନଶ୍ରୋ ଇଶାଅତ୍, ଜୁଲାଇ 2008 ମସିହା)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଭାରତ ଓ ପାକିସ୍ତାନର ଖ୍ୟାତି ସମ୍ପନ୍ନ ଲେଖକ ମିର୍ଜା ଫରହତୁଲ୍ଲାଃ ବେଗ୍ ସାହେବଙ୍କ ସାକ୍ଷ୍ୟ ମଧ୍ୟ ଶ୍ରବଣଯୋଗ୍ୟ (ଉଲ୍ଲେଖଯୋଗ୍ୟ) ଅଟେ। ସେ ଉଲ୍ଲେଖ କରନ୍ତି ଯେ, ତାଙ୍କର ଚଚା ମିର୍ଜା ଇନାୟତୁଲ୍ଲାଃ ବେଗ୍ ସାହେବ ତାଙ୍କୁ ଥରେ ତାଗିଦ୍ କଲେ ଯେ, ମୁଁ ଯେତେବେଳେ ମିର୍ଜା ଗୁଲାମ୍ ଅହେମଦ୍ ସାହେବଙ୍କୁ ଭେଟିବାକୁ ଯିବି ସେତେବେଳେ ମୁଁ ତାଙ୍କର ଚକ୍ଷୁକୁ ଧ୍ୟାନପୂର୍ବକ ଦେଖିକି ଆସିବି । ସେ ଉଲ୍ଲେଖ କରନ୍ତି ଯେ, ଅତଏବ୍ ମୁଁ କାଦିୟାନ୍ ଗଲି । ହୁଜୁରଙ୍କ ଚକ୍ଷୁକୁ ଧ୍ୟାନପୂର୍ବକ ଯେତେବେଳେ ଦେଖିଲି ସେତେବେଳେ ସେହି ଚକ୍ଷୁରେ ସବୁଜ ରଙ୍ଗର ଜଳ ଘୂର୍ଣ୍ଣନ ହେଉଥିବାର ମୋତେ ଦିଶିଲା । ମୁଁ ଫେରି ଆସି ନିଜର ଚଚାଙ୍କ ସମ୍ମୁଖରେ ଉକ୍ତ ଘଟଣାର ଚର୍ଚ୍ଚା ଯେତେବେଳେ କଲି ସେତେବେଳେ ଆପଣ କହିବାକୁ ଲାଗିଲେ: "ଫରହତ୍ ଦେଖ ! ଉକ୍ତ ବ୍ୟକ୍ତିକୁ କେବେ ବି ତୁମେ ଖରାପ୍ ବ୍ୟକ୍ତି ବୋଲି କହିବ ନାହିଁ । କାରଣ ଉକ୍ତ ବ୍ୟକ୍ତି ହେଉଛି ଜଣେ ସାଧୁ ଏବଂ ଦୀନ ଦରିଦ୍ର ବ୍ୟକ୍ତି । ଏହି ବ୍ୟକ୍ତି ଆଁହଜରତ ସ.ଅଙ୍କ ପ୍ରେମିକ ଅଟନ୍ତି । ମିର୍ଜା ଫରହତୁଲ୍ଲାଃ ବେଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ଚଚାଙ୍କୁ ପଚାରିଲି ଯେ, ହେ ଚଚା ! ଆପଣ ଏକଥା କିପରି ଜାଣିଲେ ? ତେବେ ପ୍ରତ୍ୟୁତ୍ତରରେ କହିଲେ, ଯେଉଁ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କର ପ୍ରେମିକ ଓ ରସୁଲୁଲ୍ଲାଃ ସ.ଅଙ୍କୁ ଭଲ ପାଏ, ଯିଏ ନିଜର ପ୍ରିୟତମଙ୍କୁ ସର୍ବଦା ମନେ ପକାଏ, ପ୍ରିୟତମଙ୍କ ଚିନ୍ତାରେ ନିମଗ୍ନ ରହିଥାଏ ତେବେ ସେହି ବ୍ୟକ୍ତିର ଚକ୍ଷୁ ସବୁଜ ବର୍ଣ୍ଣନା ହୋଇଯାଇଥାଏ ଏବଂ ସେହି ବ୍ୟକ୍ତିର ଚକ୍ଷୁରେ ସବୁଜ ରଙ୍ଗର ଲହରୀ ଖେଳି ଯାଇଥାଏ ।" **(ତାରିଖେ ଅହେମଦିୟତ୍, ଭାଗ-3, ପୃ-579-580)**

ସେହିପରି ଆଉ ଏକ ବିଶ୍ୱାସବର୍ଦ୍ଧକ ସାକ୍ଷ୍ୟ ଶୁଣନ୍ତୁ । 1୫୫୯ ମସିହାରେ ବମ୍ବେ (ଅଧୁନା ମୁମ୍ବାଇ)ର ସେଠ୍ ଇସ୍‌ମାଇଲ୍ ଆଦମ୍ ସାହେବ ନିଜର ପୀର୍ ରଶିଦୁଦ୍ଦିନ୍ ସାହେବ ଅଲ୍‌ଇଲମ୍ ରହେମତୁଲ୍ଲାଃ ଅଲୈହ୍‌ଙ୍କ ଠାରୁ ହ. ମିର୍ଜା ଗୁଲାମ୍ ଅହେମଦ ସାହେବ ଦାକିୟାନୀଙ୍କ ଦାବି ସଂପର୍କରେ ଶପଥମୂଳକ ବିବୃତ୍ତି ମାଗିଲେ ଏବଂ ମାର୍ଗଦର୍ଶନ ନିମନ୍ତେ ନିବେଦନ କଲେ । ପୀର ସାଇ ନିଜର ପ୍ରତ୍ୟୁତ୍ତରମୂଳକ ପତ୍ରରେ ତିନୋଟି ପୁଷ୍ଟିମୂଳକ ସାକ୍ଷ୍ୟ ଉଲ୍ଲେଖ କଲେ । 1- ଦିନେ ନମାଜେ ମଗରିବ୍ ଓ ନମାଜେ ଇଶା ମଧ୍ୟରେ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରି ସ୍ୱପ୍ନାବସ୍ଥାରେ ଆଁହଜରତ ସ.ଅଙ୍କୁ ମୁଁ ଯେତେବେଳେ ଦେଖିଲି ସେତେବେଳେ ମୁଁ ଆପଣ ସ.ଅଙ୍କୁ ପ୍ରଶ୍ନ କଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏ ମିର୍ଜା ଗୁଲାମ୍ କାଦିୟାନି ପୁଣି କିଏ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ,"ازماست" ଅର୍ଥାତ୍ ଉକ୍ତ ବ୍ୟକ୍ତି ଅର୍ଥାତ୍ ମିର୍ଜା ଗୁଲାମ୍ ଅହେମଦ ଆମ ତରଫରୁ ଅଟେ । **(ଅବଶିଷ୍ଟାଂଶ.......................... ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan